ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

BHUBANESWAR

◆VOLUME- 44 ◆ISSUE-37 ◆FRIDAY ◆31 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୩୭ ◆ଶୁକ୍ରବାର ◆୩୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ଜାତୀୟ କ୍ରୀଡ଼ାରେ ରଙ୍ଗବଦଳ

# ଗେରୁଆ ହେଲା ‘ମେନ୍ ଇନ୍ ବ୍ଲୁ’




■ ନୂଆଦିଲ୍ଲୀ, ୩୦।୭ (ସମିସ): ଭାରତୀୟ ହକି ଦଳର ଜର୍ସି ରଙ୍ଗ ନୀଳରୁ କମଳା କରିବାକୁ ନିଆଯାଇଛି ନିଷ୍ପତ୍ତି। ଯାହାକୁ ନେଇ ଜାତୀୟସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ହକି ଦଳ ପୋଷାକର ରଙ୍ଗ ପରିବର୍ତ୍ତନ ପରେ ‘ମେନ୍ ଇନ୍ ବ୍ଲୁ’, ‘ଓମେନ୍ ଇନ୍ ବ୍ଲୁ’ ଏବେ ଇତିହାସ ପାଲଟିଛି। ଖେଳାଳି ଓ କ୍ରୀଡ଼ା ପ୍ରଶାସକମାନେ ଏହାକୁ କଟୁ ସମାଲୋଚନା କରିଛନ୍ତି। ଓଡ଼ିଶା ସରକାର ବର୍ତ୍ତମାନ ଜାତୀୟ ହକିର ପ୍ରାୟୋଜକ ଥିବାରୁ ସରକାରଙ୍କ ଚାପରେ ଏହି ରଙ୍ଗ ପରିବର୍ତ୍ତନ ହୋଇଥିବା ନେଇ ସାଧାରଣରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। କ୍ରୀଡ଼ାର ଏପରି ରାଜନୀତିକରଣକୁ କ୍ରୀଡ଼ାବିତ୍, ବୁଦ୍ଧିଜୀବୀ ତଥା ସାଧାରଣ ଲୋକେ ନାପସନ୍ଦ କରିଛନ୍ତି।

ଆସନ୍ତା ମାସରେ ହେବାକୁ ଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍ ପାଇଁ ଭାରତୀୟ ହକି ଦଳର ପାରମ୍ପରିକ ନୀଳ ପୋଷାକ ବଦଳରେ ଗେରୁଆ ଜର୍ସି ବ୍ୟବହାରକୁ ନେଇ ବିବାଦ ସୃଷ୍ଟି ହୋଇଛି। ପୂର୍ବତନ

**ପ୍ରଶ୍ନ ଉଠାଇଲେ ପୂର୍ବତନ ଖେଳାଳି**

**ବିଜେପି-ଆର୍‌ଏସ୍‌ଏସ୍‌କୁ ପ୍ରିୟଙ୍କା ଗାନ୍ଧୀଙ୍କ ସମାଲୋଚନା**

ଅଧିନାୟକ ବିରେନ୍ ରସ୍କିନ୍‌ହାଙ୍କ ସମେତ ଅନେକ ପ୍ରଶଂସକ ଏହି ନିଷ୍ପତ୍ତିକୁ ନାପସନ୍ଦ କରିବା ସହ ଦଳର ପାରମ୍ପରିକ ପରିଚୟ ବଦଳାଇବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଏହାର ସମାଲୋଚନା କରିଛନ୍ତି। ସଂସଦ ଭବନ ପରିସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରିୟଙ୍କା କହିଛନ୍ତି ଯେ ସରକାର ଚାହିଁଲେ ପୋଷାକର ରଙ୍ଗ କିମ୍ବା ଶିକ୍ଷା ନୀତି ମାଧ୍ୟମରେ ଇତିହାସ ବଦଳାଇବାକୁ ଚେଷ୍ଟା କରିପାରନ୍ତି। କିନ୍ତୁ ଭାରତର ଆତ୍ମା ଓ ମୂଳ ଆଦର୍ଶକୁ କେହି ବଦଳାଇ ପାରିବେ ନାହିଁ। ସତ୍ୟ, ଅହିଂସା, ଭାତୃଭାବ ଓ ଏକତା ଉପରେ ଦେଶର ମୂଳଦୁଆ ଆଧାରିତ। ସ୍ୱାଧୀନତା ସଂଗ୍ରାମ ସତ୍ୟ ଓ ଅହିଂସା ଉପରେ ଆଧାରିତ ଥିଲା ଏବଂ ସେଥିରେ ଆର୍‌ଏସ୍‌ଏସ୍‌ର କୌଣସି ଯୋଗଦାନ ନଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଯନ୍ତରମନ୍ତରରେ ଏକାଠି ହୋଇଥିବା ଯୁବକମାନଙ୍କ ସ୍ୱର ହିଁ ପ୍ରକୃତ ଦେଶର ସ୍ୱର ବୋଲି ଦର୍ଶାଇ, ଜର୍ସି ରଙ୍ଗ ପରିବର୍ତ୍ତନ ଦ୍ୱାରା ଦେଶବାସୀଙ୍କ ମନୋଭାବକୁ ବଦଳାଯାଇପାରିବ ନାହିଁ ▶ପୃଷ୍ଠା-୭

# କ୍ରୀଡ଼ାପ୍ରେମୀଙ୍କ ଭାବନାକୁ ଗଭୀର ଆଘାତ: ନବୀନ

### “ଜାତୀୟ ପ୍ରତୀକ ଦେଶବାସୀଙ୍କୁ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ, ଭାଗଭାଗ ପାଇଁ ନୁହେଁ”



**ନୀଳ ରଙ୍ଗରେ ଭରିରହିଛି କ୍ରୀଡ଼ା ଐତିହ୍ୟ ସହ ଯୋଡ଼ି ହୋଇଥିବା ଆବେଗ**

**ଦୁଇ ବର୍ଷ ହେଲାଣି କେବଳ ରଙ୍ଗ ବଦଳ ନିଶାରେ ମାତିଛନ୍ତି ସରକାର**

■ ଭାରତୀୟ ଜାତୀୟ କ୍ରୀଡ଼ା ଜର୍ସିର ରଙ୍ଗ ପରିବର୍ତ୍ତନକୁ ନାପସନ୍ଦ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟ ବିଜେପି ସରକାରଙ୍କ ଏପରି ମାନସିକତାକୁ ସମାଲୋଚନା କରିବା ସହ ଏହା ନିମ୍ନମାନର ରାଜନୀତି ବୋଲି ନବୀନ କହିଛନ୍ତି। ଜାତୀୟ ପ୍ରତୀକଗୁଡ଼ିକ ଆମକୁ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ; ଭାଗ ଭାଗ କରିବା ପାଇଁ ନୁହେଁ। ଏହା ସାରା ଦେଶର ଲକ୍ଷ ଲକ୍ଷ କ୍ରୀଡ଼ାପ୍ରେମୀଙ୍କ ଭାବନାକୁ ଆଘାତ ପହଞ୍ଚାଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଭାରତୀୟ ହକି ଟିମ୍‌ର କିମ୍ବଦନ୍ତୀ ଜର୍ସି ରଙ୍ଗକୁ ଗେରୁଆ ରଙ୍ଗରେ ପରିବର୍ତ୍ତନ କରାଯାଇଥିବା ଜାଣି ମୁଁ ଗଭୀର ଭାବେ ମର୍ମାହତ। ଭାରତୀୟ ହକି ଟିମ୍‌ର ଏହି ନୀଳ ରଙ୍ଗ କେବଳ ଗୋଟିଏ ରଙ୍ଗ ନୁହେଁ। ଏହା ଦେଶର କ୍ରୀଡ଼ା ଐତିହ୍ୟ ସହ ▶ପୃଷ୍ଠା-୭

# ମାଡ଼ିଆସୁଛି ‘ମହା’ ବନ୍ୟା

- ଉତ୍ତର ଓଡ଼ିଶାରେ ଖସୁଛି ପ୍ରମୁଖ ନଦୀର ଜଳସ୍ତର
- ଉପକୂଳକୁ ବିପଦ ଆଣିଲା ମହାନଦୀ ପାଣି
- ମୁଣ୍ଡଳୀ ଛାଡ଼ିଲା ୯ ଲକ୍ଷ କ୍ୟୁସେକ୍ ବନ୍ୟାଜଳ
- ଫୁଲୁଛି ମହାନଦୀର ସବୁ ଶାଖାନଦୀ
- କଟକ, ଜଗତସିଂହପୁର, ପୁରୀ ଜିଲ୍ଲାକୁ ବିପଦ
- ସତର୍କ ସଙ୍କେତ ଉପରେ ବୈତରଣୀ ଓ ଜଳକା



■ ଭୁବନେଶ୍ୱର, ୩୦।୭ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଗମ୍ଭୀର ଅବସ୍ଥା ଧାରଣ କରିଛି। ଯଦିଓ ପ୍ରମୁଖ ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି, ତଥାପି ଏବେ ବି ଶତାଧିକ ଗାଁ ଜଳମଗ୍ନ ଅବସ୍ଥାରେ ରହିଛି। ବୈତରଣୀ ନଦୀ ଆଖୁଆପଦାଠାରେ ହ୍ରାସ ପାଇ ସତର୍କ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ କେବଳ ଜଳକା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗରେ ଜଳସ୍ତର କମୁଥିବା ସମୟରେ ମହାନଦୀ ସ୍ଥିତି ଏବେ ଏକାଧିକ ଜିଲ୍ଲା ପାଇଁ ଚିନ୍ତା ବଢ଼ାଇଛି। ମହାନଦୀରେ ସନ୍ଧ୍ୟା ସୁଦ୍ଧା ପାଖାପାଖି ୯ ଲକ୍ଷ କ୍ୟୁସେକ ପାଣି ଚାଲୁଥିବାରୁ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ସ୍ଥିତି ଏବେ ବଡ଼ ଆହ୍ୱାନ ସାଜିଛି।

ମହାନଦୀରେ ଟଳମଳ ଅବସ୍ଥା ବେଳେ ଆଗାମୀ ୧୮-୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ହୀରାକୁଦ ଜଳଭଣ୍ଡାରରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୨ଟି ଗେଟ୍ ଖୋଲା ରହିଥିଲେ ମଧ୍ୟ ତଳ ମୁଣ୍ଡରେ ମାତ୍ରାଧିକ ବର୍ଷା ଯୋଗୁଁ ମହାନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହି ସମୟରେ ଛତିଶଗଡ଼ରେ ହୋଇଥିବା ପ୍ରବଳ ବର୍ଷା ଓ ରୁଲ୍ କର୍ଭ ଅନୁଯାୟୀ ଏବେ ହୀରାକୁଦରେ ଆବଶ୍ୟକତାଠାରୁ ଅଧିକ ପାଣି ଥିବାରୁ ସେଠାରେ ଏବେ ଅଧିକ୍ ଗେଟ୍ ଖୋଲିବା ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି। ପୂର୍ବରୁ ମୁଣ୍ଡଳୀ ଦେଇ ୧୦ ଲକ୍ଷ ▶ପୃଷ୍ଠା-୭

## ୬୨୧ ଫୁଟ୍ ଡେଇଁଲା ହୀରାକୁଦ ଜଳସ୍ତର

■ ସମ୍ବଲପୁର, ୩୦।୭ (ସମିସ) : ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର ଡ୍ୟାମ ଓ ବ୍ୟାରେଜରୁ ଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇଛି। ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱ ଓ ଡାହାଣ

**ଆଜି ଖୋଲିପାରେ ୧୨ ଗେଟ୍**

ପାର୍ଶ୍ୱ ଗୋଟିଏ ଲେଖାଏ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳସ୍ତର ବୃଦ୍ଧି ପାଉଥିବାରୁ ଆସନ୍ତାକାଲି ▶ପୃଷ୍ଠା-୭

### ଛାତ୍ରଙ୍କ ଉପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ

## ସଂସଦରେ ହଟ୍ଟଗୋଳ ଜାରି

■ ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଗତ ଜୁଲାଇ ୨୦ ତାରିଖରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ଉପରେ ପୁଲିସର ଅମାନୁଷିକ ଓ ବର୍ବର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ସଂସଦରେ ଆଜି ଅଷ୍ଟମ ଦିନ ଧରି ହଟ୍ଟଗୋଳ ଲାଗି ରହିଛି। ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମାଡ଼ କରିବା ଲାଗି କିଏ ଓ କେଉଁ ପରିସ୍ଥିତିରେ ନିର୍ଦ୍ଦେଶ ଦେଇଥିଲା, ତାହାର ଉତ୍ତର ଦାବିରେ ବିରୋଧୀ ଦଳ ପ୍ରବଳ ହଟ୍ଟଗୋଳ କରିଛନ୍ତି। ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନପତ୍ର ଲିକ୍ ବିଲ୍ ଏବଂ ବନ୍ଦେ ମାତରମ ବିଲ୍ ସଂସଦରେ ପାରିତ ହୋଇଯାଇଛି। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।

**ସଂସଦରେ ‘ପ୍ରଶ୍ନପତ୍ର ଲିକ୍ ନିରୋଧୀ’ ଓ ‘ବନ୍ଦେ ମାତରମ୍’ ବିଲ୍ ପାରିତ**

ହଟ୍ଟଗୋଳ ମଧ୍ୟରେ ରାଜ୍ୟସଭାରେ ଆଜି ପ୍ରଶ୍ନପତ୍ର ଲିକ୍ ବିରୋଧୀ ବିଲ ଆଗତ ହୋଇଥିଲା। ଗତକାଲି ଲୋକସଭାରେ ଏହା ଅନୁମୋଦିତ ହୋଇଥିବା ବେଳେ ଆଜି ରାଜ୍ୟସଭାରେ ଆଗତ କରାଯାଇଥିଲା। ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ପ୍ରକୃତ ସମସ୍ୟାକୁ ଦୂର କରିବା ଲାଗି ଏହି ବିଲରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ମୂଳ ସମସ୍ୟା ଭିତରକୁ ନଯାଇ କେବଳ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ଶାନ୍ତ କରିବା ଲାଗି ଏଥିରେ ସଂଶୋଧନ କରାଯାଇଛି। ଭବିଷ୍ୟତରେ ଯେପରି ପ୍ରଶ୍ନପତ୍ର ଲିକ୍ ନହେବ, ସେଥିଲାଗି ଏଥିରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଆଲୋଚନା ପରେ ଏହି ବିଲ୍ ଗୃହୀତ ହୋଇଥିଲା। ଗତକାଲି ଏହା ଲୋକସଭାରେ ପାସ୍ ହୋଇଥିଲା।

ଅନ୍ୟପକ୍ଷରେ ଲୋକସଭାରେ ଆଜି ଅଷ୍ଟମ ଦିନ ଧରି ହଟ୍ଟଗୋଳ ଜାରି ରହିଥିଲା। ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳ ହଙ୍ଗାମା ଜାରି ରଖିବାରୁ ଗୃହକୁ ବାରମ୍ବାର ମୁଲତବୀ ▶ପୃଷ୍ଠା-୭

### ମହାନଦୀ ଜଳବିବାଦ

## କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତ୍ରିପାକ୍ଷିକ ବୈଠକ




**ଯୋଗଦେଲେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ**

**ଦୀପାବଳି ସୁଦ୍ଧା ହେବ ସମସ୍ୟାର ସମାଧାନ: ମୋହନ ମାଝୀ**

■ ଭୁବନେଶ୍ୱର, ୩୦।୭ (ସମିସ): ମହନଦୀ ଜଳ ବିବାଦ ପ୍ରସଙ୍ଗରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଛି ତ୍ରିପାକ୍ଷିକ ବୈଠକ। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର. ପାଟିଲଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ଦୁଇ ରାଜ୍ୟର ମୁଖ୍ୟ ସଚିବ ଓ ଉଚ୍ଚ ଅଧିକାରୀମାନେ ଯୋଗ ଦେଇଛନ୍ତି। ବୈଠକଟି ଖୁବ୍ ସକରାତ୍ମକ ଥିବା କୁହାଯାଉଛି ଏବଂ ୩ ମାସ ମଧ୍ୟରେ ଜଳବିବାଦ ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଶାବାଦୀ ଅଛନ୍ତି।


ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କର ଅଧ୍ୟକ୍ଷତାରେ ମହାନଦୀ ଜଳବଣ୍ଟନ ଏବଂ ପରିଚାଳନା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଓଡ଼ିଶାର ଅଧିକାର, ଚାଷୀକୂଳର ଭବିଷ୍ୟତ ଏବଂ ରାଜ୍ୟର ଜଳସମ୍ପଦର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆମର ପକ୍ଷ ଦୃଢ଼ତାର ସହ ଉପସ୍ଥାପନ କରିଛୁ। ଉଭୟ ରାଜ୍ୟ ମଧ୍ୟରେ ଗଠନମୂଳକ ଆଲୋଚନା, ପାରସ୍ପରିକ ସହଯୋଗ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ▶ପୃଷ୍ଠା-୭

### ଘୋଷଣାକୁ ପୂରିଲା ଦୁଇବର୍ଷ

## ମାଗଣା ମହାପ୍ରସାଦ କେବେ ?

■ ପୁରୀ, ୩୦।୭ (ସମିସ): କେବେ ଭକ୍ତଙ୍କୁ ମିଳିବ ମାଗଣା ମହାପ୍ରସାଦ? ୨୦୨୪ ଅଗଷ୍ଟ ମାସରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରୀମନ୍ଦିରକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ମାଗଣାରେ ମହାପ୍ରସାଦ ଦିଆଯିବ ବୋଲି ଘୋଷଣା କରିଥିଲେ। ସେହି ଘୋଷଣାକୁ ଏବେ ଦୁଇବର୍ଷ ପୂରିବାକୁ ଯାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏ ନେଇ କୌଣସି ସ୍ପଷ୍ଟ ରୂପରେଖ ବାହାରି ନାହିଁ। ଏମିତି କି, କେବେଠୁ ଏବଂ କେମିତି ବଣ୍ଟନ ହେବ ସେ ନେଇ କୌଣସି ସ୍ୱତନ୍ତ୍ର ବୈଠକ ମଧ୍ୟ ବସିନାହିଁ। ଫଳରେ ଏହି ଘୋଷଣା ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଶ୍ରୀମନ୍ଦିରକୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ଆସନ୍ତି। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପ୍ରାୟ ସମସ୍ତଙ୍କର ମହାପ୍ରଭୁଙ୍କ ମହାପ୍ରସାଦ ପାଇବାକୁ ଇଚ୍ଛା ଥାଏ। କିନ୍ତୁ ଆନନ୍ଦ ବଜାରରୁ ଅବଢ଼ା କିଣିବା ସମସ୍ତଙ୍କ ପାଇଁ ସମ୍ଭବ ହୋଇପାରେ ନାହିଁ। କିଏ ଆର୍ଥିକ ଅସୁବିଧା ତ ଆଉ କେହି ସମୟ ଅଭାବରୁ ଦର୍ଶନ କରି ଫେରିଯା’ନ୍ତି। ସେମାନଙ୍କ ପାଇଁ ମାଗଣା ପ୍ରସାଦ ଏକ ବଡ଼ ଆଶ୍ୱାସନା ହୋଇପାରିଥା’ନ୍ତା।

୨୦୨୬ ମସିହା ଅକ୍ଷୟ ତୃତୀୟାରୁ ଶ୍ରୀମନ୍ଦିର ପ୍ରଶାସନ ଓ ସୁଆର ମହାସୁଆର ନିଯୋଗର ମିଳିତ ସହଯୋଗରେ ▶ପୃଷ୍ଠା-୭



# ମେଡିକାଲ ପିଜି ସେମିଷ୍ଟାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ !

### ଏମ୍‌କେସିଜି ପରୀକ୍ଷା କେନ୍ଦ୍ରରୁ ସିଧା ହ୍ୱାଟ୍ସଆପକୁ ଯାଉଛି ପ୍ରଶ୍ନପତ୍ର

■ ବ୍ରହ୍ମପୁର, ୩୦।୭ (ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ଘଟଣାକୁ ନେଇ ଦେଶରେ ଛାତ୍ର ଆନ୍ଦୋଳନ ଓ କେନ୍ଦ୍ରମନ୍ତ୍ରୀ ଇସ୍ତଫା ଦେଇଥିବା ବେଳେ ଅଲ୍ ଓଡ଼ିଶା ମେଡିକାଲ ପିଜି ଶେଷ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ମେଡିକାଲ ପିଜି ସେମିଷ୍ଟାର ପରୀକ୍ଷାରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ସିଧାସଳଖ ବିଭିନ୍ନ

**ହ୍ୱାଟ୍ସଆପ ଗ୍ରୁପକୁ ପରିଚାଳିତ କରୁଥିଲେ ଏମକେସିଜି ଡାକ୍ତରୀ ଛାତ୍ର**

**ଘରୋଇ ମେଡିକାଲ କଲେଜର ଛାତ୍ରଛାତ୍ରୀଙ୍କୁ ବିକ୍ରି ହୋଇଛି ପ୍ରଶ୍ନପତ୍ର!**

**ପରୀକ୍ଷାରେ କପି ସୁଯୋଗ ଓ କୋହଳ ପାଇଁ ଅର୍ଥ ଆଦାୟ ଅଭିଯୋଗ**

ହ୍ୱାଟ୍ସଆପ ଗ୍ରୁପ୍‌କୁ ପଠାଯାଇଥିବା ଅଭିଯୋଗ ହୋଇଛି। ଚଳିତ ମାସ ୨୧ ତାରିଖରୁ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ▶ପୃଷ୍ଠା-୭

## ଓୟୁଏଚ୍‌ଏସ୍ ପରୀକ୍ଷା ନିୟନ୍ତ୍ରକଙ୍କ ନିଯୁକ୍ତି ବେଆଇନ୍!

■ ଭୁବନେଶ୍ୱର, ୩୦।୭ (ସମିସ): ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍) ଅଧୀନରେ ଥିବା ଏମ୍‌କେସିଜି ମେଡିକାଲ କଲେଜର ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପଦାକୁ ଆସିବା ପରେ ପ୍ରଶ୍ନପତ୍ର ଲିକ୍ ଚର୍ଚ୍ଚା ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିଛି। ଏହାରି ମଧ୍ୟରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ

**ବିନା ଏନ୍‌ଓସିରେ ନିଯୁକ୍ତିକୁ ନେଇ ସ୍ପଷ୍ଟୀକରଣ ଲୋଡ଼ିଛି ସ୍ୱାସ୍ଥ୍ୟ ବିଭାଗ**

ସୃଷ୍ଟି ହୋଇଥିବାବେଳେ ତାଙ୍କ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠାଇଛି ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗ। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଠାରୁ ମଧ୍ୟ ସ୍ପଷ୍ଟୀକରଣ ଲୋଡ଼ିଛି। ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି ପାଇଁ ୨୦୨୪ ଫେବୃଆରୀରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କଳାହାଣ୍ଡି ଜିଲ୍ଲା ▶ପୃଷ୍ଠା-୭

# ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ; ୧୦ ପୁଲିସ ମୃତ



## ଗୁଳିବିନିମୟରେ ୧୫ ଆତଙ୍କବାଦୀ ନିପାତ

ପେଶାୱର, ୩୦।୭ (ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପାଖତୁନଖ୍ୱା ପ୍ରଦେଶରେ ଗୁରୁବାର ଭୋର ସମୟରେ ଆତଙ୍କବାଦୀମାନେ ଏକ ପୁଲିସ ଫାଣ୍ଡି ଉପରେ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଅତିକମରେ ୧୦ ଜଣ ପୁଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଲିସର ପାଲଟା ଜବାବରେ ୧୫ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆଫଗାନିସ୍ତାନ ସୀମା ନିକଟ ହାଙ୍ଗୁ ଜିଲ୍ଲାରେ ଥିବା ଏକ ପୁଲିସ ଫାଣ୍ଡି ଉପରେ ଏହି ଆକ୍ରମଣ ହୋଇଛି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ରକେଟ୍ ଲଞ୍ଚର ଧରି ଆସିଥିବା ଡଜନ ଡଜନ ଆତଙ୍କବାଦୀ ଫାଣ୍ଡି ଉପରେ ଆଖିବୁଜା ଗୁଳିମାଡ଼ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଜାରି ରହିଥିଲା। ଅଧିକ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଆତଙ୍କବାଦୀମାନେ ବ୍ୟାପକ କ୍ଷୟକ୍ଷତି ଘଟାଇ ଫେରାର ହୋଇଯାଇଥିଲେ। ଏଥିରେ ଦୁଇ ଡଜନରୁ ଅଧିକ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। କୌଣସି ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନଥିଲେ ମଧ୍ୟ ଏହା ପଛରେ ତେହେରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ସଂଗଠନର ହାତ ଥିବା ସନ୍ଦେହ କରାଯାଉଛି। ୨୦୨୨ ମସିହାରେ ପାକିସ୍ତାନ ସରକାରଙ୍କ ସହ ଯୁଦ୍ଧବିରତି ଶେଷ ହେବା ପରେ ତେହେରିକ୍-ଇ-ତାଲିବାନ ପକ୍ଷରୁ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହି ସଂଗଠନ ଆଫଗାନିସ୍ତାନ ମାଟି ବ୍ୟବହାର କରି ପାକିସ୍ତାନର ସୁରକ୍ଷା କର୍ମୀଙ୍କ ଉପରେ କ୍ରମାଗତ ଆକ୍ରମଣ କରୁଥିବାରୁ ଏହା ପ୍ରଶାସନ ପାଇଁ ଏକ ବଡ଼ ସୁରକ୍ଷା ଆହ୍ୱାନ ପାଲଟିଛି।

### ନ୍ୟୁୟର୍କ ଟାଇମ୍ସକୁ ଜବାବ ଦେଲା ଭାରତ

## ‘ପାକିସ୍ତାନୀ କାଶ୍ମୀର’ ଶବ୍ଦକୁ କଡ଼ା ବିରୋଧ

ୱାସିଂଟନ୍, ୩୦।୭ (ଏଜେନ୍ସି): ପାକିସ୍ତାନ ଦଖଲରେ ଥିବା କାଶ୍ମୀର (ପିଓକେ)କୁ ‘ପାକିସ୍ତାନୀ କାଶ୍ମୀର’ ବୋଲି ସମ୍ବୋଧନ କରିଥିବାରୁ ଆମେରିକାର ଜଣାଶୁଣା ସମ୍ବାଦପତ୍ର ‘ଦି ନ୍ୟୁୟର୍କ ଟାଇମ୍ସ’ ଉପରେ ଭାରତୀୟ ଦୂତାବାସ କଡ଼ା ଆପତ୍ତି ପ୍ରକାଶ କରିଛନ୍ତି। ଆମେରିକାରେ ଥିବା ଭାରତୀୟ ଦୂତାବାସ ସାମାଜିକ ଗଣମାଧ୍ୟମ ‘ଏକ୍ସ’ ରେ ସ୍ପଷ୍ଟ କରିଛି ଯେ ‘ପାକିସ୍ତାନୀ କାଶ୍ମୀର’ ବୋଲି କୌଣସି ଭୌଗୋଳିକ କ୍ଷେତ୍ର ନାହିଁ। ଏହା କେବଳ ପାକିସ୍ତାନ ଦ୍ୱାରା ବେଆଇନ ଭାବେ ଅଧିକୃତ କାଶ୍ମୀର। ସମଗ୍ର ଜମ୍ମୁ-କାଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଚିରଦିନ ପାଇଁ ରହିବ। ପାକ୍-ଅଧିକୃତ କାଶ୍ମୀରରେ ହୋଇଥିବା ନିକଟତର ଜନଆନ୍ଦୋଳନ ଓ ନିର୍ବାଚନ ଉପରେ ଏକ ରିପୋର୍ଟ ପ୍ରକାଶ କରିବା ସମୟରେ ନ୍ୟୁୟର୍କ ଟାଇମ୍ସ ଏହି ଗ୍ରହଣଯୋଗ୍ୟ ନ ଥିବା ଶବ୍ଦ ବ୍ୟବହାର କରିଥିଲା। ବିଦେଶୀ ଗଣମାଧ୍ୟମଗୁଡ଼ିକ ଦ୍ୱାରା ଭାରତର ସାର୍ବଭୌମତ୍ୱକୁ ଆଘାତ ପହଞ୍ଚାଉଥିବା ଭୁଲ୍ ଶବ୍ଦାବଳୀ କିମ୍ବା ମାନଚିତ୍ର ବ୍ୟବହାରକୁ ଭାରତ ସରକାର ସଦାସର୍ବଦା ଦୃଢ଼ ଭାବରେ ବିରୋଧ କରିଆସିଛନ୍ତି।

## ଭୋଜଶାଳା ନିକଟସ୍ଥ ଜମିରେ ନମାଜ ପାଠ ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି

ଧାର, ୩୦।୭ (ଏଜେନ୍ସି): ବହୁ ଚର୍ଚ୍ଚିତ ଭୋଜଶାଳା-କମାଲ ମୌଲା ବିବାଦ ମାମଲାରେ ସୁପ୍ରିମକୋର୍ଟ ନିଜର ଆନ୍ତରୀଣ ନିର୍ଦ୍ଦେଶକୁ ସ୍ପଷ୍ଟ କରିଛନ୍ତି। ବିବାଦୀୟ ଭୋଜଶାଳା ପରିସରକୁ ଲାଗି ରହିଥିବା ଦରଘା ଜମିରେ ମୁସଲିମ୍ ସମ୍ପ୍ରଦାୟକୁ ଶୁକ୍ରବାର ନମାଜ ପାଠ କରିବା ପାଇଁ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଓ ବିଚାରପତି ଜୟମାଲ୍ୟ ବାଗ୍‌ଚୀଙ୍କ ପୀଠ ଏହି ସ୍ପଷ୍ଟୀକରଣ ଦେଇଛନ୍ତି। ପ୍ରତି ଶୁକ୍ରବାର



ଅପରାହ୍ନ ୧ ଟାରୁ ୩ ଟା ପର୍ଯ୍ୟନ୍ତ ‘ଖସରା ନଂ ୫୯୬’ ସଂଲଗ୍ନ ଜମିରେ ନମାଜ ପାଠ କରାଯାଇପାରିବ। ଏହି ସ୍ଥାନକୁ ଏକ ସ୍ୱତନ୍ତ୍ର ରାସ୍ତା ଥିବାରୁ ଏହା ନମାଜ ପାଇଁ ଉପଯୁକ୍ତ ବୋଲି କୋର୍ଟ ଦର୍ଶାଇଛନ୍ତି। ଉକ୍ତ ସ୍ଥାନରେ ଆବଶ୍ୟକୀୟ ଶାନ୍ତିଶୃଙ୍ଖଳା ଓ ବ୍ୟବସ୍ଥା ବଜାୟ ରଖିବାକୁ ମଧ୍ୟପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ବିବାଦୀୟ ଭୋଜଶାଳା ପରିସର ଭିତରେ ନମାଜ ପାଠ ପାଇଁ କୋର୍ଟ ଅନୁମତି ଦେଇନାହାନ୍ତି। କେବଳ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ଧାର୍ମିକ ଅଧିକାରକୁ ସଂକୁଚିତ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଳତ ସ୍ପଷ୍ଟ କରିବା ସହ ମୂଳ ମାମଲାର ବିଚାର ଜାରି ରଖିଛନ୍ତି।

# ଆସାମରେ ବନ୍ୟା ତାଣ୍ଡବ; ମୃତ୍ୟୁସଂଖ୍ୟା ୭୮

## ପାଣି ଘେରରେ ୫୦୦ରୁ ଅଧିକ ଗାଁ
## ତିନି ଲକ୍ଷରୁ ଅଧିକ ଲୋକ ଜଳବନ୍ଦୀ

ଗୌହାଟୀ, ୩୦।୭ (ଏଜେନ୍ସି): ଆସାମରେ ବନ୍ୟା ସ୍ଥିତି ଗମ୍ଭୀର ରହିଥିବା ବେଳେ ବୁଧବାର ସିବସାଗର ଏବଂ ଗୋଲାଘାଟ ଜିଲ୍ଲାରୁ ଆଉ ତିନିଜଣଙ୍କ ମୃତ୍ୟୁ ଖବର ଆସିବା ପରେ ଚଳିତ ବର୍ଷ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୭୮ କୁ ବୃଦ୍ଧି ପାଇଛି। ରାଜ୍ୟର ୭ଟି ଜିଲ୍ଲାରେ ଏବେବି ୩ ଲକ୍ଷରୁ ଅଧିକ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇ ରହିଛନ୍ତି। ଏସବୁ ମଧ୍ୟରେ ପାଣିପାଗ ବିଭାଗ ପୁଣିଥରେ ପ୍ରବଳ ବର୍ଷାର ପୂର୍ବାନୁମାନ କରିବା ସହ ଆଗାମୀ ଦିନରେ ବନ୍ୟା, ଜଳବନ୍ଦୀ ଏବଂ ଭୂସ୍ଖଳନ ଭଳି ବିପଦ ବଢ଼ିପାରେ ବୋଲି ସତର୍କ କରାଇଦେଇଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସୂଚନା ଅନୁଯାୟୀ, ସିବସାଗର, ଚରାଇଦେଓ, ଗୋଲାଘାଟ, ଯୋରହାଟ, ନଗାଓଁ, ବିଶ୍ୱନାଥ ଏବଂ କାମରୂପ ମେଟ୍ରୋପୋଲିଟାନ ଜିଲ୍ଲାର ମୋଟ ୩, ୦୦, ୦୩୧ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ମୋଟ ୨୧ଟି ରାଜସ୍ୱ ମଣ୍ଡଳ ଏବଂ ୫୫୧ଟି ଗାଁ ପାଣି ଘେରରେ ରହିଥିବା ବେଳେ ୨୧, ୫୨୩ ହେକ୍ଟରରୁ ଅଧିକ ଚାଷଜମି ବୁଡ଼ି ରହିଛି। ଚରାଇଦେଓ ଜିଲ୍ଲା ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି, ଯେଉଁଠାରେ ୧.୩୭ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ଦ୍ୱାରା ବାସହୀନ ହୋଇପଡ଼ିଥିବା ୧୬, ୫୦୦ରୁ ଊର୍ଦ୍ଧ୍ୱ ପ୍ରଭାବିତ ଲୋକଙ୍କୁ ୭୧ଟି ରିଲିଫ ଶିବିରରେ ଆଶ୍ରୟ ଦିଆଯାଇଛି। ଏହାସହ ୩୦ଟି ରିଲିଫ ବଣ୍ଟନ କେନ୍ଦ୍ର ମାଧ୍ୟମରେ ଅନ୍ୟ ୭୨, ୦୦୦ରୁ ଅଧିକ ଲୋକଙ୍କୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟରେ ମାନବିକ ଓ ପଶୁ ଚିକିତ୍ସା ଦଳ ସମେତ ବିଭିନ୍ନ ବିପର୍ଯ୍ୟୟ ପ୍ରଶମନ ବାହିନୀ ନିୟୋଜିତ ଅଛନ୍ତି। ବନ୍ୟା ଯୋଗୁଁ ରାସ୍ତାଘାଟ, ନଦୀବନ୍ଧ, ସ୍କୁଲ ଓ ଘରଦ୍ୱାର ଭାଙ୍ଗିଯାଇଛି ଏବଂ ୧୧, ୦୦୦ରୁ ଅଧିକ ଗୃହପାଳିତ ପଶୁ ଭାସିଯାଇଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସହ ଆଲୋଚନା କରି ବନ୍ୟା ପରିସ୍ଥିତି ଏବଂ ରିଲିଫ କାର୍ଯ୍ୟର ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।



# ଅଗଷ୍ଟରେ ବି ଛେଚିବ ମୌସୁମୀ

- ଗଭୀର ଅବପାତ; ପଶ୍ଚିମ ଆଡ଼କୁ ମୁହାଁଉଛି
- କେତେକ ରାଜ୍ୟ ପାଇଁ ପ୍ରବଳ ବର୍ଷା ସତର୍କତା

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ମଧ୍ୟ ଭାରତରେ ଜୋରଦାର ବର୍ଷା କରାଇବା ପରେ ଏବେ ଗଭୀର ଅବପାତ ପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଆଗାମୀ ଦିନଗୁଡ଼ିକରେ କେତେକ ରାଜ୍ୟରେ ଏହି ଋତୁର ସବୁଠାରୁ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଦେଶରେ ଚାଲିଥିବା ଅସମାନ ତଥା ଅସନ୍ତୁଳିତ ମୌସୁମୀ ବାୟୁକୁ ଏହି ପାଣିପାଗ ପ୍ରଣାଳୀ ବେଶ ସକ୍ରିୟ କରିଛି। ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ଏଭଳି ପରିସ୍ଥିତିରୁ ନିସ୍ତାର ନାହିଁ। ଏହି ସମୟ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ସୂତ୍ରରୁ ଜଣାପଡ଼ିଛି।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ସୃଷ୍ଟି ହୋଇଥିବା ଏହି ଗଭୀର ଅବପାତ ଛତିଶଗଡ଼, ପୂର୍ବ ମଧ୍ୟପ୍ରଦେଶ ଏବଂ ସଂଲଗ୍ନ ବିଦର୍ଭ ଦେଇ ଧୀରେ ଧୀରେ ପଶ୍ଚିମ ଦିଗକୁ ଗତି କରିବା ସହ କ୍ରମଶଃ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏହି ଗଭୀର ଅବପାତର ପ୍ରଭାବରେ ବିଭିନ୍ନ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସତର୍କତା ଜାରି କରାଯାଇଛି। ଜୁଲାଇ ୩୦ ରେ ପଶ୍ଚିମ ମଧ୍ୟପ୍ରଦେଶ ଏବଂ ଜୁଲାଇ ୩୧ ରେ ଗୁଜରାଟ ଅଞ୍ଚଳରେ ୨୧ ସେଣ୍ଟିମିଟରରୁ ଅଧିକ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ମହାରାଷ୍ଟ୍ରର କେତେକ ସ୍ଥାନରେ ମଧ୍ୟ ବ୍ୟାପକ ବର୍ଷା ହୋଇପାରେ। ଏହା ପୂର୍ବରୁ ଦକ୍ଷିଣ ଗୁଜରାଟରେ ରେକର୍ଡ ପରିମାଣର ବର୍ଷା ହୋଇସାରିଛି। ବଲ୍‌ସାଡ, ନବସାରୀ ଏବଂ ସୁରଟ ଭଳି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସାଧାରଣତଃ ମୌସୁମୀ ଋତୁର ମୁଖ୍ୟ ସମୟରେ ଏଭଳି ଗଭୀର ଅବପାତ ସୃଷ୍ଟି ହୋଇଥାଏ, ଯାହା ପ୍ରଚୁର ଜଳୀୟବାଷ୍ପ ଆକର୍ଷିତ କରି ପ୍ରବଳ ବର୍ଷା କରାଇଥାଏ। ଏହା କୃଷିକାର୍ଯ୍ୟ ପାଇଁ ଜଳର ଆବଶ୍ୟକତା ପୂରଣ କରୁଥିଲେ ହେଁ, ଅନେକ ସ୍ଥାନରେ ଜଳବନ୍ଦୀ, ବନ୍ୟା ଏବଂ ସାଧାରଣ ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରିଥାଏ। ଗଭୀର ଅବପାତଟି ପଶ୍ଚିମ ଆଡ଼କୁ ଗତି କରୁଥିବାରୁ ଗୁଜରାଟ ଏବଂ ଆଖପାଖ ଅଞ୍ଚଳଗୁଡ଼ିକରେ ଆଗାମୀ କିଛି ଦିନ ମଧ୍ୟରେ ସ୍ଥିତି ଜଟିଳ ହେବାର ଆଶଙ୍କା ରହିଛି।

# ପେଲେଟ ଗନ୍‌କୁ ନେଇ ଚିନ୍ତା ବଢ଼ିଲା



- ପେଲେଟ୍ ଗନ ମାଡ଼ ଅଭିଯୋଗର ଯାଞ୍ଚ କରିବେ ସୁପ୍ରିମକୋର୍ଟ
- ପେଲେଟ୍ ଅସ୍ତ୍ରର ହିସାବ ସୁରକ୍ଷିତ ରଖିବା ଲାଗି ଆରଏଏଫଙ୍କୁ ନିର୍ଦ୍ଦେଶ
- ଆହତ ଆନ୍ଦୋଳନକାରୀଙ୍କ ମାଗଣା ଓ ଉପଯୁକ୍ତ ଚିକିତ୍ସା କରାଯିବ

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନକାରୀଙ୍କ ଉପରେ ପୁଲିସ ଦ୍ୱାରା ପେଲେଟ୍ ଗୁଳିର ବ୍ୟବହାରକୁ ଚ୍ୟାଲେଞ୍ଜ କରି କରାଯାଇଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଦିଲ୍ଲୀ ପୁଲିସ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏଭଳି ଅସ୍ତ୍ରକୁ ଆଖିବୁଜା ନିଷିଦ୍ଧ କରାଯାଇପାରିବ ନାହିଁ। କେବଳ ବିଶେଷ ପରିସ୍ଥିତିରେ ହିଁ ଏପରି ଅସ୍ତ୍ର ପ୍ରୟୋଗ କରାଯାଇପାରିବ ବୋଲି ଉଲ୍ଲେଖ କରି, ସୁରକ୍ଷାବଳ ଦ୍ୱାରା ବ୍ୟବହୃତ ହେଉଥିବା ପର୍ଯ୍ୟାୟକ୍ରମିକ ଅସ୍ତ୍ର ପ୍ରୟୋଗ ସମ୍ବନ୍ଧୀୟ ସ୍ଥାୟୀ ନିର୍ଦ୍ଦେଶାବଳୀ ଅଦାଲତରେ ଦାଖଲ କରିବାକୁ ସୁପ୍ରିମକୋର୍ଟ ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ ଏହି ଅସ୍ତ୍ରର ମାଡ଼ କରିଥିବା ର୍‍ୟାପିଡ୍ ଆକ୍ସନ ଫୋର୍ସ (ଆରଏଏଫ୍)କୁ ପେଲେଟ୍ ଅସ୍ତ୍ରର ହିସାବ ସୁରକ୍ଷିତ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ପେଲେଟ୍ ଗନ୍ ମାଡ଼ରେ ଆହତ ଆନ୍ଦୋଳନକାରୀଙ୍କର ଉତ୍କୃଷ୍ଟ ଓ ମାଗଣା ଚିକିତ୍ସା କରାଇବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୃନ୍ଦା ଗ୍ରୋଭର କହିଥିଲେ ଯେ, ଆନ୍ଦୋଳନକାରୀମାନେ କୌଣସି ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରିନଥିଲେ। ତଥାପି ସେମାନଙ୍କ ଉପରେ ପ୍ଲାଷ୍ଟିକ କିମ୍ବା ରବର ପେଲେଟ୍ ପରିବର୍ତ୍ତେ ମାରାତ୍ମକ ଧାତବ ପେଲେଟ୍ ଗନ୍ ମାଡ଼ କରାଯାଇଥିଲା, ଯାହା ଅନେକ ଆନ୍ଦୋଳନକାରୀଙ୍କ ଶରୀରରୁ ବାହାର କରାଯାଇଛି। ସାଧାରଣ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରତିବାଦ ସମୟରେ ଏଭଳି କଠୋର ଧାତବ ଗୁଳିର ବ୍ୟବହାର ସମ୍ପୂର୍ଣ୍ଣ ଅନୁଚିତ ଓ ନିୟମବିରୁଦ୍ଧ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ବିଚାରପତି ବାଗଚୀ ଶୁଣାଣି ସମୟରେ କହିଥିଲେ ଯେ ପୁଲିସ ନିୟମାବଳୀରେ ଅତ୍ୟାବଶ୍ୟକ କ୍ଷେତ୍ରରେ ପେଲେଟ୍ ଗୁଳି ବ୍ୟବହାରର ପ୍ରାବଧାନ ରହିଛି। ଅଦାଲତ ଏହି ନିର୍ଦ୍ଦିଷ୍ଟ ଘଟଣାରେ ପେଲେଟ୍ ଗୁଳିର ପ୍ରୟୋଗ ଉଚିତ ଥିଲା କି ନାହିଁ ଏବଂ ଏହା ନିୟମାବଳୀର ଉଲ୍ଲଂଘନ କରୁଛି କି ନାହିଁ, ତାହାର ଯାଞ୍ଚ କରିବାକୁ ପ୍ରସ୍ତୁତ ଅଛନ୍ତି। ଏହାସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ପ୍ରତି ହିଂସାତ୍ମକ ମନୋଭାବ ଗ୍ରହଣ କରାନଯିବା ଉଚିତ ବୋଲି କୋର୍ଟ ସମ୍ମତି ପ୍ରକାଶ କରିବା ସହ ସୁରକ୍ଷାକର୍ମୀଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପର୍ଯ୍ୟାୟକ୍ରମିକ ବଳ ପ୍ରୟୋଗର ଆବଶ୍ୟକତାକୁ ମଧ୍ୟ ସ୍ୱୀକାର କରିଛନ୍ତି। ପ୍ରଶାସନର ମନମୁଖୀ ବଳ ପ୍ରୟୋଗ ରୋକିବା ପାଇଁ ଏକ ସ୍ପଷ୍ଟ ମାର୍ଗଦର୍ଶିକା ବା ନିୟମାବଳୀ ପ୍ରସ୍ତୁତ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆନ୍ଦୋଳନ ସମୟରେ ପେଲେଟ୍ ଗୁଳି ମାଡ଼ରେ ଆହତ ହୋଇଥିବା ସମସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଉଚିତ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉ। ସୂଚନାଯୋଗ୍ୟ ଯେ, ଜୁଲାଇ ୨୦ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମାଡ଼ ଅନେକ ପିଲା ଆହତ ହୋଇଛନ୍ତି।

# ଆନ୍ଦୋଳନ ଚେତାବନୀ ପରେ ସୁରକ୍ଷା ବଳୟରେ ଯନ୍ତରମନ୍ତର

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଆନ୍ଦୋଳନକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ନ ହେଲେ ପୁଣି ଥରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କୋକ୍ରୋଚ୍ ଜନତା ପାର୍ଟିର ଚେତାବନୀ ପରେ ଦିଲ୍ଲୀର ଯନ୍ତରମନ୍ତରଠାରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ସରକାର ଆନ୍ଦୋଳନକାରୀଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଇଛନ୍ତି ଏବଂ ଛାତ୍ରମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି ବୋଲି ଦଳ ଅଭିଯୋଗ କରିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ଓ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ ପକ୍ଷରୁ ସମଗ୍ର ଅଞ୍ଚଳକୁ ସୁରକ୍ଷା ବଳୟରେ ରଖାଯାଇଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବ୍ୟାରିକେଡ୍‌ଗୁଡ଼ିକୁ ୱେଲ୍ଡିଂ କରି ମଜବୁତ୍



କରାଯାଉଛି। ତମାମ ପ୍ରତିବାଦକାରୀଙ୍କ ବିରୋଧରେ ରୁଜୁ ଏଫ୍‌ଆଇଆର୍ ରଦ୍ଦ ନହେଲେ ଦେଶବ୍ୟାପୀ ପୁନର୍ବାର ଆନ୍ଦୋଳନ ଜୋରଦାର ହେବ ବୋଲି ସଂଗଠନ ପକ୍ଷରୁ ସ୍ପଷ୍ଟ କରାଯାଇଛି, ଯାହାକୁ ନେଇ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି।

ଗତ ଜୁଲାଇ ୨୦ ତାରିଖରେ ‘କକ୍ରୋଚ୍ ଜନତା ପାର୍ଟି’ (ସିଜେପି)ର ‘ସଂସଦ ଚାଲୋ’ ଅଭିଯାନ ସମୟରେ ବିକ୍ଷୋଭକାରୀମାନେ ସଂସଦ ଭବନର ମାତ୍ର ୧୦୦ ମିଟର ନିକଟତର ହୋଇଥିବା ନୂତନ ସିସିଟିଭି ଫୁଟେଜ୍‌ରୁ ପଦାକୁ ଆସିଛି। ଏହା ଦିଲ୍ଲୀ ପୋଲିସର ସୁରକ୍ଷା ପ୍ରସ୍ତୁତି ଏବଂ ବ୍ୟାରିକେଡିଂ ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯନ୍ତର ମନ୍ତରରୁ ବାହାରିଥିବା ଏହି ଶୋଭାଯାତ୍ରା ସମୟରେ ସଂସଦ ଆଖପାଖରେ ପୋଲିସ ଏବଂ ଆରଏଏଫ୍ ସହ ବିକ୍ଷୋଭକାରୀଙ୍କ ମୁହାଁମୁହିଁ ହୋଇଥିଲା।


## ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନ ପରେ ସାମାଜିକ ଗଣମାଧ୍ୟମରେ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କେତେକ ଅସାମାଜିକ ବ୍ୟକ୍ତି ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ପଦରୁ ମୋଦୀ ଇସ୍ତଫା ଦେଇଛନ୍ତି ବୋଲି ଏକ ପତ୍ର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। କେନ୍ଦ୍ର ସରକାର ଏହି ଗୁଜବକୁ ପ୍ରତ୍ୟାଖ୍ୟାନ କରିବା ସହିତ କହିଛନ୍ତି ଯେ ସୋସିଆଲ ମିଡିଆରେ ଯେଉଁ ପତ୍ର ଭାଇରାଲ ହେଉଛି, ତାହା ।।ଜାଲ୍ (ଫେକ୍) ଏବଂ ଏଥିରେ ବିଶ୍ୱାସ ନକରିବା ଲାଗି କୁହାଯାଇଛି। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ଲିକ୍ ସଂପର୍କରେ ଟାସ୍କଫୋର୍ସ ଗଠନ ନେଇ ପ୍ରଧାନମନ୍ତ୍ରୀ ଇନଷ୍ଟାଗ୍ରାମରେ ଭିଡିଓ ଜରିଆରେ ଦେଉଥିବା ବାର୍ତ୍ତାକୁ ଏଆଇ ଜରିଆରେ କଦର୍ଥ କରାଯାଉଛି ବୋଲି ସରକାର କହିଛନ୍ତି।

## ପ୍ରିୟଙ୍କାଙ୍କୁ ୨୦୦ ଭିସିଙ୍କ ସମାଲୋଚନା

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ଭି କାମାକୋଟିଙ୍କ ସଂପର୍କରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ୨୦୦ରୁ ଅଧିକ କୁଳପତି (ଭିସି) ଏବଂ ପୂର୍ବତନ କୁଳପତି। ପ୍ରିୟଙ୍କା ତାଙ୍କୁ ‘ଗୌମୂତ୍ର ବିଶେଷଜ୍ଞ’ କହିଥିବାରୁ ଭିସିମାନେ ଏହାର ବିରୋଧ କରି ପତ୍ର ଲେଖିଛନ୍ତି। ସେମାନେ କହିଛନ୍ତି ଯେ କାମାକୋଟି ହେଉଛନ୍ତି ଜଣେ ବିଶିଷ୍ଟ ବୈଜ୍ଞାନିକ ଏବଂ ଗବେଷକ। ତାଙ୍କ ପ୍ରତି ଏଭଳି ମନ୍ତବ୍ୟ ଶୋଭନୀୟ ନୁହେଁ। ପରୀକ୍ଷା ସଂସ୍କାର ପାଇଁ କେନ୍ଦ୍ର ସରକାର ଦ୍ୱାରା ଗଠିତ ଟାସ୍କଫୋର୍ସରେ କାମାକୋଟି ଜଣେ ସଭ୍ୟ ଅଛନ୍ତି।

# ଇରାନ ଆକ୍ରମଣର ଜବାବ ଦେଲା ଆମେରିକା



ୱାସିଂଟନ, ୩୦।୭ (ଏଜେନ୍ସି): ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଆମେରିକୀୟ ସେନା ଇରାନର ଇସଲାମିକ ରିଭୋଲ୍ୟୁସନରୀ ଗାର୍ଡ କୋର୍ପସ (ଆଇଆରଜିସି) ର ସାମରିକ ଘାଟିଗୁଡ଼ିକ ଉପରେ ଏକ ବିଶାଳ ଆକ୍ରମଣ କରିଛି। ଫଳରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧ ନୂଆ ମୋଡ଼ ନେଇଛି। ଆମେରିକୀୟ ସୈନ୍ୟବାହିନୀକୁ ଲକ୍ଷ୍ୟ କରି ଇରାନ ଦ୍ୱାରା କରାଯାଇଥିବା ମିସାଇଲ ଆକ୍ରମଣର ଜବାବରେ ଆମେରିକା ଏହି ପାଲଟା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆମେରିକା ସେଣ୍ଟ୍ରାଲ କମାଣ୍ଡର ସୂଚନା ଅନୁଯାୟୀ, ବୁଧବାର ରାତିରେ ଇରାନର ଆଇଆରଜିସି କମାଣ୍ଡ ସେଣ୍ଟର, ମିସାଇଲ ଓ ଡ୍ରୋନ ତିଆରି ଘାଟି, ଉପକୂଳବର୍ତ୍ତୀ ସୁରକ୍ଷା କେନ୍ଦ୍ର ଏବଂ ନୌସେନା କ୍ଷମତାକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି। ଆମେରିକୀୟ ସୈନ୍ୟ, ବାଣିଜ୍ୟିକ ଜାହାଜ ଏବଂ ପଡ଼ୋଶୀ ଗଲ୍ ଦେଶଗୁଡ଼ିକ ପ୍ରତି ଇରାନ ଓ ଏହାର ସହଯୋଗୀ ସଂଗଠନଗୁଡ଼ିକରୁ ଆସୁଥିବା ବିପଦକୁ ହ୍ରାସ କରିବା ପାଇଁ ଏହି ପାଲଟା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସେଣ୍ଟକମ୍ ପ୍ରକାଶ କରିଛି। ସେଣ୍ଟକମ୍ କହିଛି ଯେ, ପଶ୍ଚିମ ଏସିଆରେ ଥିବା ଆମେରିକୀୟ ଘାଟି ଉପରେ ଇରାନ ଆକସ୍ମିକ ଭାବେ ଏକାଧିକ ବାଲିଷ୍ଟିକ ମିସାଇଲ ମାଡ଼ କରିଥିଲା। ତେବେ ଆମେରିକାର ସୁରକ୍ଷା ପ୍ରଣାଳୀ ଏହି ସମସ୍ତ ମିସାଇଲକୁ ଆକାଶମାର୍ଗରେ ହିଁ ନଷ୍ଟ କରିଦେଇଥିଲା। ଏହି ଘଟଣା ପରେ ପଶ୍ଚିମ ଏସିଆରେ ନିୟୋଜିତ ୫୦ହଜାରରୁ ଅଧିକ ଆମେରିକୀୟ ସୈନ୍ୟଙ୍କୁ ସମ୍ପୂର୍ଣ୍ଣ ସଜାଗ ଏବଂ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇଜିପ୍ଟର ଦାମିଏଟା ବନ୍ଦରରେ ଆମେରିକା ମାଲିକାନାରେ ଥିବା ଏକ ପ୍ରାକୃତିକ ଗ୍ୟାସ ଜାହାଜ ଉପରେ ହୋଇଥିବା ଇରାନର ଡ୍ରୋନ୍ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ଭୟଙ୍କର ହେବାକୁ ଯାଉଛି। ପଶ୍ଚିମ ଏସିଆରେ ଆମେରିକା ଏବଂ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ମୁହାଁମୁହିଁ ପରିସ୍ଥିତି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି।

# ଭାରତ ସୀମାନ୍ତରେ ଚୀନ୍‌ର ୧୨ଟି ଜେ-୨୦ ଷ୍ଟିଲ୍‌ଥ୍ ଫାଇଟର୍ ଜେଟ୍ ମୁତୟନ


ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟସ୍ଥ ନିଜର ଦୁଇଟି ବାୟୁସେନା ଘାଟିରେ ଚୀନ୍ ତା’ର ୧୨ଟି ଅତ୍ୟାଧୁନିକ ଜେ-୨୦ ‘ମାଇଟି ଡ୍ରାଗନ୍’ ଷ୍ଟିଲ୍‌ଥ୍ ଯୁଦ୍ଧବିମାନ ମୁତୟନ କରିଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି। ଭାରତୀୟ ସୀମା ନିକଟରେ ଚୀନ୍‌ର ଏହି ପଞ୍ଚମ ପିଢ଼ିର (ଫିଫ୍‌ଥ ଜେନେରେସନ) ଯୁଦ୍ଧବିମାନର ଏତେ ବଡ଼ ମୁତୟନ ନିକଟ ଅତୀତରେ ପ୍ରଥମ ଅଟେ। ‘ଭାଣ୍ଟୋର’ ସାଟେଲାଇଟ୍ ସଂସ୍ଥା ଦ୍ୱାରା ଜୁଲାଇ ୯ ଓ ଜୁନ୍ ୨୫ରେ ଉଠାଯାଇଥିବା ଚିତ୍ର ଅନୁଯାୟୀ, ଶିନଜିଆଙ୍ଗର ହୋତାନ ଏୟାରବେସ୍‌ରେ ୮ଟି ଏବଂ ତିବ୍ବତର ଲାସା ନିକଟସ୍ଥ ଦମାକ୍ସୁଙ୍ଗ ଏୟାରବେସ୍‌ରେ ୪ଟି ଜେ-୨୦ ବିମାନ ରଖାଯାଇଛି। ହୋତାନ ଏୟାରବେସ୍ ଲଦାଖର ଦୌଲତ ବେଗ୍ ଓଲଡିଠାରୁ ମାତ୍ର ୨୪୫ କିଲୋମିଟର ଦୂରରେ ଅବସ୍ଥିତ। ସେହିପରି ଦାମକ୍ସୁଙ୍ଗ ଏୟାରବେସ୍ ଅରୁଣାଚଳ ପ୍ରଦେଶର ତୱାଙ୍ଗଠାରୁ ପ୍ରାୟ ୩୪୪ କିଲୋମିଟର ଦୂରରେ ଅବସ୍ଥିତ। ଏହି ଯୁଦ୍ଧବିମାନଗୁଡ଼ିକ ରାଡାର୍



ଆଖିରେ ସହଜରେ ଧରାପଡ଼ନ୍ତି ନାହିଁ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁଯାୟୀ, ସୀମାନ୍ତରେ ସାମରିକ ଭିତ୍ତିଭୂମିର ଆଧୁନିକୀକରଣ ଏବଂ ନିଜର ଶକ୍ତି ପ୍ରଦର୍ଶନ ପାଇଁ ଚୀନ୍ ଏପରି ପଦକ୍ଷେପ ନେଉଛି। ୨୦୨୦ ଗାଲୱାନ୍ ଘାଟି ସଂଘର୍ଷ ପରଠାରୁ ଭାରତ-ଚୀନ୍ ସୀମାରେ ଉତ୍ତେଜନା ଲାଗିରହିଛି। ଚୀନ୍‌ର ଏହି ବାୟୁସେନା ସକ୍ରିୟତା ମଧ୍ୟରେ ଭାରତୀୟ ବାୟୁସେନା ମଧ୍ୟ ନିଜର ଆଗଧାଡ଼ିର ସୁରକ୍ଷା ବ୍ୟବସ୍ଥା ଓ ଯୁଦ୍ଧବିମାନଗୁଡ଼ିକୁ ସମ୍ପୂର୍ଣ୍ଣ ସଜାଗ ରଖିଛି।

## ବିଜେପି ନେତାଙ୍କୁ ନବୀନଙ୍କ କଟାକ୍ଷ

# ଓଡ଼ିଶାରେ ବନ୍ୟା; ଦିଲ୍ଲୀରେ ଚାଲିଛି ଭୋଜି



ଭୁବନେଶ୍ୱର,୩୦।୭(ସମିସ): ରାଜ୍ୟରେ ବନ୍ୟା ବିଭୀଷିକାକୁ ନେଇ ରାଜ୍ୟବାସୀ ହନ୍ତସନ୍ତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ବିଜେପିର ନେତାମାନେ ଦିଲ୍ଲୀରେ ଅଛନ୍ତି। ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶାରେ ବନ୍ୟାର ବିଭୀଷିକା ଥିବାବେଳେ ଓଡ଼ିଶା ବିଜେପିର ନେତାମାନେ ଦିଲ୍ଲୀରେ ଭୋଜି କରୁଛନ୍ତି। ଏପରି ଗମ୍ଭୀର ସ୍ଥିତିରେ ସରକାର ସମ୍ବେଦନହୀନ ନ ହୋଇ ଲୋକଙ୍କ ସହିତ ଛିଡ଼ା ହୁଅନ୍ତୁ, ଲୋକଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

ନବୀନ କହିଛନ୍ତି ଯେ ଲଗାଣ ବର୍ଷା ଯୋଗୁଁ ସାରା ରାଜ୍ୟରେ ବନ୍ୟାର ସ୍ଥିତି ଦେଖାଦେଇଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ଶୀର୍ଷ ନେତା ତଥା ସାଂସଦମାନେ ଏବେ ଦିଲ୍ଲୀରେ। ଏପରି ଅସମୟରେ ନିଜ ଲୋକଙ୍କ ସୁରକ୍ଷାଠାରୁ ଅଧିକ ଗମ୍ଭୀର ବିଷୟ କ'ଣ ହୋଇପାରେ? ବନ୍ୟା ପାଇଁ ମୟୂରଭଞ୍ଜ, ବାଲେଶ୍ୱରରୁ ନେଇ ଭଦ୍ରକ, ଯାଜପୁର, ଝାରସୁଗୁଡ଼ା, ଢେଙ୍କାନାଳ, ସମ୍ବଲପୁର ଆଦି ବିଭିନ୍ନ ଜିଲ୍ଲାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟାରେ ଏକାଧିକ ନିରୀହ ଜୀବନ ଯିବାର ଖବର ଆସିବା ମୋ ସହିତ ସମଗ୍ର ଓଡ଼ିଶାବାସୀଙ୍କୁ ମଧ୍ୟ ବ୍ୟଥିତ କରିଛି। ଏପରି ଅସମୟରେ ଲୋକଙ୍କ ସାଥିରେ ଦୃଢ଼ ଭାବେ ଛିଡ଼ା ହେବା ବଦଳରେ ସରକାରୀ ଅବହେଳାର ମାଳ ମାଳ ଅଭିଯୋଗ ଆସୁଛି। ନବୀନ କହିଛନ୍ତି ଯେ ସବୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ 'ପ୍ରତିଟି ଜୀବନ ମୂଲ୍ୟବାନ' ହେଉଛି ଓଡ଼ିଶାର ମନ୍ତ୍ର। ଏହି ମନ୍ତ୍ରରେ ସବୁ ବିପର୍ଯ୍ୟୟର ଦୃଢ଼ ମୁକାବିଲା କରି ଓଡ଼ିଶା ସାରା ବିଶ୍ୱରେ ସୁନାମ ଅର୍ଜନ କରିଥିଲା। ହେଲେ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ନ କରି ଲୋକେ ନିର୍ବାଚିତ କରିଥିବା ପ୍ରତିନିଧିମାନେ ଲୋକଙ୍କ ହାତ ଛାଡ଼ିଦେବା ସଭିଙ୍କୁ ଆଶ୍ଚର୍ଯ୍ୟ କରୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# ଆକାଶ ମାର୍ଗରୁ ବନ୍ୟା ସ୍ଥିତି ଦେଖିଲେ ରାଜସ୍ୱମନ୍ତ୍ରୀ



ଭୁବନେଶ୍ୱର,୩୦।୭(ସମିସ): ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଓ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରି ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ଥିତିର ବିସ୍ତୃତ ସମୀକ୍ଷା କରିଛନ୍ତି। ବିଭିନ୍ନ ନଦୀର ଜଳସ୍ତର, ଜଳମଗ୍ନ ଗ୍ରାମ, ଯୋଗାଯୋଗ ବିଚ୍ଛିନ୍ନ ଅଞ୍ଚଳ ଓ ଚାଲିଥିବା ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ସେ ଆକାଶମାର୍ଗରୁ ଅନୁଧ୍ୟାନ କରିଛନ୍ତି। ଏହା ପରେ ପାଣି ଛାଡ଼ିବା ପରେ ଆସନ୍ତା ୭୨ ଘଣ୍ଟାରେ କ୍ଷୟକ୍ଷତି ଆକଳନ ଓ ତୁରନ୍ତ କ୍ଷତିପୂରଣ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ଓ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଆକାଶ ମାର୍ଗରୁ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଏହି ସଂକଟ ସମୟରେ ବିପନ୍ନଙ୍କ ପାଖରେ ତୁରନ୍ତ ସହାୟତା ପହଞ୍ଚାଇବା ଆମର ସର୍ବୋଚ୍ଚ ପ୍ରାଥମିକତା। ଏଥିପାଇଁ ଆଜି ମଧ୍ୟ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରାଯାଇଛି। ଏଥିରେ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ମୁଖ୍ୟତଃ ତଳିଆ ଏବଂ ବିପଦସଙ୍କୁଳ ଅଞ୍ଚଳରେ ଫସି ରହିଥିବା ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା, ସମସ୍ତ ବନ୍ୟା ଆଶ୍ରୟସ୍ଥଳୀରେ

### ୭୨ ଘଣ୍ଟାରେ କ୍ଷୟକ୍ଷତି ଆକଳନ

ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ କ୍ଷୀର ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାସହିତ ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ମେଡିକାଲ୍ ଟିମ୍ ଓ ଔଷଧ ସହ ସ୍ୱତନ୍ତ୍ର କ୍ୟାମ୍ପ ପ୍ରତିଷ୍ଠା କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସେହିପରି ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀକୁ ସମ୍ପୂର୍ଣ୍ଣ ଆଲର୍ଟ ମୋଡ୍‌ରେ ରଖାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ଅଛି ଏବଂ ସ୍ଥିତି ଉପରେ ୨୪ ଘଣ୍ଟିଆ ତୀକ୍ଷ୍ଣ ନଜର ରଖାଯାଇଛି। ଓଡ଼ିଶା ସରକାର ପ୍ରତିଟି ନାଗରିକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

## ବୈତରଣୀ ପରେ ବ୍ରାହ୍ମଣୀର କରାଳ ରୂପ

# ବରୀରେ ୩ ଘାଇ; ଲକ୍ଷାଧିକ ଲୋକ ପାଣିଘେରରେ

ଯାଜପୁର,୩୦।୭(ସମିସ): ଯାଜପୁର ଜିଲ୍ଲାରେ ଆସିଥିବା ବନ୍ୟାସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗିଡ଼ିବାରେ ଲାଗିଛି। ଜିଲ୍ଲାରେ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ ଏବଂ ଖରସ୍ରୋତାର ବନ୍ୟା ଯୋଗୁଁ ଅର୍ଦ୍ଧାଧିକ ବ୍ଲକ୍ ପ୍ରଭାବିତ ହୋଇଛି। ବିଶେଷକରି ବୈତରଣୀ ଯୋଗୁଁ ଦଶରଥପୁର, ଯାଜପୁର, କୋରେଇ ବ୍ଲକ୍ ପ୍ରଭାବିତ ହୋଇଥିବାବେଳେ

- ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍ ଟିମ୍ ନିୟୋଜିତ
- ଆଜି ବନ୍ଦ ରହିବ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ : ଜିଲ୍ଲାପାଳ



ବ୍ରାହ୍ମଣୀ ଏବଂ ଖରସ୍ରୋତା ଯୋଗୁଁ ବରୀ, ବିଂଝାରପୁର, ରସୁଲପୁର, ଧର୍ମଶାଳା ବ୍ଲକ୍ ପ୍ରଭାବିତ ହୋଇଛି। ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଫଳରେ ବରୀର ୩ ଟି ସ୍ଥାନରେ ଘାଇ ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଚନ୍ଦନପୁର ପଞ୍ଚାୟତ ମିର୍ଜାପୁରରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଚନ୍ଦନପୁର, ମିର୍ଜାପୁର, ଜଗନ୍ନାଥପୁର ସମେତ ନଦୀ ପାର୍ଶ୍ୱବର୍ତ୍ତୀ ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇଛି। ସେହିପରି ବ୍ରାହ୍ମଣୀ ନଦୀର ବାଙ୍କସାହି ନିକଟରେ ଏକ ୧୫୦ ଫୁଟର ଘାଇ ହୋଇଛି। ସେହିପରି ଅଟିରା ପଞ୍ଚାୟତ ଅରୁଆଳ ଗ୍ରାମ ନିକଟରେ ପାଖା ପାଖି ୧୦୦ ଫୁଟର ଘାଇ ଫଳରେ ବରୀ, ରମ୍ଭା, ଅରଙ୍ଗାବାଦ୍ ସମେତ ୭ଟି ପଞ୍ଚାୟତ ଜଳବନ୍ଦୀ ହୋଇଛି। ରସୁଲପୁର ବ୍ଲକ୍ ଟିକରପଡ଼ା ନିକଟରେ ନିର୍ମାଣାଧୀନ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ଗାଁ ଭିତରକୁ ପଶିଯାଇଛି। ଟିକରପଡ଼ା, କୁଜିବର, ପୋଡ଼ା ଜାଗୁଲେଇ ସମେତ ଅନେକ ଗାଁ ଜଳବନ୍ଦୀ ହୋଇ ରହିଛି। ତେବେ ଜଳସେଚନ ବିଭାଗର ଅବହେଳା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଖରସ୍ରୋତା ନଦୀରେ ବନ୍ୟା ଆସିବା ଫଳରେ ପହଙ୍ଗା, ତଣ୍ଡରା, ବରେଇ ଓ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ବ୍ୟାପକ ଫସଲ କ୍ଷତି ହୋଇଛି। ସେପଟେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳବନ୍ଦୀ ଲୋକଙ୍କୁ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଓ ଆବଶ୍ୟକ ସହାୟତା ଯୋଗାଇ ଦେବା ସହ ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଛି। ଘାଇ ମୁହଁ ତୁରନ୍ତ ବନ୍ଦ କରିବା ପାଇଁ ଜରୁରୀ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଜିଲ୍ଲାର ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାରେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ବାହିନୀ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ବ୍ଲକ୍ ପାଇଁ ସ୍ୱତନ୍ତ୍ର ଅଧିକାରୀ ନିୟୋଜିତ ହୋଇଛନ୍ତି। ଅବକାରୀ କମିଶନର ତଥା ଯାଜପୁରର ପୂର୍ବତନ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ସମଗ୍ର ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ଯାଜପୁର ଜିଲ୍ଲାପାଳ ଅମ୍ବରକର ବିଭିନ୍ନ ବନ୍ୟାଞ୍ଚଳ ବୁଲି ପରିସ୍ଥିତିର ସମୀକ୍ଷା କରୁଛନ୍ତି। ଜଳବନ୍ଦୀ ଥିବା ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି ଶୁକ୍ରବାର ମଧ୍ୟ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଜିଲ୍ଲାପାଳ ଘୋଷଣା କରିଛନ୍ତି।

- ଲଗାଣ ବର୍ଷା ନେଲା ଜୀବନ

# କାନ୍ଥ ଭୁଶୁଡ଼ି ମହିଳା ମୃତ

ମୁନିଗୁଡ଼ା, ୩୦।୭ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ଥାନା ରାଣୀପିଣ୍ଡା ପଞ୍ଚାୟତର ବାଘଡ଼ଙ୍ଗରି ଗ୍ରାମରେ ଲଗାଣ ବର୍ଷା ଯୋଗୁଁ କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ବାଘଡ଼ଙ୍ଗରି ଗ୍ରାମର ରୁକୁଣି ବଛା (୨୬) ଭୋରରେ ଶୌଚ ସାରି ଘରକୁ ଫେରୁଥିବା ବେଳେ ଘର ପାଖରେ ଥିବା ଏକ ପୁରୁଣା କାନ୍ଥ ତାଙ୍କ ଉପରେ ହଠାତ୍ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ତଳେ ଚାପି ହୋଇଯାଇଥିବା ରୁକୁଣିଙ୍କୁ ଗ୍ରାମବାସୀ ତୁରନ୍ତ ଉଦ୍ଧାର କରିଥିଲେ। ମାତ୍ର ଗୁରୁତର ଆଘାତ ଯୋଗୁଁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ରୁକୁଣି କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବ୍ଲକ ଏସ୍. ନଳା ଗ୍ରାମର ବୃନ୍ଦାବନ ଗୌଡ଼ଙ୍କ ଝିଅ। ତାଙ୍କର ବିବାହ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ବାଘଡ଼ଙ୍ଗରି ଗ୍ରାମର ଭରତ ବଛାଙ୍କ ପୁଅ ସାନୁର୍ଜ୍ୟ ବଛାଙ୍କ ସହ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ କିଛିଦିନ ଧରି ଲଗାତାର ବର୍ଷା ଯୋଗୁଁ କାନ୍ଥଟି ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲା। ଭିଜା ମାଟି ଖସିଯିବା ସହ କାନ୍ଥଟି ହଠାତ୍ ଭୁଶୁଡ଼ି ପଡ଼ିବାରୁ ଏଭଳି ଅଘଟଣ ଘଟିଛି। ଖବର



### ସରକାରୀ ସହାୟତା ଦାବି

ପାଇ ଅମ୍ବାଦଳାର ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ। ସ୍ଥାନୀୟ କଂଗ୍ରେସ ଯୁବନେତା ତଥା ସାଂସଦ ପ୍ରତିନିଧି ରଜନୀକାନ୍ତ ପୋଡ଼ାଲ ମଧ୍ୟ ମୁନିଗୁଡ଼ା ବିଡିଓ ଓ ଅମ୍ବାଦଳା ରାଜସ୍ୱ ଅଧିକାରୀଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଥିବା ଜଣାପଡ଼ିଛି।

# ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ନବୀନ



ଭୁବନେଶ୍ୱର,୩୦।୭(ସମିସ): ଇଣ୍ଡିଆନ୍ ଆଇଡଲ୍' ସିଜନ୍-୧୬ର ବିଜୟିନୀ ତଥା ଓଡ଼ିଶାର ଗର୍ବ ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଆଜି ନବୀନ ନିବାସରେ ନବୀନଙ୍କୁ ସାକ୍ଷାତ କରିଥିବା ବେଳେ ଜ୍ୟୋତିର୍ମୟୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ ଏହି ଟାଇଟଲ ହାତେଇ ଓଡ଼ିଶାକୁ ଗର୍ବିତ କରିଥିବା ନବୀନ କହିଛନ୍ତି। ଏହି ଅବସରରେ ଜ୍ୟୋତିର୍ମୟୀଙ୍କୁ ରୂପା ତାରକସି କୋଣାର୍କ ଚକ୍ର ପ୍ରଦାନ କରି ତାଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଶ୍ରୀ ପଟ୍ଟନାୟକ।

# କାନପୁର ଡ୍ୟାମ୍ ସମ୍ପୂର୍ଣ୍ଣ ସୁରକ୍ଷିତ: ପ୍ରଶାସନ

କେନ୍ଦୁଝର/ଯୋଡ଼ା, ୩୦।୭(ସମିସ): କାନପୁର ଡ୍ୟାମ୍‌ରେ ଗଠନମୂଳକ ତ୍ରୁଟି ନେଇ ଫାଟ ଦେଖାଦେଇଥିବା ନେଇ କିଛି ବିଭ୍ରାନ୍ତିକର ତଥ୍ୟ ଓ ଖବର ଉପରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି। କୁହାଯାଇଛି ଯେ ସାମ୍ପ୍ରତିକ ବର୍ଷା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ଏକ

### 'ଅସ୍ଥାୟୀ କଫର ଡ୍ୟାମ୍ ନେଇ କୌଣସି ଆଶଙ୍କା ନାହିଁ'

ଅସ୍ଥାୟୀ କଫର୍ ଡ୍ୟାମ୍ ଉପର ଦେଇ ଜଳ ପ୍ରବାହିତ ହେଉଛି। ଏହା ଏକ ଅସ୍ଥାୟୀ ସହାୟକ ଢାଞ୍ଚା। ଏହା ମୁଖ୍ୟ ଡ୍ୟାମ୍‌ର ଅଂଶବିଶେଷ ନୁହେଁ। ଏହି ଅସ୍ଥାୟୀ ବ୍ୟବସ୍ଥା ଉପର ଦେଇ ଜଳ ପ୍ରବାହିତ ହେବା ଦ୍ୱାରା ଜୀବନ, ସମ୍ପତ୍ତି କିମ୍ବା କାନପୁର ଡ୍ୟାମ୍‌ର ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ। ଜୁଲାଇ ୩୦ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୪୩୨.୯୫ ମିଟର ରହିଛି; ଯାହା କଫର୍ ଡ୍ୟାମ୍‌ର ସର୍ବୋଚ୍ଚ ସ୍ତର (୪୨୮.୦୦ ମିଟର)। ମୁଖ୍ୟ ଜଳଭଣ୍ଡାରର ସର୍ବୋଚ୍ଚ ଜଳସ୍ତର ୪୪୦.୦୦ ମିଟରଠାରୁ ଯଥେଷ୍ଟ କମ୍ ଅଛି। ବର୍ତ୍ତମାନ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୪୮.୪୮୨ କ୍ୟୁସେକ୍



ଜଳ ପ୍ରବେଶ କରୁଥିବା ବେଳେ ୧,୦୪୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଫଳରେ ଜଳସ୍ତର ଧୀରେ ଧୀରେ ହ୍ରାସ ପାଇବ। ନିଷ୍କାସିତ ଜଳ କେବଳ ପ୍ରାକୃତିକ ନଦୀ ଶଯ୍ୟା ମଧ୍ୟରେ ସୀମିତ ରହିବ। ଏହା ଦ୍ୱାରା କୌଣସି ଗ୍ରାମ ପ୍ରଭାବିତ ହେବାର ସମ୍ଭାବନା ନାହିଁ। ଏହି ଜଳ ପ୍ରବାହ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, କେନ୍ଦୁଝର ସଦର ଏବଂ ପାଟଣା ଦେଇ ଗତି କରିବ। ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟା ସୁଦ୍ଧା ଏହି ପାଣି ଆନନ୍ଦପୁର ବ୍ୟାରେଜ୍‌ରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ସମ୍ପୃକ୍ତ ସମସ୍ତ ବିଡିଓ ଏବଂ ତହସିଲଦାରମାନଙ୍କୁ ଆଲର୍ଟ କରାଯାଇଛି ଏବଂ ମାଇକ୍ ଯୋଗେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ଜିଲ୍ଲା ଅଧିକାରୀ ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି। ତେବେ, କୌଣସି ଖବର ପ୍ରକାଶ ବା ପ୍ରସାରଣ କରିବା ପୂର୍ବରୁ ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ସତ୍ୟତା ଯାଞ୍ଚ କରିବାକୁ ଗଣମାଧ୍ୟମଗୁଡ଼ିକୁ ଅନୁରୋଧ କରାଯାଇଛି।

# ବନ୍ୟାରେ ଭାସିଯାଇଥିବା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର/ମାଣତ୍ରୀ, ୩୦।୭(ସମିସ) : ବନ୍ୟାର ଭୟଙ୍କର ରୂପ ପୁଣି ଏକ ଜୀବନ ନେଇଛି। ମୟୂରଭଞ୍ଜ ବଡ଼ସାହି ପାଳପାଟଣା ପୋଲରେ ଗଙ୍ଗାହର ନଦୀର ପ୍ରଖର ବନ୍ୟା ସ୍ରୋତରେ ଭାସିଯାଇଥିବା ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଧୀନ ଶ୍ରୀରାମପୁର ଗ୍ରାମର ଚୌଧୁରୀ ବେହେରା (୬୦)ଙ୍କ ମୃତଦେହ ଘଟଣାର ପ୍ରାୟ ୨୪ ଘଣ୍ଟା ପରେ ଓଡ୍ରାଫ ଟିମ୍ ଉଦ୍ଧାର କରିଛି। ଏହି ଘଟଣା ପରେ ସମଗ୍ର ରେମୁଣା ଅଞ୍ଚଳ ଶୋକରେ ସ୍ତବ୍ଧ ହୋଇପଡ଼ିଥିବା ବେଳେ ପାଳପାଟଣା ପୋଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି।

ଚୌଧୁରୀ ବେହେରା ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକ ଅଞ୍ଚଳରେ ଥିବା ନିଜ ଝିଅଘରକୁ ଯାଇଥିଲେ। ବୁଧବାର ସେ ସାଇକଲ ଯୋଗେ ଘରକୁ ଫେରୁଥିବା ସମୟରେ ପାଳପାଟଣା ପୋଲ ଉପରେ ଗଙ୍ଗାହର ନଦୀର ବନ୍ୟା ଜଳ ପ୍ରବାହିତ ହେଉଥିଲା। ପ୍ରଖର ସ୍ରୋତ ମଧ୍ୟରେ ସେ ସନ୍ତୁଳନ ହରାଇ ଭାସିଯାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଗୁରୁବାର ଓଡ୍ରାଫ ଟିମ୍ ପହଞ୍ଚି ନଦୀରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଚଳାଇଥିଲା। ଦୀର୍ଘ ସମୟର ତଲାସି ପରେ ନଦୀରୁ ଚୌଧୁରୀ ବେହେରାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବର୍ଷା ଋତୁରେ ଏହି ପୋଲ ଉପରେ ପ୍ରାୟ ପ୍ରତିବର୍ଷ ବନ୍ୟା ଜଳ ପ୍ରବାହିତ ହୁଏ। ତଥାପି ଲୋକଙ୍କ ଯାତାୟାତ ପାଇଁ ବିକଳ୍ପ ବ୍ୟବସ୍ଥା କିମ୍ବା ସ୍ଥାୟୀ ସମାଧାନ ହୋଇନାହିଁ। ପୂର୍ବରୁ ମଧ୍ୟ ଏହି ପୋଲରେ ବନ୍ୟା ଜଳରେ ଭାସି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହା ସତ୍ତ୍ୱେ ଉଚ୍ଚ ସେତୁ ନିର୍ମାଣ ନ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ବଢ଼ିଛି।

# ବନ୍ୟାରେ ଧୋଇଗଲା 'ନେଚର କ୍ୟାମ୍ପ୍'

### କ୍ଷତି ଭରଣା କରିବ କିଏ ?

କେନ୍ଦୁଝର, ୩୦।୭(ସମିସ): ବୈତରଣୀ ନଦୀ ତଟରେ ନେଚର କ୍ୟାମ୍ପ ସ୍ଥାନ ନିରୂପଣ କରିବା ମହଙ୍ଗା ପଡିଛି। ବୈତରଣୀରେ ବର୍ଷର ପ୍ରଥମ ବନ୍ୟା ପାଣିରେ ନେଚର କ୍ୟାମ୍ପ ଧୋଇଯିବା ଘଟଣା ପ୍ରକୃତିପ୍ରେମୀଙ୍କୁ ଆଘାତ ଦେଇଛି। ସ୍ଥାନଟି ପ୍ରକୃତି ପ୍ରେମୀଙ୍କ ନିମନ୍ତେ ସ୍ୱର୍ଗଠାରୁ କମ ନଥିଲା। ବନ ବିଭାଗ ପକ୍ଷରୁ ଏକ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଦରଗୁଡ଼ିଶୀଳା ନଦୀ ପଠାରେ ୫ଟି ସୁନ୍ଦର କଟେଜ କାମ କରାଯାଉଥିଲା। ମାତ୍ର କାମ ନିମ୍ନମାନର ହେଉ କିମ୍ବା ସ୍ଥାନ ନିରୂପଣରେ ତ୍ରୁଟି କାରଣରୁ ଗତ ଲଗାଣ ବର୍ଷାର ବୈତରଣୀ ବଢ଼ି ପାଣିରେ ଏହା ଧୋଇଯାଇଛି। କେନ୍ଦୁଝର ବନଖଣ୍ଡ ଘଟଗାଁ ରେଞ୍ଜ ଅନ୍ତର୍ଗତ ଦରଗୁଡିଶିଳା ପର୍ଯ୍ୟଟନସ୍ଥଳରେ ନିର୍ମାଣାଧୀନ ୪ଟି ନେଚର କ୍ୟାମ୍ପ ବୈତରଣୀ ନଦୀ ବଢିରେ କ୍ଷତିଗ୍ରସ୍ତ ହେବା ଫଳରେ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଛି। ପର୍ଯ୍ୟଟକଙ୍କ ପାଇଁ ୫ଟି କଟେଜ ମଧ୍ୟରୁ ୪ଟିର କାମ ସରିଥିଲା। ଏହି କାମ ନଭେମ୍ବର ପୂର୍ବରୁ ସରିବାର ଥିଲା। ବର୍ତ୍ତମାନ ପରିସ୍ଥିତିରୁ ଅନୁମେୟ ଯେ ନେଚର



କ୍ୟାମ୍ପ ଯେଉଁ ନଦୀ ତଟରେ କରାଯାଉଥିଲା ତାହା ହୁଏତ ଆଗାମି ଦିନରେ ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରିଥାନ୍ତା। ସ୍ଥାନ ନିରୂପଣରେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ତ୍ରୁଟି ଯୋଗୁଁ ହୋଇଥିବା କ୍ଷତିର ଭରଣା କରିବ କିଏ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୩ ଦିନ ହେଲା ବନ୍ୟାଘେରରେ ୭ ଲକ୍ଷ ବିପନ୍ନ

ଭୁବନେଶ୍ୱର,୩୦।୭(ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଗମ୍ଭୀର ଅବସ୍ଥାରେ ରହିଛି। ବୈତରଣୀ ଓ ଶାଳନ୍ଦୀ ନଦୀରେ ଆସିଥିବା ବନ୍ୟା ଓ ଅନ୍ୟ ପ୍ରମୁଖ ନଦୀରେ ଜଳସ୍ତର ବୃଦ୍ଧି ପ୍ରଭାବରେ ସାରା ଉତ୍ତର ଓଡ଼ିଶା କ୍ଷତିଗ୍ରସ୍ତ ହୋଇଛି। ମାତ୍ର ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରେ ସ୍ଥିତି ସବୁଠୁ ଉଦ୍‌ବେଗ ଜନକ ରହିଛି। ସାରା ରାଜ୍ୟରେ ଅର୍ଥାତ୍ ୨୦ ଟି ଜିଲ୍ଲାରେ ବନ୍ୟା ଯୋଗୁଁ ମୋଟ୍ ୭ ଲକ୍ଷ ୫ ହଜାର ୨୩୨ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ଏଥିମଧ୍ୟରୁ କେବଳ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରୁ ସର୍ବାଧିକ ୬ ଲକ୍ଷ ୯୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟାରେ ଭଦ୍ରକର ସର୍ବାଧିକ ୪ ଲକ୍ଷ ୧୧ ହଜାର ଲୋକ ପ୍ରଭାବିତ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ କୁହାଯାଇଛି।

ସେହିପରି ବାଲେଶ୍ୱରରୁ ୧ ଲକ୍ଷ ୪୬ ହଜାର ଓ ଯାଜପୁର ଜିଲ୍ଲାରେ ୧ ଲକ୍ଷ ୩୭ ହଜାର ଲୋକ ବନ୍ୟା ବିଭିଷୀକାର ଶିକାର ହୋଇଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ବୈତରଣୀରେ ଆସିଥିବା ବନ୍ୟା ଯୋଗୁଁ ଉତ୍ତର ଓଡ଼ିଶା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏହାସହିତ ମହାନଦୀରେ ଜଳସ୍ତର ବଢ଼ିବା ହେତୁ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ମଧ୍ୟ ବନ୍ୟା ପାଣିରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏବେ ସୁଦ୍ଧା ୨୦ ଟି ଜିଲ୍ଲାର ମୋଟ୍ ୧୦୦ ବ୍ଲକର ୫୩୯ ୧୪୫୮ ଗାଁ ପ୍ରଭାବିତ

- ଭଦ୍ରକ, ବାଲେଶ୍ୱର ଓ ଯାଜପୁରରେ ସ୍ଥିତି ଜଟିଳ
- ମୃତ୍ୟୁ ସଂଖ୍ୟାକୁ ନେଇ ମୁହଁ ଖୋଲୁନାହାନ୍ତି ସରକାର
- ମାଳ ମାଳ ଅଭିଯୋଗ, ସରକାରୀ ଭାବେ ୩ ମୃତ

ହୋଇଥିବା ବେଳେ ୧୪ ଟି ସହରାଞ୍ଚଳ ପ୍ରଭାବିତ ହୋଇଛି। ଏହା ବ୍ୟତୀତ ଏବେ ସୁଦ୍ଧା ବନ୍ୟାରେ ମୋଟ୍ ୧୩୫୩ ଘର ଭାଙ୍ଗିଥିବା ବେଳେ ୨୪ ହଜାର ୮୯୬ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ଅନ୍ୟପଟେ ବନ୍ୟା ଓ ଏହାର ପରୋକ୍ଷ କାରଣ ଯୋଗୁଁ ବୁଧବାର ରାତି ସୁଦ୍ଧା ବିଭିନ୍ନ ଜିଲ୍ଲାରୁ ୮ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ବେସରକାରୀ ଭାବେ ଅଭିଯୋଗ ହୋଇଥିଲା। ଏହାସହିତ ଗୁରୁବାର ମଧ୍ୟ କେତେକ ସ୍ଥାନରେ ବନ୍ୟା ପାଣିରେ ଭାସିଯାଇ ପ୍ରାଣ ହରାଇବା ଓ ଅଜଣା ମୃତ ଦେହ ମିଳିବା ଭଳି ଘଟଣା ସାମନାକୁ ଆସିଛି। ଏହାସହିତ କେତେକ ସ୍ଥାନରେ ବନ୍ୟା ପାଣିରେ ଭାସି ଆସୁଥିବା ସାପ କାମୁଡ଼ା ଯୋଗୁଁ ମୃତ୍ୟୁ ନେଇ ମଧ୍ୟ ଅଭିଯୋଗ ହେଉଛି। ହେଲେ ସରକାରୀ ଭାବେ ମୃତକଙ୍କ ସଂଖ୍ୟାକୁ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନାହିଁ। ଆଜି ସନ୍ଧ୍ୟା ସୁଦ୍ଧା ସରକାରୀ ଭାବେ ମାତ୍ର ୩ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ କୁହାଯାଇଛି, କେନ୍ଦୁଝରରେ ଜଣେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଥିବା ବେଳେ ଢେଙ୍କାନାଳରେ କାନ୍ଥ ପଡ଼ି ଜଣଙ୍କର ଜୀବନ ଯାଇଛି। ଏହାସହିତ ରାୟଗଡ଼ାରେ ମଧ୍ୟ କାନ୍ଥ ପଡ଼ିବା ଯୋଗୁଁ ଜଣେ ଲୋକଙ୍କର ଜୀବନ ଯାଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଥିବା କୁହାଯାଇଛି। ଏହାବ୍ୟତୀତ ବନ୍ୟା ଯୋଗୁଁ ମୋଟ୍ ୧୩୧୦ ଟି ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଇଥିବା ବେଳେ କେବଳ ମୟୂରଭଞ୍ଜରୁ ୧୩୦୦ ପ୍ରାଣୀଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି।

ଅନ୍ୟପଟେ ସରକାରଙ୍କ ପକ୍ଷରୁ କୁହାଯାଇଛି, ପ୍ରଭାବିତ ଜିଲ୍ଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ୧ ଲକ୍ଷ ୮୯ ହଜାର ୫୯୧ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତରିତ କରାଯାଇଛି। ସେମାନଙ୍କୁ ୫୨୦ଟି ରିଲିଫ କ୍ୟାମ୍ପରେ ରଖାଯାଇଛି। ବନ୍ୟା ଦ୍ୱାରା ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ, ଶିଶୁ ଖାଦ୍ୟ ସହ ମହିଳା ଏବଂ ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଜଳବନ୍ଦୀ ବଭାବେ ୨୧ଟି ଗାଁ ଥିବାବେଳେ ବାହ୍ୟଜଗତରୁ ସେମାନେ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛନ୍ତି। ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଉଛି। ଏଥିପାଇଁ ଏବେ ସୁଦ୍ଧା ୩୭୮ କ୍ୱିଣ୍ଟାଲ୍ ଚୁଡ଼ା ଓ ୪୪.୫ କ୍ୱିଣ୍ଟାଲ୍ ଗୁଡ଼ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ପାଇଁ ୨୪ ଟି ଓଡ୍ରାଫ୍, ୬ଟି ଏନ୍‌ଡିଆର୍‌ଏଫ୍ ଓ ୪୬ଟି ଅଗ୍ନିସମ ବାହିନୀ ନିୟୋଜିତ ହୋଇଛନ୍ତି।

# ୨୫୦ ପରିବାର ଜଳବନ୍ଦୀ

କଣିହାଁ/ପବିତ୍ରନଗର,୩୦।୭ (ସମିସ): ଲଗାଣ ବର୍ଷାରେ ଅନୁଗୋଳ ଜିଲ୍ଲାବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ କଣିହାଁ ବ୍ଲକ ବୁରୁକୁନା ଗ୍ରାମର ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ସମାକୋଇ ନଦୀରେ ବନ୍ୟାଜଳ ଆସିବା ପରେ ଗ୍ରାମର ୨୫୦ରୁ ଅଧିକ ପରିବାର ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଫଳରେ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି।



ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବୁଧବାର ସନ୍ଧ୍ୟାରୁ ସମାକୋଇ ନଦୀର ବନ୍ୟାଜଳ ଗାଁ ଭିତରକୁ ପ୍ରବେଶ କରିଥିଲା। ଫଳରେ ଅନେକ ଘରେ ପାଣି ପଶି ରନ୍ଧାବଢ଼ା ସାମଗ୍ରୀ, ଖାଦ୍ୟଶସ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଣିରେ ବୁଡ଼ିଯାଇଛି। ଗାଁ ଚାରିପାଖରେ ବନ୍ୟାଜଳ ଘେରି ରହିଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଜରୁରୀକାଳୀନ ଚିକିତ୍ସା, ଖାଦ୍ୟ ସାମଗ୍ରୀ ଓ ପାନୀୟ ଜଳ ଯୋଗାଡ଼ କରିବା ମଧ୍ୟ ସମ୍ଭବ ହେଉନାହିଁ। ଖବର ଲେଖାହେବା ସୁଦ୍ଧା ପ୍ରଶାସନର କୌଣସି ଅଧିକାରୀ କିମ୍ବା ରିଲିଫ୍ ଟିମ୍ ଗ୍ରାମରେ ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ବର୍ଷା ଋତୁରେ

**ବୁରୁକୁନା ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ**

**ରିଲିଫ୍ ପହଞ୍ଚି ନ ଥିବା ଅଭିଯୋଗ**

ଏଭଳି ସମସ୍ୟା ସୃଷ୍ଟି ହେଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା କହିଛନ୍ତି। ପରିସ୍ଥିତି ଗମ୍ଭୀର ଥିବାରୁ ତୁରନ୍ତ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିବା ସହ ଜଳବନ୍ଦୀ ପରିବାରକୁ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ବାଇଗଣୀ ମାଝୀ, ଶରତ ଚନ୍ଦ୍ର ପ୍ରଧାନ, ବନି କୁରୁଡ଼ିଆ ଓ ଅର୍ଜୁନ ପ୍ରଧାନ ଅନୁରୋଧ କରିଛନ୍ତି।

## ଭୁଶୁଡ଼ିଲା ଘର, ଅଳ୍ପକେ ବର୍ତ୍ତିଲା ୫ ଜୀବନ



କିଶୋରନଗର,୩୦।୭ (ସମିସ): ଝଡ଼ତୋଫାନ ଓ ଲଗାଣ ବର୍ଷା ଯୋଗୁଁ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍ ଠାକୁରଗଡ଼ ପଞ୍ଚାୟତ ଅଲେଖପୁର ଗ୍ରାମ (ପାଣସାହି)ରେ ବୁଧବାର ବିଳମ୍ବିତ ରାତିରେ ଏକ କଚ୍ଚା ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ତେବେ ଘରେ ଥିବା ପରିବାରର ୫ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗ୍ରାମର ଗୌତମ ନାଏକ, ତାଙ୍କ ସ୍ତ୍ରୀ ଭାରତୀ ନାଏକ ଓ ୩ ସନ୍ତାନ ରାତିରେ ନିଜ ଘରେ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ପ୍ରବଳ ବର୍ଷା ଓ ପବନ ଯୋଗୁଁ ହଠାତ୍ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ତେବେ ଗୌତମଙ୍କ ପରିବାର ଲୋକେ ଜୀବନ ବିକଳରେ ଗୁରୁଣ୍ଡି ଗୁରୁଣ୍ଡି କୌଣସି ପ୍ରକାରେ ବାହାରକୁ ଆସିବାରେ ସଫଳ ହୋଇଥିଲେ। ଏକ ବଡ଼ ଦୁର୍ଘଟଣାରୁ ସମସ୍ତଙ୍କ ଜୀବନ ରକ୍ଷା ପାଇଯାଇଛି। ତେବେ ଘରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଧାନ, ଚାଉଳ, ଲୁଗାପଟା ଓ ଗୃହୋପକରଣ ସମ୍ପୂର୍ଣ୍ଣ ମାଟିରେ ମିଶି ନଷ୍ଟ ହୋଇଛି। ପରିବାର ଲୋକେ ଏବେ ଖୋଲା ଆକାଶ ତଳେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ତାଙ୍କୁ ତୁରନ୍ତ ଆବଶ୍ୟକ ରିଲିଫ୍ ସାମଗ୍ରୀ ସହ ସମସ୍ତ ସହକାରୀ ସହାୟତା ଓ ଆବାସ ଯୋଜନାରେ ଖଣ୍ଡିଏ ଘର ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

## ଖରିଫ-୨୦୨୬ କୃଷି ରଣନୀତି ବୈଠକ

- ୧,୪୫,୧୦୦ ହେକ୍ଟର ଜମିରେ ଚାଷ କରିବା ପାଇଁ ଲକ୍ଷ୍ୟ



ଅନୁଗୋଳ,୩୦।୭ (ସମିସ): ଅନୁଗୋଳ ଜିଲ୍ଲାର ଖରିଫ-୨୦୨୬ ବର୍ଷ ପାଇଁ କୃଷି ରଣନୀତି ସମ୍ବନ୍ଧୀୟ ବୈଠକ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଆଗାମୀ ଖରିଫ ଋତୁରେ ଧାନ ଓ ଅଣଧାନ ଚାଷ, ବିହନ ବିତରଣ, ଜଳସେଚନ, ରାସାୟନିକ ସାରର ସ୍ୱଚ୍ଛ ବଣ୍ଟନ, କୃଷକ ସଶକ୍ତୀକରଣର ବିଭିନ୍ନ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଅନୁଗୋଳ ଜିଲ୍ଲାରେ ମୋଟ ୧,୪୫,୧୦୦ ହେକ୍ଟର ଜମିରେ ଧାନ ଓ ଅଣଧାନ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋମାତାଙ୍କୁ ରାଷ୍ଟ୍ରମାତା ମାନ୍ୟତା ପାଇଁ ଦାବିପତ୍ର



ଅନୁଗୋଳ,୩୦।୭ (ସମିସ): ଭାରତରେ ସମ୍ପୂର୍ଣ୍ଣ ଗୋହତ୍ୟା ବନ୍ଦ, ଗୋମାତାଙ୍କୁ ରାଷ୍ଟ୍ରମାତା ମାନ୍ୟତା ପ୍ରଦାନ, ରାସ୍ତାରେ ବୁଲୁଥିବା ଗାଈଗୋରୁଙ୍କୁ ଗୋଶାଳାରେ ରଖିବା ଆଦି ୩୧ଟି ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବିଶ୍ୱହିନ୍ଦୁ ପରିଷଦର ନିଶାମଣି ଖିଲାର, ବଜରଙ୍ଗ ଦଳର ତପନ ଦେବତା, ମୁନା ନାୟକ, ଶ୍ରୀଗୋପାଳ ଗୋଶାଳାର ଲଡୁକିଶୋର ଅଗ୍ରୱାଲ, ବିମଳ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ଗୋସେବକ ବିନୋଦ, ସତ୍ୟଜିତ, ଚିନ୍ମୟ, ଦୀପକ, ଦେବାଶିଷ, ରୁକେଶ, ମୁନା, ଅମ୍ଳାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାନୁଷ୍ଠାନରେ ଗୁରୁ ପୂର୍ଣ୍ଣିମା



କିଶୋରନଗର,୩୦।୭ (ସମିସ): ସନାତନ ଧର୍ମକୁ ଆଧାତ୍ମିକ ଜ୍ଞାନ ପ୍ରଦାନ କରିଥିବା ମହର୍ଷି ବେଦବ୍ୟାସଙ୍କ ଜୟନ୍ତୀରେ କସ୍ତୁରୀବାହାଳ ବ୍ରେନ ୱେଭ୍ ଶିକ୍ଷାନୁଷ୍ଠାନରେ ଗୁରୁ ପୂର୍ଣ୍ଣିମା ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଦିବାକର ମାଝୀ, ସମ୍ମାନିତ ଅତିଥି ଭାବେ ରମାକାନ୍ତ ପ୍ରଧାନ, ପ୍ରଧାନଶିକ୍ଷକ ଭାବେ ସୁଦାମ ଚରଣ ପ୍ରଧାନ ଓ ବିଦ୍ୟାଳୟର ପ୍ରତିଷ୍ଠାତା ସତ୍ୟଜିତ ପ୍ରଧାନ ଯୋଗଦେଇଥିଲେ। ରୋହିତ ସାହୁ ସଭା ସଞ୍ଚାଳନ କରିଥିଲେ। ରାମ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଧଣ୍ଡାତୋପା ହାତୀ ଚଲାପଥ ପୋଲରେ ପାଣି



ଆଠମଲ୍ଲିକ,୩୦।୭ (ସମିସ): ପୂର୍ତ୍ତ ବିଭାଗର ୬୨ ନମ୍ବର ରାଜ୍ୟ ରାଜପଥ ଧଣ୍ଡାତୋପାଠାରେ ଦୀର୍ଘବର୍ଷ ଧରି ନିର୍ମାଣାଧୀନ ହାତୀ ଚଲାପଥ ପୋଲର ବାଇପାସ ରାସ୍ତାରେ ଲଗାଣ ବର୍ଷା ଯୋଗୁଁ ମଙ୍ଗଳବାର ରାତିରୁ ବନ୍ୟା ପରିସ୍ଥିତି ସୃଷ୍ଟି

- ଯାତାୟାତ ବାଧାପ୍ରାପ୍ତ
- ଜରୁରୀକାଳୀନ ସେବା ପ୍ରଭାବିତ
- ଦୀର୍ଘବର୍ଷ ଧରି ସରୁନି ପୋଲ କାର୍ଯ୍ୟ

ହୋଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଜରୁରୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ଦୀର୍ଘ ବର୍ଷ ହେଲା କାର୍ଯ୍ୟ ଚାଲିଥିବା ବେଳେ ଶେଷ ହେଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ବାରମ୍ବାର ବିଭାଗୀୟ ତାଗିଦ ଓ ଜନସାଧାରଣଙ୍କ ଦାବି ସତ୍ତ୍ୱେ ଠିକାଦାରଙ୍କ ଦାଦାଗିରି ଓ ବେଖାତିର ମନୋଭାବ ଯୋଗୁଁ ନିର୍ମାଣ କାର୍ଯ୍ୟ ସରିପାରୁନାହିଁ। ଏପରି ପରିସ୍ଥିତି ଯୋଗୁଁ ଗାଡ଼ିମଟର ଚଳାଚଳ ସହ ଆମ୍ବୁଲାନ୍ସ ସେବା ବ୍ୟାହତ ହେବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ସକାଳେ ପୂର୍ତ୍ତ ବିଭାଗ ଅଧିକାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଗାଡ଼ି ଚଳାଚଳ ସୁଗମ କରିବାକୁ ଦିନତମାମ ଉଦ୍ୟମ କରିଥିଲେ। ଛାତ୍ରଛାତ୍ରୀମାନେ ବିପଦସଂକୁଳ ଅବସ୍ଥାରେ ପାଣିରେ ପଶି ଯାଉଥିବା ଭଳି ସମ୍ବେଦନଶୀଳ ଦୃଶ୍ୟ ଦେଖିବାକୁ ମିଳିଥିଲା।

## 'ତପସ୍ୟା' ପକ୍ଷରୁ ଔଷଧୀୟ ଚାରାରୋପଣ

ବଣ୍ଡଁରପାଳ,୩୦।୭ (ସମିସ): ବାହୁଡ଼ାଯାତ୍ରା ଅବସରରେ ମହୀଧରପୁରର ସ୍ୱେଚ୍ଛାସେବୀ ସଂଗଠନ ତପସ୍ୟା ପକ୍ଷରୁ ସନାତନ ମଠ ପରିସରରେ ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ସୁବାସ ଚନ୍ଦ୍ର ଜେନା, ପୂର୍ବତନ ସରପଞ୍ଚ ବିନୋଦ କୁମାର ବେହେରା, ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ଶିଶିର କୁମାର ପାଳ, ତପସ୍ୟାର ସଭାପତି ମାନସ କୁମାର ସାହୁ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ବାରିକ, ସନାତନ ପାଳ, ଅଭୟ କୁମାର ସାହୁ, ଗୋକୁଳ ସାହୁ, ଛକୁଡ଼ି ସାହୁ, ନିରୋଦ କୁମାର ସାହୁ, ପିଣ୍ଟୁ ସାହୁ, ଶିବରାମ ଦାସ, ତାପସ କୁମାର ଜେନା ପ୍ରମୁଖ ଯୋଗଦେଇ ତେଜପତ୍ର, ଗୋଲମରିଚ, ନଡ଼ିଆ, ପିଜୁଳି, ଡାଳିମ୍ବ ପ୍ରଭୃତି ଚାରା ରୋପଣ କରିଥିଲେ।

## ୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଗିରଫ



ଅନୁଗୋଳ,୩୦।୭ (ସମିସ): ଆଥର ଏନର୍ଜି କମ୍ପାନୀର ଡିଲରସିପ୍ ପ୍ରଦାନ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଅନଲାଇନରେ ଅନୁଗୋଳର ଜଣେ ବ୍ୟକ୍ତିଙ୍କଠାରୁ ୪ ଲକ୍ଷ ୫ ହଜାର ୫୦୦ ଟଙ୍କା ଠକେଇ ଅଭିଯୋଗରେ ଅନୁଗୋଳ ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୁଲିସ ରାଉରକେଲା ରଘୁନାଥପାଲି ଥାନା ଜାମିଆ କଲୋନୀର ମହମ୍ମଦ କାଲାମୁଦ୍ଦିନଙ୍କ ପୁଅ ମହମ୍ମଦ ଚାନ୍ଦ ଆଲାମ (୨୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଠାରୁ ଗୋଟିଏ ମୋବାଇଲ୍ ଫୋନ୍, ଗୋଟିଏ ଲାପଟପ୍, ବିଭିନ୍ନ ବ୍ୟାଙ୍କ ପାସବୁକ୍, ଏସବିଆଇ ବ୍ୟାଙ୍କ ଚେକ୍, ଡେବିଟ୍ କାର୍ଡ, ଗୋଟିଏ କ୍ରେଡିଟ୍ କାର୍ଡ ପ୍ରଭୃତି ଜବତ କରାଯାଇଛି। ଅଭିଯୋଗକାରୀ ଆଥର ଏନର୍ଜି ଡିଲରସିପ୍ ପାଇଁ ଅନଲାଇନରେ ଆବେଦନ କରିଥିଲେ। ଠକମାନେ କମ୍ପାନୀ ପ୍ରତିନିଧି ଭାବେ ପରିଚୟ ଦେଇ ତାଙ୍କ ସହ ଯୋଗାଯୋଗ କରିଥିଲେ। ପଞ୍ଜୀକରଣ ଏବଂ ଲାଇସେନ୍ସ ଫି ବାହାନାରେ ତାଙ୍କୁ ଠକେଇ କରିଥିଲେ। ଏ ନେଇ ଅଭିଯୋଗ ପରେ ଅନୁଗୋଳ ଏସପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ଆୟେଶକାନ୍ତ ଜେନାଙ୍କ ନେତୃତ୍ୱରେ ଏକ ତଦନ୍ତ ଟିମ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ରୋହିତ କୁମାର ମାଝି, ସତ୍ୟଜିତ୍ ସାହୁ, ବିଶ୍ୱଜିତ୍ ଦେହୁରୀ ସାମିଲ ଥିଲେ। ମାମଲାରେ ସମ୍ପୃକ୍ତ ଅନ୍ୟ ସହଯୋଗୀଙ୍କୁ ପୁଲିସ ଠାବ କରିବାକୁ ଉଦ୍ୟମ ଜାରି ରଖିଛି।

## ଜିଲ୍ଲାପାଳଙ୍କ ଆଠମଲ୍ଲିକ ବନ୍ୟାଞ୍ଚଳ ପରିଦର୍ଶନ



ଆଠମଲ୍ଲିକ,୩୦।୭ (ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ ଅକତର ଗୁରୁବାର ପୂର୍ବାହ୍ନରେ ଆଠମଲ୍ଲିକ ବ୍ଲକର ବନ୍ୟା ପ୍ରଭାବିତ ଜାମୁଡ଼ୋଲି, ଲୁହାସିଙ୍ଗା ଓ କୁଦଗାଁ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହ ରିଲିଫ୍ ଓ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ପ୍ରଥମେ କୁଦଗାଁ ଅଞ୍ଚଳ ଗସ୍ତକରି ବନ୍ୟା ସ୍ଥିତି ପରଖିଥିଲେ ପରେ ଧଳପୁର ପୋଲ ଉପରକୁ ଯାଇ ମହାନଦୀରେ ବନ୍ୟା ଜଳ କେତେ ରହିଛି ଓ ତାର ସ୍ଥିତିକୁ ତଦାରଖ କରିଥିଲେ କ୍ଷଓଳଥ ଠାରେ ଅଗ୍ନିଶମ ବାହିନୀ ଦ୍ୱାରା ବୋଟ ସାହାଯ୍ୟରେ ଗାଈଗୋରୁ ଙ୍କୁ ଉଦ୍ଧାର କରାଯାଉଥିବା ଦେଖିଥିଲେ। ଶେଷରେ ଜାମୁଡୋଲି ଯାଇ ଲୋକମାନେ କିଭଳି ବୋଟରେ ଯାତାୟାତ କରୁଛନ୍ତି ତାକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ, ଓ.ଆର୍.ଏସ୍ ପ୍ୟାକେଟ ଓ ସାପକାମୁଡ଼ା ପ୍ରତିଷେଧକ ଔଷଧ ମହଜୁଦ ରଖିବାକୁ ଉପସ୍ଥିତ ସମସ୍ତ କ୍ଷେତ୍ରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ଜଳମଗ୍ନ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ମଧ୍ୟ ଦେଇଥିବା ଜଣାଯାଇଛି। ବନ୍ୟା ଜଳ ହ୍ରାସ ପାଇବା ମାତ୍ରେ ସମସ୍ତ ବୁଡ଼ି ରହିଥିବା ନଳକୂପ ଓ ପାନୀୟ ଜଳ ଟାଙ୍କିଗୁଡ଼ିକୁ ବିଶୋଧନ କରାଯିବାକୁ କହିଥିଲେ। ପଶୁସମ୍ପଦର ସୁରକ୍ଷା, ଖାଦ୍ୟ ଓ ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ପାଇଁ ତହସିଲର ୩ଟି ମୋଟର ବୋଟ୍ ଓ ଅଗ୍ନିଶମ ବିଭାଗର ୨ଟି ରବର ବୋଟ୍ ସଂବେଦନଶୀଳ ସ୍ଥାନଗୁଡ଼ିକରେ ନିୟୋଜିତ ରଖା ଯାଇଛି। ସମସ୍ତ ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଜିଲ୍ଲା ପ୍ରଶାସନ ଦ୍ୱାରା ସମ୍ପୂର୍ଣ୍ଣ ସଜାଗ ଓ ସତର୍କ ରଖାଯାଇଥିବା ଜଣାଯାଇଛି। ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଟିଟସ ମହାନନ୍ଦିଆ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଶାନ୍ତ ତଡ଼ିଆ, ଥାନା ଭାରପ୍ରାପ୍ତ ଅଧିକାରୀ ପି ସ୍ୱରୂପ କିସେନ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାରସ୍ୱତ ସାହିତ୍ୟ ସଂସଦ ପକ୍ଷରୁ ବର୍ଷାମଙ୍ଗଳ କାର୍ଯ୍ୟକ୍ରମ

ଛେଣ୍ଡିପଦା,୩୦।୭ (ସମିସ): ସ୍ଥାନୀୟ ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ସାହିତ୍ୟ ସଂସଦ ପକ୍ଷରୁ ବାଗେଡ଼ିଆସ୍ଥିତ ଆଶୀର୍ବାଦ ଭବନରେ ମୌସୁମୀକୁ ଆବାହନ ପୂର୍ବକ 'ବର୍ଷାମଙ୍ଗଳ' କବିତା ପାଠୋତ୍ସବ ଓ 'ସାହିତ୍ୟ ଓ ଜୀବନ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଡ. ଅକ୍ଷୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟାନୁରାଗୀ ତଥା ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଧନେଶ୍ୱର ମାଝୀ ମୁଖ୍ୟଅତିଥି, ସ୍ଥାନୀୟ ବାପୁଜୀ କଲେଜ ଅଧ୍ୟକ୍ଷ ତଥା ବରିଷ୍ଠ ଓଡ଼ିଆ ପ୍ରାଧ୍ୟାପକ ପ୍ରଫେସର ଧର୍ମରାଜ ତ୍ରିପାଠୀ ମୁଖ୍ୟବକ୍ତା ଓ ସମାଜସେବୀ ବିନୋଦ ସରଳିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନନ୍ଦିନୀ ରାଉତଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅକ୍ଷୟ କୁମାର ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର, ବସନ୍ତ କୁମାର ପ୍ରଧାନ, ଜୟଚନ୍ଦ୍ର ସାହୁ, ଚକ୍ରଧର ପ୍ରଧାନ, ବିଜୟ କୁମାର ବାରିକ, ଲୋକନାଥ ସାହୁ, ବିଭୂତି ଭୂଷଣ ବେହେରା, ସବିତାରାଣୀ ବେହେରାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କବି ବର୍ଷା ସମ୍ପର୍କିତ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ସୌଜନ୍ୟରୁ ବିଜୟଲକ୍ଷ୍ମୀ ଗ୍ରନ୍ଥାବଳୀ ଓ ବିଜୟାଲକ୍ଷ୍ମୀ ପରିକ୍ରମା ଏବଂ କବିଜୟ ଚନ୍ଦ୍ର ସାହୁଙ୍କ ରଚିତ ମାଣବସା ଗୁରୁବାର ଓଷାକଥା ପୁସ୍ତିକା ବଣ୍ଟନ କରାଯାଇଥିଲା। ଉପସଭାପତି ସମୀର ସାମନ୍ତରାୟ ବେଦମନ୍ତ୍ର ଉଚ୍ଚାରଣ କରିଥିଲେ। ସମ୍ପାଦକ ଡା. ଦାଶ ଅତିଥି ପରିଚୟ କରିଥିବା ବେଳେ ସହସମ୍ପାଦକ ବିମଳ କୁମାର ରାଉଳ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ କାହ୍ନୁଚରଣ ଆଚାର୍ଯ୍ୟ ଓ ସାହିତ୍ୟାନୁରାଗୀ ଚନ୍ଦନ କର ଉପସ୍ଥିତ ଥିଲେ। ଉପସଭାପତି ସୁରେନ୍ଦ୍ର ଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁଗୋଳ 'ସକ୍ଷମ ସ୍କୁଲ ରିପୋର୍ଟ କାର୍ଡ' ୱେବସାଇଟ୍ ଉନ୍ମୋଚିତ

ଅନୁଗୋଳ,୩୦।୭ (ସମିସ): ଶିକ୍ଷା କ୍ଷେତ୍ରରେ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାର ସଫଳ ପ୍ରୟୋଗ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ସ୍ଥିତି ବିଶ୍ଳେଷଣ, ଶିକ୍ଷାର ଗୁଣାତ୍ମକମାନ ବିକାଶ ଓ ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଅନୁଗୋଳ ସକ୍ଷମ ସ୍କୁଲ ରିପୋର୍ଟ କାର୍ଡ ୱେବସାଇଟ୍ ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାପାଳ ତଥା ସମଗ୍ର ଶିକ୍ଷା ଅଧ୍ୟକ୍ଷ ମହମ୍ମଦ ଅବଦାଲ ଅଖତର ମୁଖ୍ୟଅତିଥି ଭାବେ ଯୋଗଦେଇ ୱେବସାଇଟର ଉନ୍ମୋଚି କରିଥିଲେ। ଏହି ୱେବସାଇଟ୍ ଶିକ୍ଷା ବ୍ୟବସ୍ଥାର ସମସ୍ତ ଅଂଶୀଦାରଙ୍କୁ ଏକ ସାଧାରଣ ମଞ୍ଚରେ ସଂଯୋଗ କରି ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ବିକ୍ରମ କୁମାର ସାହୁ ଯୋଗଦେଇ ଶିକ୍ଷକମାନଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି, ତଥ୍ୟ ଆଧାରିତ ଶିକ୍ଷା ପରିଚାଳନା ଏବଂ ଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ନବସୃଜନକୁ ଏହି ୱେବସାଇଟ୍ ସହାୟତା କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ସେଣ୍ଟର ସ୍କୋୟାର ଫାଉଣ୍ଡେସନ ପକ୍ଷରୁ ସକ୍ଷମ



ୱେବସାଇଟର ନିର୍ମାତା କୋମଲ କାସେରା ଓ ସୈରିନ କଙ୍ଘେ ପ୍ରମୁଖ ଉପସ୍ଥିତ ଥିଲେ।

**ଛାତ୍ରଛାତ୍ରୀଙ୍କ ଶିକ୍ଷଣ ସ୍ଥିତି ବିଶ୍ଳେଷଣ ଓ ଶିକ୍ଷାର ଗୁଣାତ୍ମକମାନ ବିକାଶ ନିମନ୍ତେ ପଦକ୍ଷେପ**

ଏହି ୱେବସାଇଟର ଦ୍ୱାରା ଜିଲ୍ଲାର ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ କିଭଳି ଶିକ୍ଷାଲାଭ କରୁଛନ୍ତି ତାହା ଅଭିଭାବକମାନେ ସହଜରେ ଜାଣିପାରିବେ। ଏତଦବ୍ୟତୀତ ୱେବସାଇଟ ମାଧ୍ୟମରେ ପ୍ରଥମ ଥର ପାଇଁ ଜିଲ୍ଲାର ସମସ୍ତ ୧,୩୬୧ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହୋଇଛି। ଏଥିସହ ନିକଟବର୍ତ୍ତୀ ସରକାରୀ ସ୍କୁଲ ଏବଂ ସମ୍ପୃକ୍ତ ବ୍ଲକର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସ୍କୁଲ ସହ ମଧ୍ୟ ତୁଳନା କରିପାରିବେ। କାର୍ଯ୍ୟକ୍ରମରେ ଜିଲ୍ଲାର ୮ ବ୍ଲକରୁ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ବିଭାଗୀୟ ସଂଯୋଜକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଆମ୍ବୁଜ କୁମାର ଗଡ଼ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ରୋଟାରୀ କ୍ଲବ ଅନୁଗୋଳ ରୟାଲର ଅଧିଷ୍ଠାନ ଉତ୍ସବ**

# ବାଣୀ ଦେବ ସଭାପତି, ବିଶ୍ୱଜିତ ସମ୍ପାଦକ









ଅନୁଗୋଳ,୩୦।୭ (ସମିସ): ରୋଟାରୀ କ୍ଲବ ଅନୁଗୋଳ ରୟାଲର ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ସଭାପତି ରୋଟାରିଆନ ଡା. କୁମାର୍ ସୌମ୍ୟକାନ୍ତ ବିଶୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରୋଟାରୀ ଜିଲ୍ଲା ୩୨୬୨ ଗଭର୍ଣ୍ଣର (ବର୍ଷ ୨୭-୨୮) ରୋଟାରିଆନ ଇନ୍ଦ୍ରଜିତ୍ ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ, ରୋଟାରୀ ଆସିଷ୍ଟାଣ୍ଟ ଗଭର୍ଣ୍ଣର ପ୍ରଫେସର ହରେକୃଷ୍ଣ କର ଏବଂ ମୁଖ୍ୟବକ୍ତା ଭାବେ ରାଉରକେଲାର ଡା. ବିଶ୍ୱଜିତ୍ ମହାପାତ୍ର ଯୋଗଦେଇଥିଲେ। ସଭାପତି ଡା. ବିଶୋଇ ସ୍ୱାଗତ ଭାଷଣ ଦେଇଥିଲେ। ସହସମ୍ପାଦକ ବିକାଶ ମୋଦୀ ବିଗତ ବର୍ଷରେ କରାଯାଇଥିବା ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ରୋଟାରୀ ବର୍ଷ ୨୦୨୬-୨୭ ପାଇଁ ରୋଟାରିଆନ ବାଣୀ ଦେବ ସଭାପତି ଏବଂ ଡା. ବିଶ୍ୱଜିତ୍ ସାମଲ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସାମାଜିକ କ୍ଷେତ୍ରରେ କ୍ଲବକୁ ଆଗେଇ ନେବା ପାଇଁ ସଭାପତି ବାଣୀ ଦେବ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ପାଦକ ଡା. ସାମଲ ଆଗାମୀ ବର୍ଷରେ ହେବାକୁ ଥିବା ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ରୋଟାରୀ କ୍ଲବ ପୃଥିବୀର ବିଭିନ୍ନ ଦେଶ ଓ ଜନସାଧାରଣଙ୍କ ସହ ସଂଯୋଗ ସ୍ଥାପନ କରି ସେବା କାର୍ଯ୍ୟରେ ନିୟୋଜିତ ହୋଇଥିବା ସର୍ବବୃହତ ସ୍ୱେଚ୍ଛାସେବୀ ସଂସ୍ଥା ଯାହା ଶ୍ରଦ୍ଧା, ସମ୍ପର୍କ, ସେବାର ଡୋରିକୁ ମଜଭୁତ କରିଥାଏ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଡା. ମଦନ ମୋହନ ପ୍ରଧାନ ସାମାଜିକ କାର୍ଯ୍ୟରେ ପ୍ରଶାସନ ସହିତ ରୋଟାରୀ କ୍ଲବ ଭାଗୀଦାର ହୋଇ ଉନ୍ନୟନ କାର୍ଯ୍ୟ କରିବା ପାଇ ଇଚ୍ଛା ପ୍ରକାଶ କରିଥିଲେ। ୨୦୨୬-୨୭ ନିର୍ଦ୍ଦେଶକ ମଣ୍ଡଳୀ ପାଇଁ ଉପସଭାପତି ଡା. ଦେବାଶିଷ ପ୍ରଧାନ, ଜୟପ୍ରକାଶ ମୋଦୀ, ହରଗୋବିନ୍ଦ ମହାପାତ୍ର, ମଧୁସୂଦନ ଶର୍ମା, ଅଶୋକ ମାଣ୍ଡୋଠିଆ, ଡା. ରଶ୍ମିତା ଭଞ୍ଜଦେଓ, ଡା. ପୁଷ୍ପାଞ୍ଜଳି ପ୍ରଧାନ, ନୀହାର ରଞ୍ଜନ ପ୍ରସାଦ, କୈଳାସ ଅଗ୍ରୱାଲ, ଅମ୍ବିକା ପ୍ରସାଦ ସାହୁ, ମଧୁସୂଦନ ଶର୍ମା ପ୍ରମୁଖ ମନୋନୀତ ହୋଇଛନ୍ତି। ନୂତନ ସଭ୍ୟ ଭାବେ ଡା. ନନ୍ଦକିଶୋର ସାହୁ ଶପଥ ଗ୍ରହଣ କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଚୈତନ୍ୟ ମାର୍ଣ୍ଡି, ଅମ୍ବୁଜା ଗଡ଼ନାୟକ, ଆନନ୍ଦ ରାଉଳ ଏବଂ ବିଷ୍ଣୁପ୍ରିୟା ଭୂୟାଁଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ରୋଟାରିଆନ ଭାବେ ୨୫ ବର୍ଷ ପୂରଣ କରିଥିବା ଅନିଲ ଗୁପ୍ତାଙ୍କୁ କ୍ଲବ ତରଫରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କ୍ଲବର ପତ୍ରିକା 'ଦି ରୟାଲ ଭିଜନ' ଉନ୍ମୋଚିତ ହୋଇଥିଲା। ଡ. ପ୍ରଭାତ କୁମାର ପଣ୍ଡା, ଡ. ମାଇକେଲ ଜନ, ବିଶ୍ୱଜିତ୍ ପଟ୍ଟନାୟକ, ମିଳନ କୁମାର ଅଗ୍ରୱାଲ, ଡା. ବିଚ୍ଛନ୍ଦ ପ୍ରଧାନ, ମୁରାରୀଲାଲ୍ ଅଗ୍ରୱାଲ, ରାଜେଶ ସରଳିଆ, ମେହମୁଦ ହୁସେନ, କହ୍ନେୟା ଚୌଧୁରୀ, ପଦ୍ମା ଅଗ୍ରୱାଲ, ପୂଜା ମୋଦୀ, ଉର୍ମିଳା ଅଗ୍ରୱାଲ, କିରଣ ଅଗ୍ରୱାଲ, ସରିତା ସାହୁ, ଆରତୀ ସରଳିଆଙ୍କ ସମେତ କ୍ଲବର ବହୁ ସଦସ୍ୟ ସହଯୋଗ କରିଥିଲେ। ଲାୟନ୍ସ କ୍ଲବ ଅନୁଗୋଳ ତରଫରୁ ପୂର୍ବତନ ସଭାପତି ବରିଷ୍ଠ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସ, ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ପରମାନନ୍ଦ ମିଶ୍ରଙ୍କ ସମେତ ରୋଟାରୀ କ୍ଲବ ଢେଙ୍କାନାଳ, ଭୁବନେଶ୍ୱର, ତାଳଚେରର ସଦସ୍ୟମାନେ ଯୋଗଦେଇ ନୂତନ ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ମଧୁ ଗୁପ୍ତା ଏବଂ ଅମ୍ବିକା ପ୍ରସାଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡା. ରଶ୍ମିତା ଭଞ୍ଜଦେଓ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବ୍ରାହ୍ମଣୀରେ ପ୍ରଥମ ବନ୍ୟା

# ପଟ୍ଟାମୁଣ୍ଡାଇ ବ୍ଲକ୍‌ର ବ୍ୟାପକ ଅଞ୍ଚଳ ଜଳମଗ୍ନ

ପଟ୍ଟାମୁଣ୍ଡାଇ, ୩୦।୭ (ସମିସ)

ଲଘୁଚାପ ଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଓ ୧୫ ହଜାର ଗୃହପାଳିତ ପଶୁ ଜଳବନ୍ଦୀ ହୋଇପଡ଼ିଛନ୍ତି। ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର, ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଅଳପୁଆ ପଞ୍ଚାୟତର ଗୋଜିଆକଣ, ବିଲମଲିକ ସାହି, ବେହେରା ସାହି, ମିଶ୍ରବାଗ, ସେଠୀ ସାହି, ଜେନା ସାହି, ପାହାନ୍ତାସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳ ସାହି, ନାଥସାହି, ମଳିକସାହି, ଘାଗରାଡିଆ, ପେଣ୍ଡପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡ଼ା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ବହୁ ଗ୍ରାମ ଓ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇ ପଡ଼ିଛି। ଦାଣ୍ଡିସାହି ହାଇସ୍କୁଲ ଓ କଲେଜ ସମ୍ମୁଖ ରାସ୍ତାରେ ବନ୍ୟା ସୁଅ ଛୁଟିଛି। ସମ୍ପ୍ରତି ବନ୍ୟା ବିପନ୍ନ ବିଭିନ୍ନ ଅଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡ଼ିବା ପରେ ଲୋକଙ୍କ ମଧ୍ୟରେ ଘୋର ଆତଙ୍କ ସୃଷ୍ଟି ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ବନ୍ୟାବିପନ୍ନ ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଶୀତଲ ଅଗ୍ରୱାଲ ବନ୍ୟାଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ଲୋକଙ୍କ ଅଭାବ ଅସୁବିଧା ପଚାରି ବୁଝିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ରହିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଳଭାଠାରେ ବନ୍ୟା ଜଳ ୧୭. ୫ ଫୁଟ ରହିଥିବାବେଳେ ସରକାରୀ ଭାବେ ବିପଦ ସଂକେତ ୧୬ ଫୁଟ ରହିଛି। ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ଔଷଧ ସାଲାଇନ, ବ୍ଲିଚିଙ୍ଗ, ଗୋ ଖାଦ୍ୟ କିରୋସିନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



● ବନ୍ୟା ମୁକାବିଲା ପାଇଁ ପ୍ରଶାସନର ବୈଠକ

## ୨୪ ଘଣ୍ଟିଆ ସତର୍କତା, ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ



କେନ୍ଦ୍ରାପଡ଼ା, ୩୦।୭ (ସମିସ): ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦକ୍ଷତାର ସହ ମୁକାବିଲା କରିବା ଓ ଜନଜୀବନ ଉପରେ ଏହାର ପ୍ରଭାବକୁ ସର୍ବନିମ୍ନ ସ୍ତରକୁ ଆଣିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପ୍ରସ୍ତୁତିକୁ ଜୋରଦାର କରିଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବନ୍ୟା ପ୍ରସ୍ତୁତି ଓ ସମନ୍ୱୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ବିଭାଗର ପ୍ରସ୍ତୁତିକୁ ସମୀକ୍ଷା କରାଯାଇଥିଲା। ବୈତରଣୀ ନଦୀର ଜଳସ୍ତର, ନଦୀବନ୍ଧର ସୁରକ୍ଷା, ଦୁର୍ବଳ ସ୍ଥାନର ନିରନ୍ତର ତଦାରଖ, ଜଳ ନିଷ୍କାସନ ବ୍ୟବସ୍ଥା ଓ ସମ୍ଭାବ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହିତ ଆବଶ୍ୟକ ପଡ଼ିଲେ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତରଣ, ବନ୍ୟା ଆଶ୍ରୟସ୍ଥଳର ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପାନୀୟଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟସେବା, ଆବଶ୍ୟକୀୟ ଔଷଧ, ଓଆରଏସ, ସାପ କାମୁଡ଼ା ଔଷଧ, ଶୁଖିଲା ଖାଦ୍ୟ, ପଶୁଖାଦ୍ୟ ଓ ପଶୁ ଚିକିତ୍ସା ସେବାରେ କୌଣସି ବାଧା ସୃଷ୍ଟି ନ ହେବା ପାଇଁ ସମ୍ପୃକ୍ତ ବିଭାଗକୁ ଆଗୁଆ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିଲା। ଜିଲ୍ଲାପାଳ ସମସ୍ତ ବିଭାଗକୁ ୨୪ ଘଣ୍ଟିଆ ସତର୍କ ରହିବା, କଣ୍ଟ୍ରୋଲ୍ ରୁମକୁ ସକ୍ରିୟ ରଖିବା ଓ ଅଧିକାରୀଙ୍କୁ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଉପସ୍ଥିତ ରହି ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାର ଜନପ୍ରତିନିଧି, ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୁଲିସ, ଜଳସେଚନ, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀ ସମ୍ପଦ, ଅଗ୍ନିଶମ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଯୋଗାଣ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

## ଚିତ୍ରୋତ୍ପଳା, ପାଇକା, କରାଣ୍ଡିଆରେ ବନ୍ୟା



ଗରଦପୁର, ୩୦।୭ (ସମିସ): ମହାନଦୀ ଅବବାହିକାରେ ମୁଣ୍ଡୁଳି ଦେଇ ୯ ଲକ୍ଷ କ୍ୟୁସେକ ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ଗରଦପୁର ବ୍ଲକରେ ପ୍ରବାହିତ ଚିତ୍ରୋତ୍ପଳା, ପାଇକା, ଲୁଣା ଓ କରାଣ୍ଡିଆ ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ତେବେ ଚିତ୍ରୋତ୍ପଳା ନଦୀ ତଳସ୍ତରରେ ଥିବାରୁ ଯେଉଁ ବନ୍ୟା ଜଳ ଆସିବ ସେଥିରେ ଆଜି ଚିତ୍ରୋତ୍ପଳା ବିପଦ ସଂକେତ ଛୁଇଁବ। ଏବେ ୬.୫୦ ମିଟରରେ ବନ୍ୟା ଜଳ ପ୍ରବାହିତ ହେଉଛି। ପାଟକୁରା ସହକାରୀ ଯନ୍ତ୍ରୀ ରଶ୍ମିରଞ୍ଜନ ଖୁଣ୍ଟିଆଙ୍କ ସୂଚନା ମୁତାବକ ଯେଉଁ ବନ୍ୟା ଜଳ ଆସିବ, ତାହା ବିପଦ ସଂକେତ ଉପରେ ପ୍ରବାହିତ ହୋଇ ନଦୀରେ ନଦୀରେ ଯାଇ ଦୁଇ ଦିନ ମଧ୍ୟରେ ଏହା କମି ଯିବାର ସମ୍ଭାବନା ରହିଛି। ତେବେ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଏହାଛଡା ବିଭାଗ ପକ୍ଷରୁ ପ୍ରଚୁର ମାତ୍ରାରେ ବାଲି ବସ୍ତା, ବହ୍ଲା ଓ ବାଉଁଶ ମହଜୁଦ ରଖିବା ସହ କିଛି ଲୋକଙ୍କୁ ମଧ୍ୟ ସହାୟତା ପାଇଁ ରଖାଯାଇଛି। ବିଭାଗୀୟ କର୍ମଚାରୀଙ୍କୁ ସଜାଗ କରାଯାଇ ସେମାନଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି।

## ବୈତରଣୀ ବିପଦ ସଙ୍କେତ ପାର, ଫୁଲୁଛି ଖରସ୍ରୋତା



ରାଜକନିକା, ୩୦।୭ (ସମିସ): ବୈତରଣୀ ବିପଦ ସଙ୍କେତ ପାର କରିଥିବାବେଳେ ଖରସ୍ରୋତା ଫୁଲୁଛି।, ଭୟ ଓ ଆତଙ୍କରେ ରାଜକନିକା ବ୍ଲକର ବୁଡି ଅଞ୍ଚଳ ଲୋକେ ରହିଛନ୍ତି। ବୈତରଣୀ ନଦୀ ବନ୍ୟାରେ ଉବୁଟୁବୁ ହେଉଛି କନପୁର ଗାଁ। ଗତକାଲି ଅପରାହ୍ନରୁ ଧୀରେ ଧୀରେ ଜଳସ୍ତର ବଢ଼ି ଏବେ ଘର ଭିତରେ ୪ ଫୁଟର ବନ୍ୟାପାଣି। ସବୁ ନଳକୂପ ବୁଡିଯିବାରୁ ପିଇବା ପାଣି ପାଇଁ ୧୦୦ ପରିବାର ୫ ଫୁଟ ପାଣିରେ ପଶି ୧ କିମି ଦୂର ଯାଉଛନ୍ତି ପାଣି ପାଇଁ। ପ୍ରଶାସନ ଦେଖିଶୁଣି ଚୁପ। ରାଜକନିକା ବ୍ଲକ ପ୍ରଶାସନ ବନ୍ୟା ମୁକାବିଲା କରିବାରେ ସମ୍ପୂର୍ଣ୍ଣ ଫେଲ ମାରିଥିବା ବନ୍ୟା ଦୁର୍ଗତ ଅଭିଯୋଗ କରିଛନ୍ତି। ବାରହାଦୋମଣ୍ଡା ପଞ୍ଚାୟତର ୩ ଓ ୪ ନମ୍ବର ୱାର୍ଡର ଶହେ ପରିବାର ୪୮ ଘଣ୍ଟା ହେଲାଣି ଜଳବନ୍ଦୀ ହୋଇ ରହିଛନ୍ତି। ପିଇବାକୁ ପାଣି ନାହିଁ, ଖାଇବାକୁ ଦାନା ନାହିଁ, ଗୋରୁ ଭୋକରେ ଆଉଟୁ ପାଉଟୁ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜକନିକା ବ୍ଲକର ବନ୍ୟା ପୀଡିତ ମାତ୍ର ଦୁଇଟି ଗାଁକୁ ପ୍ରଶାସନ ସଠିକ ଭାବେ ମୁକାବିଲା କରିପାରିନାହିଁ। ଏଭଳି ସ୍ଥିତିରେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ଆଜି ମାତ୍ର ଗୋଟିଏ ଡଙ୍ଗା ଦିଆଯାଇଛି। ଜଳସମ୍ପଦ ବିଭାଗର ସୂଚନା ଅନୁଯାୟୀ ବୈତରଣୀ ନଦୀର ଆଖୁଆପଦାଠାରେ ଥିବା ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହା ବିପଦସଙ୍କେତ ପାର କରି ୨୦.୪୫ ମିଟରରେ ପ୍ରବାହିତ ହେଉଛି। ଆଜି ରାତି ସୁଦ୍ଧା ଆଉ ୨ ଫୁଟ ଅଧିକ ପାଣି ଆସିବାକୁ ଥିବାରୁ କନିକା ତଟବନ୍ଧ ଉପଖଣ୍ଡ ପକ୍ଷରୁ ପଙ୍କି-ମାନପୁର ସଂଯୋଗ ରାସ୍ତା ଖାଲୁଆ ଥିବାରୁ ଆରଡ଼ି ଘାଟ ପାଖରେ ବାଲିବସ୍ତା ଦିଆଯାଇଛି। ସେହିପରି ଖରସ୍ରୋତରେ ବନ୍ୟା ପାଣି ବିପଦ ସଙ୍କେତ ପାଖାପାଖି ଥାଇ ପ୍ରବାହିତ ହେଉଥିବାରୁ କଣ୍ଡିଆ ନଦୀ ବନ୍ଧ ନିକଟରେ ଥିବା ପରିବାର ଆତଙ୍କିତ ଅବସ୍ଥାରେ ରହିଛନ୍ତି।

## ଜଳ ନିଷ୍କାସନ ଅଭାବରୁ ବରକନ୍ଧା ପଞ୍ଚାୟତରେ ବନ୍ୟା ସ୍ଥିତି

ମହାକାଳପଡ଼ା, ୩୦।୭ (ସମିସ): ବରକନ୍ଧା ପଞ୍ଚାୟତରେ ଲଗାଣବର୍ଷା ସହ ବନ୍ୟାଜଳ ପ୍ରବେଶ ଓ ଜଳ ନିଷ୍କାସନର ଅଭାବ ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଚାଷଜମିରେ ପାଣି ଜମି ରହିବାରୁ ଧାନ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଯୋଗାଯୋଗ, ପାନୀୟଜଳ ଯୋଗାଣ ଓ ସାଧାରଣ ଜନଜୀବନ ମଧ୍ୟ ଗଭୀର ଭାବେ ପ୍ରଭାବିତ ହୋଇଛି। ବର୍ଷା ଓ ବନ୍ୟାଜଳ ଯୋଗୁଁ ଚାଷଜମିରେ ଦୀର୍ଘଦିନ ଧରି ପାଣି ଜମି ରହିଛି। ଫଳରେ ପ୍ରାୟ ୭୫ ପ୍ରତିଶତ ଧାନ ତଳି ପଚି ନଷ୍ଟ ହୋଇଯାଇଛି। ଅନେକ ରୁଆ ବିଲ ମଧ୍ୟ ପାଣିରେ ବୁଡ଼ି ରହିଥିବାରୁ ଚଳିତ ଖରିଫ ଋତୁରେ ଧାନ ଉତ୍ପାଦନକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଗୃହପାଳିତ ପଶୁଙ୍କ ପାଇଁ ଚାରା ଓ ସୁରକ୍ଷିତ ସ୍ଥାନର ଅଭାବ ମଧ୍ୟ ଚିନ୍ତାର ବିଷୟ ପାଲଟିଛି। କେତେକ ସ୍ଥାନରେ ପ୍ରାକୃତିକ ପାଟନାଳୀ ଦଖଲ କରାଯାଇଥିବାରୁ ବର୍ଷା ଓ ବନ୍ୟାଜଳ ଠିକ୍ ଭାବେ ନିଷ୍କାସିତ ହୋଇପାରୁନାହିଁ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ, ପାନୀୟ ଜଳର ସୁବ୍ୟବସ୍ଥା, ଜଳ ନିଷ୍କାସନ ପାଇଁ ଜରୁରୀ ବ୍ୟବସ୍ଥା ଓ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସହାୟତା ଯୋଗାଇବାକୁ ପ୍ରଶାସନଙ୍କ ନିକଟରେ ଦୃଢ଼ ଦାବି ହୋଇଛି।

## ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା



ଗୋବିନ୍ଦପୁର, ୩୦।୭ (ସମିସ): ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଯୋଗୁଁ ଆଳି ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ୧୦ଟି ପଞ୍ଚାୟତ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇରହିଛି। ଗୋବିନ୍ଦପୁର-ମାନପୁର ରାସ୍ତାର ନରଣପୁର ଘୋଷରା ନିକଟରେ ୧୦ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ୧୦ଟି ପଞ୍ଚାୟତର ୫୦ ହଜାର ଲୋକ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଛନ୍ତି। ଚାରଣ ଭୂମି ବୁଡ଼ି ଯାଇଥିବାରୁ ଗୃହପାଳିତ ପଶୁ ହନ୍ତସନ୍ତ ହେଉଛନ୍ତି। ପାନୀୟଜଳ ବଡ ସମସ୍ୟା ଦେଖାଦେଇଛି। ଏରଡଙ୍ଗ ଗ୍ରାମର କାଠ ମିସ୍ତ୍ରୀ ପେଟପଡ଼ା ଗ୍ରାମକୁ କାମ କରି ବନ୍ୟା ପାଣିରେ ପଶି ଘରକୁ ଫେରୁ ଥିବାବେଳେ ବନ୍ୟା ଜଳ ସ୍ରୋତରେ ଭାସି ଏକ ନଡ଼ିଆ ଗଛରେ ଲାଗି ରହିଥିଲେ। ସ୍ଥାନୀୟ ଯୁବକ ଡଙ୍ଗା ସାହାଯ୍ୟରେ ଉଦ୍ଧାର କରିଥିଲେ। ବନ୍ୟା ବିପନ୍ନଙ୍କୁ ତୁରନ୍ତ ପିଇବା ପାଇଁ ପାଣି ଓ ଗୋଖାଦ୍ୟ ଯୋଗାଇବାକୁ ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା ଦାବି କରିଛନ୍ତି।

## ଲୁଣାନଦୀ ବନ୍ୟାରେ ପନିପରିବା ଫସଲ ନଷ୍ଟ

ଡେରାବିଶ, ୩୦।୭ (ସମିସ): ଗତ କିଛିଦିନ ହେବ ସମଗ୍ର ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗି ରହିଛି। ଫଳରେ ଲୁଣାନଦୀରେ ବନ୍ୟା ଆସିବା ଯୋଗୁଁ ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀ ପଠାରେ ଚାଷୀ କରିଥିବା ପରିବା ଫସଲରେ ପାଣି ପଶି ନଷ୍ଟ ହୋଇଛି। ନଦୀ ପଠାରେ କଖାରୁ, ବାଇଗଣ, ଭେଣ୍ଡି, ମକା, କଲରା, ଜହ୍ନି, ସାରୁ ଇତ୍ୟାଦି ଫସଲ ହୋଇଥିବାବେଳେ ବହୁ ଚାଷୀ ନଳିତା ଭଳି ଅର୍ଥକାରୀ ଫସଲ କରିଛନ୍ତି। ଆଜି ସନ୍ଧ୍ୟା ସୁଦ୍ଧା ଦାନପୁର ନିକଟରେ ଲୁଣାନଦୀରେ ୩୧.୨୦ ଫୁଟ ଉଚ୍ଚତାରେ ପାଣି ପ୍ରବାହିତ ହେଉଥିବାବେଳେ ଏହି ସ୍ଥାନରେ ବିପଦ ସଙ୍କେତର ପରିମାଣ ୩୩ ଫୁଟ ରହିଥିବା ଜଳସେଚନ ବିଭାଗ ଯନ୍ତ୍ରୀ ଶାରଦା ପ୍ରସନ୍ନ ସାହୁ ପ୍ରକାଶ କରିଛନ୍ତି। ଶ୍ରୀ ସାହୁଙ୍କ ସୂଚନା ଅନୁଯାୟୀ ନଦୀରେ ଆସୁଥିବା ବନ୍ୟାଜଳ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଆଉ ମାତ୍ର ୧ରୁ ୨ ଫୁଟ ପର୍ଯ୍ୟନ୍ତ ବଢ଼ିବ ଓ ପରେ କମିଯିବ।



## ଫୁଲୁଛି ବିରୂପା, ମଙ୍ଗଳପୁରର ୧୫ ପରିବାର ଜଳବନ୍ଦୀ



ପଞ୍ଚୁପାଣ୍ଡବ, ୩୦।୭ (ସମିସ): ବିରୂପା ନଦୀରେ ବନ୍ୟା ଆସିଥିବାରୁ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ୯ନଂ ୱାର୍ଡର ୧୫ ପରିବାର ଜଳବନ୍ଦୀରେ ରହିଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିରୂପା ନଦୀ କୂଳରେ ଥିବା ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ୯ନଂ ୱାର୍ଡ ଦଳିତ ସାହିରେ ବନ୍ୟା ପାଣି ପଶି ଶତାଧିକ ଜନସାଧାରଣ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି। ନଦୀ କୂଳରେ ଥିବା ଏହି ଗାଁର ଲୋକେ ପ୍ରତିବର୍ଷ ବିରୂପା ନଦୀରେ ବନ୍ୟା ଆସିଲେ ଜଳବନ୍ଦୀ ହୋଇଥା'ନ୍ତି।

## ବନ୍ୟା ପାଣିରେ ଭାସିଗଲା ବାଇକ୍, ବର୍ତ୍ତିଲେ ଚାଳକ

ପଟ୍ଟାମୁଣ୍ଡାଇ, ୩୦।୭ (ସମିସ): ଲଗାଣ ବର୍ଷା ଯୋଗୁଁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବ୍ରାହ୍ମଣୀରେ ପ୍ରଥମ ବନ୍ୟା ଜଳ ପ୍ରବେଶ କରିବା ସହିତ ଆଜି ହଠାତ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବନ୍ୟାର ପ୍ରଖର ସ୍ରୋତରେ ଜଣେ ବାଇକ୍ ଚାଳକ ଭାସିଯାଉଥିବାବେଳେ ଗ୍ରାମବାସୀଙ୍କ ତତ୍ପରତା ଯୋଗୁଁ ତାଙ୍କ ଜୀବନ ରକ୍ଷା ହୋଇପାରିଛି। ତେବେ ବାଇକ୍‌କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବିଭାଗ ମନା କରିଦେଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିକ୍ରମ ବାରିକ (୨୬) ବାଇକ୍ ଯୋଗେ ମାଳିପୁର-ଉଦୟପୁର ରାସ୍ତାରେ ଶ୍ରୀରାମପୁରକୁ ଯାଉଥିଲେ। ଉକ୍ତ ରାସ୍ତାରେ ବନ୍ୟା ପାଣି ପ୍ରଭାବିତ ହେଉଥିବାରୁ ସେ ବାଇକ୍ ସହ ଭାସିଯାଇଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ ମାମଲା: ଅଭିଯୁକ୍ତ ଦଣ୍ଡିତ

କେନ୍ଦ୍ରାପଡ଼ା, ୩୦।୭ (ସମିସ): ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ଦୋଷୀ ସାବ୍ୟସ୍ତ ଜଣେ ଅଭିଯୁକ୍ତକୁ କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପକ୍‌ସୋ ଅଦାଲତ ସାଢ଼େ ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ୬ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଅତିରିକ୍ତ ୪ ମାସ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ସ୍ୱତନ୍ତ୍ର ପକ୍‌ସୋ କୋର୍ଟର ବିଚାରପତି ପ୍ରଜ୍ଞାପରମିତା ରାଉଳ ଏହି ରାୟ ପ୍ରକାଶ କରିଛନ୍ତି। ୨୦୨୩ ସେପ୍ଟେମ୍ବର ୨୪ ତାରିଖ ରାତିରେ ରାଜନଗର ଥାନା ଅଞ୍ଚଳର ଏକ ଗ୍ରାମରେ ଭାଲୁକୁଣୀ ଭଷାଣି ଉତ୍ସବ ଶେଷ କରି ଫେରୁଥିବା ସମୟରେ ଜଣେ ନାବାଳିକାଙ୍କୁ ଅଭିଯୁକ୍ତ ଚନ୍ଦ୍ରଶେଖର ବଳ (୪୩) ନିଛାଟିଆ ସ୍ଥାନକୁ ନେଇ ଦୁଷ୍କର୍ମ କରିଥିଲା। ପୀଡ଼ିତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ପଳାଇଯାଇଥିଲା। ପୀଡ଼ିତାଙ୍କ ପରିବାର ରାଜନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଅଦାଲତରେ ଚାର୍ଜସିଟ୍ ଦାଖଲ କରିବା ପରେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ବିଚାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ନେହେରୁ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

## ବିଦ୍ୟୁତ୍ ଆଘାତରେ ୨ ମଇଁଷି ମୃତ

ଗରଦପୁର, ୩୦।୭ (ସମିସ): ଗରଦପୁର ଅଞ୍ଚଳର ନଦୀବନ୍ଧ କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ଷ୍ଟେରେ ବିଦ୍ୟୁତ୍ ପ୍ରବାହିତ ହେବାରୁ ଦୁଇଟି ମଇଁଷିର ମୃତ୍ୟୁ ଘଟିଛି। ତେବେ ପହଣା ଅଞ୍ଚଳର ଅଶୋକ ବେହେରା ଓ ଦେବ ବେହେରା ଦୁଇ ଭାଇ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ସୂଚନା ମିଳିଛି। ବିଦ୍ୟୁତ୍ ଖୁଣ୍ଟ ଓ ଷ୍ଟେରେ ହଠାତ୍ ବିଦ୍ୟୁତ୍ ପ୍ରବାହିତ ହେବାରୁ ଚରିବାକୁ ଯାଇଥିବା ଦୁଇଟି ମଇଁଷି ଏହାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ସେ ସମୟରେ ସେଠାରେ ଥିବା ଦୁଇ ଭାଇ ମଧ୍ୟ ବିପଦର ସମ୍ମୁଖୀନ ହୋଇଥିଲେ। ସୌଭାଗ୍ୟବଶତଃ ସେମାନେ ସତର୍କତା ଅବଲମ୍ବନ କରି ଅଳ୍ପକେ ରକ୍ଷା ପାଇଥିଲେ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୩୦।୭ (ସମିସ): ଆସନ୍ତା ସ୍ୱାଧୀନତା ଦିବସକୁ ଜିଲ୍ଲାରେ ମହାଆଡମ୍ବର, ଶୃଙ୍ଖଳା ଓ ଜାତୀୟ ଭାବନାର ସହିତ ପାଳନ କରିବା ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାର ସମସ୍ତ ପୌରାଞ୍ଚଳ ଓ ବ୍ଲକରେ ରାମଧୂନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରି ଆୟୋଜନ କରାଯିବ ଓ ସମସ୍ତ ସରକାରୀ, ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ସକାଳ ୭ଟା ୩୦ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଜିଲ୍ଲାସ୍ତରୀୟ ମୁଖ୍ୟ ପତାକା ଉତ୍ତୋଳନ ଉତ୍ସବ ସକାଳ ୯ଟା ୧୫ ମିନିଟ୍‌ରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ହେବ। ପ୍ୟାରେଡ୍‌କୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ପାଇଁ ତିନିଦିନିଆ ପ୍ୟାରେଡ ପୂର୍ବାଭ୍ୟାସ ଅନୁଷ୍ଠିତ ହେବ। ପୁଲିସ, ଏନ୍‌ସିସି, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ୟାରେଡ୍ ଦଳ ଏଥିରେ ଅଂଶଗ୍ରହଣ କରିବେ। ପ୍ୟାରେଡ୍ ସହିତ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରତିଯୋଗିତା ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବାକୁ ସ୍ଥିର ହୋଇଛି। ସେହିପରି ଜିଲ୍ଲା କାରାଗାର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ଅପରାହ୍ନରେ ତ୍ରିରଙ୍ଗା ରାଲି, ଜିଲ୍ଲା ସଂସ୍କୃତି ଭବନରେ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ବୈଠକ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ରଦ୍ଧାଞ୍ଜଳି ମାଝୀ, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେଉରା, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ନମିତା ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ପ୍ରମୁଖ ଯୋଗ ଦେଇଥିଲେ।

## ବସନ୍ତପୁର ଶିରିଡ଼ି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା



ଗରଦପୁର, ୩୦।୭ (ସମିସ): ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତର ବସନ୍ତପୁରସ୍ଥ ଶିରିଡ଼ି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଛି। ମନ୍ଦିର ପରିସରକୁ ସୁସଜ୍ଜିତ କରାଯାଇଥିବାବେଳେ ଦିନବ୍ୟାପୀ ବିଭିନ୍ନ ଧାର୍ମିକ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସକାଳ ସାଢ଼େ ୫ଟାରେ କାକଡ଼ ଆଳତି, ସାଢ଼େ ୬ଟାରେ ସ୍ନାନ ଆଳତି, ସକାଳ ୯ଟାରେ ହୋମ ଓ ମହାଭିଷେକ, ଦ୍ୱିପ୍ରହର ୧୨ଟାରେ ମଧ୍ୟାହ୍ନ ଆଳତି, ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି ସମ୍ପନ୍ନ ହୋଇଥିଲା। ବେଦମନ୍ତ୍ର ଓ ସାଇ ନାମ ସଂକୀର୍ତ୍ତନରେ ସମଗ୍ର ପରିବେଶ ଆଧ୍ୟାତ୍ମିକ ଆବହରେ ମୁଖରିତ ହୋଇଉଠିଥିଲା। ଆନ୍ତର୍ଜାତିକ ଆଧ୍ୟାତ୍ମିକ ଗୁରୁ ଡ. ଚନ୍ଦ୍ରଭାନୁ ଶତପଥୀ ବାର୍ତ୍ତା ମାଧ୍ୟମରେ ସାଇ ଭକ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ. ରୁଦ୍ର ମହାନ୍ତି, ସମ୍ପାଦକ ସୁନୀଲ କୁମାର ମହାନ୍ତି, ଚଣ୍ଡୀପ୍ରସାଦ ମହାନ୍ତି, କସ୍ତୁରିକା ମହାନ୍ତି, ଡ. ଦୀପ୍ତିରଞ୍ଜନ କାନୁନଗୋ, ରବୀନ୍ଦ୍ର ମହାପାତ୍ର, ସ୍ୱରୂପ ମହାନ୍ତି, ସୁଜାତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। କମଳ ମହାନ୍ତି ଓ ସଂଯୁକ୍ତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ୨ ହଜାର ଟଙ୍କା ପାଇଁ ବାପାଙ୍କୁ ଆକ୍ରମଣ

## ପୁଅ ବିରୋଧରେ ମହାକାଳପଡ଼ା ଥାନାରେ ମାମଲା

ମହାକାଳପଡ଼ା, ୩୦।୭ (ସମିସ): ମାତ୍ର ୨ ହଜାର ଟଙ୍କାକୁ କେନ୍ଦ୍ର କରି ପୁଅ ନିଜ ବାପାଙ୍କୁ ଛୁରିରେ ଆକ୍ରମଣ କରିଛି। ପୁଅ ନିଜ ୬୮ ବର୍ଷୀୟ ବାପାଙ୍କୁ ଛୁରିରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିବା ସହ ଗାଁ ରାସ୍ତାରେ ଚଲାଇଥିବା ଅଭିଯୋଗ ହୋଇଛି। ଏ ଘଟଣାକୁ ନେଇ ମହାକାଳପଡ଼ା ଥାନାରେ ମାମଲା ରୁଜୁ ହୋଇଛି। ଚଢ଼େଇଗୁଆଁ ଗ୍ରାମର ପ୍ରମୋଦ ବେଉରା (୬୮)ଙ୍କୁ ଆଜି ସକାଳ ପ୍ରାୟ ୭ଟାରେ ତାଙ୍କ ପୁଅ ଡବ୍ଲୁ ବେଉରା ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ୨ ହଜାର ଟଙ୍କା ମାଗିଥିଲେ। ଦୁଇଦିନ ପୂର୍ବରୁ ଟଙ୍କା ଦେଇଥିବା କହି ପୁଣି ଟଙ୍କା ଦେବାକୁ ମନା କରିବାରୁ ସେ ଉତ୍ତ୍ୟକ୍ତ ହୋଇ ଗାଳିଗୁଲଜ କରିଥିଲେ। ଅଭିଯୁକ୍ତ ଘରୁ ଛୁରି ଆଣି ବାପାଙ୍କ ବେକକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା। ପ୍ରମୋଦ ଏଡ଼ାଇ ଯିବାରୁ ତାଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିଲା। ପରେ ପୋଷାକ ଖୋଲି ଗାଁ ରାସ୍ତାରେ ଚାଲିବାକୁ ବାଧ କରିବା ସହ ହତ୍ୟା ଧମକ ଦେଇଥିଲା। ଆହତ ପ୍ରମୋଦ ବେଉରା ସକାଳ ୧୦ଟା ୨୬ ମିନିଟରେ ମହାକାଳପଡ଼ା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ ଦାଖଲ କରିଥିଲେ। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

● ମଣିକୁଣ୍ଡା ଗ୍ରାମରେ ବାଡ଼ି ସଫାକୁ ନେଇ ଗଣ୍ଡଗୋଳ

## ପଡ଼ୋଶୀଙ୍କ କୋଦାଳ ଆକ୍ରମଣରେ ୩ ଗୁରୁତର

ମାର୍ଶାଘାଇ, ୩୦।୭ (ସମିସ): ମାର୍ଶାଘାଇ ଥାନା ଅନ୍ତର୍ଗତ ମଣିକୁଣ୍ଡା ଗ୍ରାମରେ ବାଡ଼ି ସଫାକୁ କେନ୍ଦ୍ର କରି ଘରୋଇ ବିବାଦ ରକ୍ତାକ୍ତ ସଂଘର୍ଷର ରୂପ ନେଇଛି। ପଡ଼ୋଶୀଙ୍କ କୋଦାଳ ଆକ୍ରମଣରେ ଗୋଟିଏ ପରିବାରର ସ୍ୱାମୀ, ସ୍ତ୍ରୀ ଓ ଝିଅ ଗୁରୁତର ଆହତ ହୋଇଥିବା ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଗଙ୍ଗାଧର ସ୍ୱାଇଁଙ୍କ ସହ ପଡ଼ୋଶୀ ଜିତେନ୍ଦ୍ରଙ୍କ ପରିବାରର ପୂର୍ବରୁ ବିବାଦ ଲାଗି ରହିଥିଲା। ଗୁରୁବାର ଗଙ୍ଗାଧର ନିଜ ବାଡ଼ିରେ ଥିବା ଅନାବନା ଗଛ ସଫା କରୁଥିବାବେଳେ ଜିତେନ୍ଦ୍ର ଓ ତାଙ୍କ ପରିବାର ଲୋକ ଏହାକୁ ବିରୋଧ କରି କୋଦାଳରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଗଙ୍ଗାଧର ସ୍ୱାଇଁ, ତାଙ୍କ ପତ୍ନୀ ଓ ଝିଅ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ଓ ସମ୍ପର୍କୀୟ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲକୁ ପଠାଇଥିଲେ। ମାର୍ଶାଘାଇ ଥାନାରେ ଲିଖିତ ଏତଲା ଦାଖଲ ହୋଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସକାଳ
THE SAKALA

# ସମ୍ପାଦକୀୟ



ବନବିଭାଗର ଦୃଷ୍ଟିରେ ଜଙ୍ଗଲ ହେଉଛି କାଠ, ଲାଖ ଓ ବୈଦେଶିକ ମୁଦ୍ରା; ଜଣେ ବନବାସୀର ଦୃଷ୍ଟିରେ ଜଙ୍ଗଲର ଅର୍ଥ - ମାଟି, ପାଣି ଓ ସ୍ୱଚ୍ଛ ବାୟୁ।

-ସୁନ୍ଦରଲାଲ ବହୁଗୁଣା

## ପ୍ରଶ୍ନପତ୍ର ପ୍ରଘଟ: ଉତ୍ତରଦାୟିତ୍ୱ କାହିଁ?

ଲୋକସଭାରେ ତୁମୁଳ ହଟ୍ଟଗୋଳ ମଧ୍ୟରେ ସରକାରୀ ପରୀକ୍ଷା(ଅନିୟମିତତା ନିବାରଣ) ସଂଶୋଧନ ବିଧେୟକ ୨୦୨୬ ବାଚନିକ ଭୋଟରେ ପାରିତ ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ସଂସ୍ଥାରେ ନିଯୁକ୍ତି ପାଇଁ ଆୟୋଜିତ ଜାତୀୟସ୍ତରୀୟ ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ପ୍ରଘଟ ଆଦିକୁ ନିରୁତ୍ସାହିତ କରିବା ପାଇଁ ୨୦୨୪ରେ ସରକାର ଏହି ଆଇନ ପ୍ରଣୟନ କରିଥିବା ବେଳେ କେତେକ ସଂଶୋଧନ ସହିତ ପୁନଃ ପାରିତ ହୋଇଛି। ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିବା ପରେ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହାର ଆବଶ୍ୟକତା ଅନୁଭୂତ ହେଉଥିଲେ ହେଁ ଏଥିରେ କେତେକ ଦୁର୍ବଳ ଦିଗ ରହିଯାଇଛି, ଯାହାର ଫାଇଦା ଦୁର୍ନୀତିଖୋରମାନେ ଉଠାଇବା ଅସମ୍ଭବ ନୁହେଁ।

ସଂଶୋଧିତ ବିଧେୟକରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରଶ୍ନପତ୍ର ପ୍ରଘଟ, ଅନିୟମିତତା, ଦୁର୍ନୀତି ଆଦି ପାଇଁ ଦଣ୍ଡବିଧାନକୁ ଅଧିକ କଠୋର କରାଯାଇଛି। କୌଣସି ବ୍ୟକ୍ତିବିଶେଷ ଦୋଷୀ ସାବ୍ୟସ୍ତ ହେଲେ ୫ରୁ ୧୦ ବର୍ଷ ଜେଲ୍ ଦଣ୍ଡ ସହିତ ୧୦ ଲକ୍ଷରୁ ୫୦ ଲକ୍ଷ ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯିବ। ସେହିପରି କୌଣସି ସଂସ୍ଥା ଦୋଷୀ ସାବ୍ୟସ୍ତ ହେଲେ ଜୋରିମାନା ରାଶି ୧ କୋଟିରୁ ୫ କୋଟି ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି ଏବଂ ଉକ୍ତ ସଂସ୍ଥାକୁ ୪ ରୁ ୮ ବର୍ଷ ପର୍ଯ୍ୟନ୍ତ କଳା ତାଲିକାଭୁକ୍ତ କରାଯିବାର ପ୍ରାବଧାନ ରହିଛି। ଉକ୍ତ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ୧ କୋଟିରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯିବ। ଦୁର୍ନୀତି ସଂଘବଦ୍ଧ କିମ୍ବା ଗୋଷ୍ଠୀଗତ ବୋଲି ପ୍ରମାଣିତ ହେଲେ ସମସ୍ତ ସଦସ୍ୟ ୫ ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୧ କୋଟିରୁ ୧୦ କୋଟି ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ। ଅଭିଯୋଗର ତଦନ୍ତ କରିବା ପାଇଁ ସ୍ପେଶାଲ୍ ଟାସ୍କ ଫୋର୍ସ ଗଠନ ହେବ ଏବଂ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ବିଚାର ହୋଇ ୫ ମାସ ମଧ୍ୟରେ ଫଇସଲା ହେବ ବୋଲି ସଂଶୋଧିତ ବିଧେୟକରେ ପ୍ରସ୍ତାବ ରହିଛି।

ସଂଶୋଧିତ ବିଧେୟକରେ କିନ୍ତୁ ଅତି ଚତୁରତାର ସହିତ 'ଉତ୍ତରଦାୟିତ୍ୱ' ପ୍ରସଙ୍ଗଟିକୁ ଏଡ଼ାଇ ଦିଆଯାଇଛି। ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ପରିଚାଳନା, ଉତ୍ତର ଖାତା ମୂଲ୍ୟାୟନ ପାଇଁ ଏବେ ଘରୋଇ ସଂସ୍ଥା ବା ଆଉଟସୋର୍ସିଂ ଉପରେ ନିର୍ଭର କରାଯାଉଥିବାରୁ ବିଭ୍ରାଟ ଅଧିକ ହେଉଛି। କିନ୍ତୁ ଆଉଟସୋର୍ସିଂ ଆପେ ଆପେ ହେଉନାହିଁ। ଏଥିରେ ସମ୍ପୃକ୍ତ ମନ୍ତ୍ରଣାଳୟ, ବିଭାଗ ଓ ନିର୍ଦ୍ଦେଶାଳୟର ପ୍ରଚ୍ଛନ୍ନ ଓ ପ୍ରତ୍ୟକ୍ଷ ଭୂମିକା ରହୁଛି। କେଉଁ ସଂସ୍ଥାଙ୍କୁ ଠିକା ଦିଆଯିବ ତାହା ବିଭାଗୀୟ ଅଧିକାରୀ କିମ୍ବା ମନ୍ତ୍ରୀମାନେ ନିଷ୍ପତ୍ତି ନେଉଛନ୍ତି। ତେଣୁ ଯଦି ଉକ୍ତ ସଂସ୍ଥା ଓ ତାହାର ଅଧିକାରୀମାନଙ୍କୁ ଦଣ୍ଡିତ କରାଯିବ ବିଭାଗ ଓ ମନ୍ତ୍ରଣାଳୟ ସେଥିରୁ ବାଦ୍ ପଡ଼ିବ କେମିତି ଓ କାହିଁକି? 'ଉତ୍ତରଦାୟିତ୍ୱ' ଭଳି ସର୍ତ୍ତଟିଏ ଆଇନରେ ରହିଥା'ନ୍ତା ତେବେ ତଳସ୍ତରରୁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ସମସ୍ତେ ସତର୍କ ଓ ଯତ୍ନଶୀଳ ହୋଇଥା'ନ୍ତେ। ଦଣ୍ଡବିଧାନରୁ ବର୍ତ୍ତିବା ପାଇଁ ଜଣେ ଆଉ ଜଣଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥା'ନ୍ତେ। ଯାହା ଫଳରେ ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛ ହୋଇପାରିଥା'ନ୍ତା। ଏବେ 'ଉତ୍ତରଦାୟିତ୍ୱ' ନ୍ୟସ୍ତ ନ ଥିବା ହେତୁ ବ୍ୟବସ୍ଥାର ସର୍ବୋଚ୍ଚ ସ୍ଥାନରେ ଆସୀନ ବ୍ୟକ୍ତିବିଶେଷ ଖାମ୍‌ଖିଆଲି ଓ ଦାୟିତ୍ୱହୀନ ଅଥଚ ଆରାମଦାୟକ ଓ ସୁରକ୍ଷିତ ରହିପାରୁଛନ୍ତି। ସରକାରୀ ପରୀକ୍ଷାକୁ ସ୍ୱଚ୍ଛ ଓ ସୁପରିଚାଳିତ କରିବା ପାଇଁ ଅତୀତରେ ଓଡ଼ିଶା ସମେତ କେତେକ ରାଜ୍ୟରେ ଆଇନ ପ୍ରଣୟନ ହୋଇଛି। କିନ୍ତୁ 'ଉତ୍ତରଦାୟିତ୍ୱ'ର ଅଭାବ ଯୋଗୁଁ ଆଇନଗୁଡ଼ିକ ଦନ୍ତହୀନ ବାଘ ସଦୃଶ କେବଳ କାଗଜକଲମରେ ତିଷ୍ଠି ରହିଛନ୍ତି। ତେଣୁ ସଦ୍ୟ ପାରିତ ବିଧେୟକର ମଧ୍ୟ ଏଭଳି ଅବସ୍ଥା ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି।

ଏବେ ମାମଲାର ବିଚାର ଓ ଫଇସଲା ପ୍ରସଙ୍ଗରେ କିଞ୍ଚିତ ଆଲୋଚନା କରିବା। ଆମ ଦେଶରେ ବିଚାର ବ୍ୟବସ୍ଥାର ଗତି କେତେ ମନ୍ଥର ତାହା ଆମେ ପ୍ରାୟ ସମସ୍ତେ ଅଳ୍ପେବହୁତ ହୃଦୟଙ୍ଗମ କରୁଛୁ। କେବଳ ଯଦି ଆଇନ ପ୍ରଣୟନ କରିଦେଲେ କିମ୍ବା ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିଦେଲେ ଭୟରେ ସମସ୍ୟାର ସମାଧାନ ବା ଅପରାଧ ହ୍ରାସ ଘଟୁଥା'ନ୍ତା ତେବେ ସାମାଜିକ ଅପରାଧ କେବେଠାରୁ ହ୍ରାସ ପାଇସାରିଥା'ନ୍ତା। ଆମ ଦେଶର ବିଚାର ପ୍ରକ୍ରିୟାର ମନ୍ଥରତା ଯୋଗୁଁ ଆଉ କେହି ଆଇନ ଓ ଦଣ୍ଡାଦେଶକୁ ଭୟ କରୁନାହାନ୍ତି। ଆଇନ ତା' ବାଟରେ, ଅପରାଧୀ ସେମାନଙ୍କ ବାଟରେ। ସମୟ ଅନୁସାରେ ଅଧିକରୁ ଅଧିକ ଆଇନ ପ୍ରଣୟନ ହେଉଛି। ତା' ସହିତ ଅପରାଧର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ନ ରହିଲେ କେବଳ ଆଇନ ଓ କୋର୍ଟକଚେରି ଅପରାଧ ହ୍ରାସ କରିପାରିବ ନାହିଁ। ନିଷ୍ଠୁର ସତ୍ୟ ହେଉଛି 'ଉତ୍ତରଦାୟିତ୍ୱ' ନିର୍ଦ୍ଧାରଣ ବିନା ଜନସାଧାରଣଙ୍କ ଆସ୍ଥା ମଧ୍ୟ ଜିତା ଯାଇପାରିବ ନାହିଁ।

ଉଦାହରଣ ସ୍ୱରୂପ ଶିଶୁ ଯୌନ ଅପରାଧ ମାମଲାଗୁଡ଼ିକର ତୁରନ୍ତ ଶୁଣାଣି ଓ ତ୍ୱରିତ ଫଇସଲା ପାଇଁ ୨୦୧୨ରୁ ଆମ ଦେଶରେ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା ହୋଇଛି। ଗତ ୨୪ ତାରିଖରେ ଲୋକସଭାରେ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘୱାଲ୍ ଦେଇଥିବା ସୂଚନା ଅନୁଯାୟୀ ଗତ ଏପ୍ରିଲ୍ ୩୦ ତାରିଖ ସୁଦ୍ଧା ଭାରତରେ ୩୯୮ଟି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସମେତ ୭୭୫ଟି ଫାଷ୍ଟ ଟ୍ରାକ୍ କୋର୍ଟ ରହିଛି। ୨୦୨୫, ଡିସେମ୍ବର ୩୧ ତାରିଖ ସୁଦ୍ଧା ଉକ୍ତ କୋର୍ଟଗୁଡ଼ିକରେ ୨ ଲକ୍ଷ ୪୫ ହଜାର ମାମଲା ବିଚାରାଧୀନ ଅଛି। ୨୦୨୪ରେ ଫାଷ୍ଟଟ୍ରାକ୍ କୋର୍ଟରେ ପଞ୍ଜିକୃତ ମାମଲା ସଂଖ୍ୟା ୮୮, ୯୦୨ ଥିବା ବେଳେ ୨୦୨୫ରେ ତାହା ୧, ୪୩, ୯୩୬କୁ ବୃଦ୍ଧି ପାଇଛି। ଅପରପକ୍ଷରେ ଫଇସଲା ହୋଇଥିବା ମାମଲା ସଂଖ୍ୟା ୨୦୨୪ରେ ୮୫, ୫୯୫ ରୁ ୨୦୨୫ରେ ମାତ୍ର ୬୬, ୫୦୦କୁ ବୃଦ୍ଧି ହୋଇପାରିଛି।

ଏହି ପୃଷ୍ଠଭୂମିରେ ଲୋକସଭା ପାରିତ କରିଥିବା ସଂଶୋଧିତ ପରୀକ୍ଷା ପରିଚାଳନା ଆଇନ ଅନୁଯାୟୀ ପ୍ରଶ୍ନପତ୍ର ପ୍ରଘଟ ମାମଲାର ଶୁଣାଣି ଓ ଫଇସଲା ଯେ ମାତ୍ର ୫ ମାସ ଭିତରେ ହୋଇପାରିବ ସେ ଆଶା ଦେଖାଯାଉନାହିଁ। କେବଳ ଜନଆକ୍ରୋଶକୁ ଶାନ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏହା ଏକ ତାଳିପକା ଉଦ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ସରକାରଙ୍କ ଆନ୍ତରିକତା ଥା'ନ୍ତା ତେବେ ଆଇନରେ 'ଉତ୍ତରଦାୟିତ୍ୱ' ଭଳି ସର୍ତ୍ତଟିଏ ଯୋଡ଼ି ପାରିଥା'ନ୍ତେ। 'ଉତ୍ତରଦାୟିତ୍ୱ' ନ୍ୟସ୍ତ ହୋଇଥିଲେ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲା ପଞ୍ଜିକରଣ ଓ ଶୁଣାଣିର ଆବଶ୍ୟକତା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥାନ୍ତା। କିନ୍ତୁ ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ?

# ବିକାଶ ନା ବିନାଶ ପଥରେ ଭାରତ

ଡ. ପଦ୍ମଲୋଚନ ରାଉତ

କୌଣସି ରାଷ୍ଟ୍ରର ବିକାଶ କେବଳ ଉଚ୍ଚ ଅଟ୍ଟାଳିକା, ବିଶାଳ ରାଜପଥ କିମ୍ବା ଆର୍ଥିକ ଅଭିବୃଦ୍ଧିର ସଂଖ୍ୟାରେ ମାପାଯାଇପାରିବ ନାହିଁ। ପ୍ରକୃତ ବିକାଶ ସେତେବେଳେ ସମ୍ଭବ, ଯେତେବେଳେ ଦେଶର ବୈଜ୍ଞାନିକ ଚିନ୍ତାଧାରା, ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ, ପରିବେଶ, ନ୍ୟାୟବ୍ୟବସ୍ଥା ଏବଂ ସାମାଜିକ ସଦ୍ଭାବ ସମାନ ଭାବେ ସୁଦୃଢ଼ ହୁଏ। ଆଜିର ଭାରତକୁ ଦେଖି ପ୍ରଶ୍ନ ଉଠେ - ଆମେ ସତରେ ବିକାଶ ପଥରେ ଅଛୁ, ନା ବିନାଶର ଦିଗକୁ ଅଗ୍ରସର ହେଉଛୁ?

ନିକଟ ଅତୀତରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଉଠିଥିବା ବିବାଦ ଦେଶବାସୀଙ୍କୁ ଚିନ୍ତିତ କରିଛି। ନିଟ୍ ପରୀକ୍ଷାରେ ବାରମ୍ବାର ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ବିଶିଷ୍ଟ ବୈଜ୍ଞାନିକ ସୋନମ ୱାଙ୍ଗଚୁକ୍‌ଙ୍କ ଆମରଣ ଅନଶନ ଏବଂ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତାର ଦାବି କେବଳ ଜଣେ ବ୍ୟକ୍ତିର ପ୍ରତିବାଦ ନୁହେଁ; ଲକ୍ଷ ଲକ୍ଷ ମେଧାବୀ ଯୁବକ-ଯୁବତୀଙ୍କ ଆଶଙ୍କାର ପ୍ରତିଧ୍ୱନି। ଯେତେବେଳେ ପରିଶ୍ରମଠାରୁ ଦୁର୍ନୀତି ଶକ୍ତିଶାଳୀ ହୋଇଯାଏ ଏବଂ ନ୍ୟାୟ ଓ ସତ୍ୟଠାରୁ କ୍ଷମତାର ଅପବ୍ୟବହାର ଅଧିକ ହୁଏ, ଶାସକର ଅହଙ୍କାର ପ୍ରବଳ ହୁଏ, ସେତେବେଳେ ରାଷ୍ଟ୍ରର ଭବିଷ୍ୟତ ଦୁର୍ବଳ ହୋଇପଡ଼େ, ରାଷ୍ଟ୍ର ବିନାଶାଭିମୁଖୀ ହୁଏ।

ପରିବେଶ କ୍ଷେତ୍ରରେ ମଧ୍ୟ ଅନେକ ପ୍ରଶ୍ନ ଉଠିଛି। ଗଙ୍ଗା ନଦୀର ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦୀର୍ଘ ଅନଶନ କରିଥିବା ଆଇଆଇଟି ପ୍ରଫେସର ଜି. ଡି. ଅଗ୍ରୱାଲଙ୍କ ମୃତ୍ୟୁ ଦେଶକୁ ଗଭୀର ବାର୍ତ୍ତା ଦେଇଥିଲା। ନଦୀ, ଜଙ୍ଗଲ, ପାହାଡ଼ ଓ ପ୍ରାକୃତିକ ସମ୍ପଦ କେବଳ ଆର୍ଥିକ ଲାଭର ଉତ୍ସ ନୁହେଁ; ଏଗୁଡ଼ିକ ଆଗାମୀ ପିଢ଼ିର ଜୀବନର ଆଧାର। ଉନ୍ନୟନ ନାମରେ ଯଦି ପରିବେଶର ଅପୂରଣୀୟ କ୍ଷତି ହୁଏ, ତେବେ ତାହାକୁ ପ୍ରକୃତ ବିକାଶ କୁହାଯାଇପାରେ ନାହିଁ। ଏହି ପ୍ରଫେସରଙ୍କ ଦୁଃଖଦ ମୃତ୍ୟୁ ମଧ୍ୟ ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଯାହା ଜଣାପଡୁଛି ବର୍ତ୍ତମାନ ସରକାରଙ୍କ ପାଖରେ ଆମ ଦେଶର ବୈଜ୍ଞାନିକ, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ତୁଚ୍ଛ ଅଟେ। କେବଳ କ୍ଷମତାର ରାଜଗାଦି ସେମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ।

ରେଳ ଦୁର୍ଘଟଣା, ସଡ଼କ ଦୁର୍ଘଟଣା ଏବଂ ବିଭିନ୍ନ ଜନସୁରକ୍ଷା ସମ୍ବନ୍ଧୀୟ ଘଟଣା ପୁନଃ ପୁନଃ ଏହି ପ୍ରଶ୍ନ ଉଠାଇଛି ଯେ, ଆଧାରଭୂତ ସଂରଚନାର ବିସ୍ତାର ସହ ସୁରକ୍ଷା ମାନଦଣ୍ଡ କେତେ ସୁଦୃଢ଼ ହେଉଛି? କେବଳ ପ୍ରକଳ୍ପର ଉଦ୍‌ଘାଟନ ନୁହେଁ, ତାହାର ଗୁଣବତ୍ତା, ଉତ୍ତରଦାୟିତ୍ୱ ଓ ନିରନ୍ତର ନିରୀକ୍ଷଣ ହିଁ ପ୍ରକୃତ ସଫଳତାର ପରିମାପ। ରେଳ ଦୁର୍ଘଟଣାରେ ଶହଶହ ଯାତ୍ରୀଙ୍କର ପ୍ରାଣହାନି ଘଟୁଛି। ଅଥଚ ମାନବିକତା ଓ ନୈତିକତା ଦୃଷ୍ଟିରୁ ରେଳ ମନ୍ତ୍ରୀ ନିଜ କାର୍ଯ୍ୟରୁ ଓହରି ଯିବାର ଦେଖାଯାଉ ନାହିଁ କିମ୍ବା ସେମାନଙ୍କୁ ପଦବୀରୁ ଅନ୍ତର କରାଇବା ଦେଖାଯାଉ ନାହିଁ। ସିଜେପିର ଦୃଢ଼ ମନୋବଳ, ଅଟଳ ନିଷ୍ପତ୍ତି ଓ ନିର୍ଣ୍ଣାୟକ ଆନ୍ଦୋଳନ ପ୍ରଭାବ ପଡ଼ି ନ ଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମଧ୍ୟ ଇସ୍ତଫା ଦେଇ ନ ଥା'ନ୍ତେ। ସରକାର ସାଧାରଣ ଜନତାର ମୌଳିକ ଦାବିଗୁଡ଼ିକ ପ୍ରତି ଆଦୌ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ବଢ଼ିବାରେ ଲାଗିଛି।

ଗଣତନ୍ତ୍ରରେ ନାଗରିକଙ୍କ ସ୍ୱର ହିଁ ସର୍ବୋଚ୍ଚ। ସରକାର ଯେକୌଣସି ଦଳର ହେଉ ଲୋକଙ୍କ ପ୍ରଶ୍ନ, ଆନ୍ଦୋଳନ ଓ ସମାଲୋଚନାକୁ ଶୁଣିବା ତାହାର କର୍ତ୍ତବ୍ୟ। ସେହିପରି ବିରୋଧୀ ମତ ମଧ୍ୟ ତଥ୍ୟ, ସଂଯମ ଓ ରଚନାତ୍ମକ ପ୍ରସ୍ତାବ ସହ ଉପସ୍ଥାପିତ ହେବା ଆବଶ୍ୟକ। ଗଣତନ୍ତ୍ରର ଶକ୍ତି ସଂଳାପରେ, ନିରବତାରେ ନୁହେଁ। ଯେଉଁଠି ସାଧାରଣ ଜନତାର ସ୍ୱରକୁ ବଳପୂର୍ବକ ଚପାଇ ଦିଆଯାଏ, ସେଠାରେ ଅରାଜକତା ସୃଷ୍ଟି ହୁଏ ଏବଂ ଏକଛତ୍ରବାଦୀ ଶାସନ ଦେଖାଯାଏ। ଗଣତନ୍ତ୍ରରେ ସାଧାରଣ ଜନତାର ସ୍ୱରକୁ ବଳପୂର୍ବକ ଦମନ କରିବା ବିନାଶ ଓ ଅହଙ୍କାରର ପ୍ରତୀକ ଏବଂ ସମ୍ବିଧାନ ବିରୋଧୀ। କିନ୍ତୁ ଆମ ଦେଶରେ ଏସବୁ ବାସ୍ତବତାରୁ ଊର୍ଦ୍ଧ୍ୱରେ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ଏହି ବିନାଶ ପଥକୁ ଆବୋରି ନେଉଥିବା ଦେଖାଯାଉଛି।

ଭାରତ ପରି ବହୁଧର୍ମୀ, ବହୁଭାଷୀ ଓ ବହୁସଂସ୍କୃତିଭିତ୍ତିକ ଦେଶରେ ସାମ୍ପ୍ରଦାୟିକ ସଦ୍ଭାବନା ହିଁ ସବୁଠାରୁ ବଡ଼ ସମ୍ପଦ। ମନ୍ଦିର, ମସଜିଦ, ଗୁରୁଦ୍ୱାର କିମ୍ବା ଚର୍ଚ୍ଚ ସବୁ ଆସ୍ଥାର କେନ୍ଦ୍ର; କିନ୍ତୁ ଯଦି ଧର୍ମ ରାଜନୈତିକ ବିଭାଜନର ମାଧ୍ୟମ ହୋଇଯାଏ, ତେବେ ସମାଜର ଏକତା ଦୁର୍ବଳ ହୁଏ। ଭାରତର ଶକ୍ତି ତାହାର ବିବିଧତାରେ, ବିଭାଜନରେ ନୁହେଁ। ବର୍ତ୍ତମାନ ମନ୍ଦିର, ମସଜିଦ, ଚର୍ଚ୍ଚ, ଧର୍ମଗ୍ରନ୍ଥକୁ ନେଇ ଯେଉଁଭଳି ହୀନ ରାଜନୀତି କରାଯାଉଛି, ଏଥିରୁ ସ୍ପଷ୍ଟ ଜଣାପଡୁଛି ବର୍ତ୍ତମାନ ଆମ ଦେଶ ବିନାଶ ପଥରେ ଅଗ୍ରସର ହେଉଛି। ରାଷ୍ଟ୍ରର ସାମଗ୍ରିକ ବିକାଶ ଓ ଉନ୍ନତି ଧର୍ମାନୁଷ୍ଠାନ ନିର୍ମାଣ କିମ୍ବା ଧର୍ମପୁସ୍ତକ ବଣ୍ଟନରେ ହୁଏ ନାହିଁ। 'ବିକଶିତ ଭାରତ'ର ସ୍ୱପ୍ନ ବୈଜ୍ଞାନିକ ଚିନ୍ତାଧାରା, ଗବେଷଣା ଓ ବୈଷୟିକ ଜ୍ଞାନର ଦ୍ରୁତ ପ୍ରସାର ଉପରେ ନିର୍ଭର କରେ। ଧର୍ମାନୁଷ୍ଠାନ ଆମକୁ ଦାସତ୍ୱ ବନ୍ଧନରେ ବାନ୍ଧି ରଖେ। କିନ୍ତୁ ଶିକ୍ଷାନୁଷ୍ଠାନ ଓ ବୈଜ୍ଞାନିକ ଚିନ୍ତାଧାରା ଆମକୁ ଦାସତ୍ୱ ବନ୍ଧନରୁ ମୁକ୍ତ କରେ, ପ୍ରଗତିର ମାର୍ଗ ପ୍ରଶସ୍ତ କରାଏ। ଏକଥା ଆମ ଦେଶର ବୁଦ୍ଧିଜୀବୀ, ଶିକ୍ଷାବିତ୍, ବୈଜ୍ଞାନିକ, ବରିଷ୍ଠ ନାଗରିକ, ସାଧାରଣ ଜନତା, ଛାତ୍ରଛାତ୍ରୀ ସମସ୍ତେ ହୃଦୟଙ୍ଗମ କରିବା ଉଚିତ।

ଦେଶର ପ୍ରକୃତ ସମ୍ପଦ ସୁନା, କୋଇଲା କିମ୍ବା ଖଣିଜ ନୁହେଁ; ତାହାର ମାନବ ସମ୍ପଦ। ବୈଜ୍ଞାନିକ ନୂତନ ଆବିଷ୍କାର କରନ୍ତି, ଯନ୍ତ୍ରୀ ଦେଶ ଗଢ଼ନ୍ତି, ଡାକ୍ତର ଜୀବନରକ୍ଷା କରନ୍ତି, ଶିକ୍ଷକ ଆଗାମୀ ପିଢ଼ିକୁ ଗଢ଼ନ୍ତି। ଏହି ବର୍ଗକୁ ସମ୍ମାନ, ସ୍ୱାଧୀନତା ଓ ଉପଯୁକ୍ତ ପରିବେଶ ପ୍ରଦାନ କରା ନ ଗଲେ ବିକାଶ ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। ଦେଶର ବୈଜ୍ଞାନିକ ଅନୁଷ୍ଠାନଗୁଡ଼ିକ କେବଳ ପ୍ରଯୁକ୍ତିର କେନ୍ଦ୍ର ନୁହେଁ, ସେମାନେ ଜାତୀୟ ପ୍ରଗତିର ମେରୁଦଣ୍ଡ। ଯଦି କେବେ ବୈଜ୍ଞାନିକମାନେ ନୀତିଗତ ସମସ୍ୟା, ଗବେଷଣା ପାଇଁ ଅନୁକୂଳ ପରିବେଶର ଅଭାବ କିମ୍ବା ପ୍ରଶାସନିକ ଅସନ୍ତୋଷ ନେଇ ସାମୂହିକ ପ୍ରତିବାଦ କରନ୍ତି, ତେବେ ତାହାକୁ କେବଳ କର୍ମଚାରୀଙ୍କ ଅସନ୍ତୋଷ ଭାବରେ ନୁହେଁ, ବରଂ ଜାତୀୟ ଚିନ୍ତାର ବିଷୟ ଭାବେ ଦେଖିବା ଦରକାର। ବିଜ୍ଞାନ ଓ ଗବେଷଣା ରାଜନୈତିକ ବିଭାଜନରୁ ଊର୍ଦ୍ଧ୍ୱରେ ରହିବା ଉଚିତ୍। ଏକ ରାଷ୍ଟ୍ରର ଭବିଷ୍ୟତ ତାହାର ବୈଜ୍ଞାନିକ, ଇଞ୍ଜିନିୟର ଓ ଗବେଷକମାନଙ୍କ ସ୍ୱାଧୀନ ଚିନ୍ତା, ନବସୃଷ୍ଟି ଓ ସୃଜନଶୀଳତା ଉପରେ ନିର୍ଭର କରେ। ସେମାନଙ୍କ ମତାମତକୁ ସମ୍ମାନ ଦେବା ଓ ସମସ୍ୟାର ସଂଳାପ ମାଧ୍ୟମରେ ସମାଧାନ କରିବା ହିଁ ପ୍ରକୃତ ବିକାଶର ପରିଚୟ। ସମ୍ପ୍ରତି ଗଣମାଧ୍ୟମରେ ଇସ୍ରୋର ବୈଜ୍ଞାନିକମାନଙ୍କ ଅସନ୍ତୋଷ ଏବଂ ସାମୂହିକ ଇସ୍ତଫା ସମ୍ପର୍କିତ ବିଭିନ୍ନ ଦାବି ଚର୍ଚ୍ଚାର ବିଷୟ ହୋଇଛି। ଏହି ଚର୍ଚ୍ଚା ଏକ ବଡ଼ ପ୍ରଶ୍ନ ଉଠାଏ ଯେ ଆମେ ଦେଶର ବୈଜ୍ଞାନିକ ଓ ଗବେଷଣା ଅନୁଷ୍ଠାନଗୁଡ଼ିକୁ ପର୍ଯ୍ୟାପ୍ତ ଗୁରୁତ୍ୱ ଦେଉଛୁ କି? ବିଜ୍ଞାନକୁ ଦୁର୍ବଳ କରି କୌଣସି ରାଷ୍ଟ୍ର ଦୀର୍ଘସ୍ଥାୟୀ ବିକାଶର ଶିଖରରେ ପହଞ୍ଚିପାରିବ ନାହିଁ।

ଭାରତକୁ ବିଶ୍ୱଗୁରୁ କରିବାର ପଥ ଅନ୍ଧବିଶ୍ୱାସ, ଘୃଣା, ଅହଙ୍କାର କିମ୍ବା ବିଭାଜନ ମଧ୍ୟରେ ନୁହେଁ; ବରଂ ବିଜ୍ଞାନ, ଶିକ୍ଷା, ସମ୍ବିଧାନିକ ମୂଲ୍ୟବୋଧ, ସାମାଜିକ ନ୍ୟାୟ ଓ ପରିବେଶ ସୁରକ୍ଷା ମାଧ୍ୟମରେ। ଆଜି ଦେଶ ସମ୍ମୁଖରେ ପ୍ରଶ୍ନ କେବଳ ଏତିକି - ଆମେ ଭାବନାର ରାଜନୀତିକୁ ବାଛିବୁ ନା ଜ୍ଞାନ, ବିବେକ ଓ ମାନବିକତାକୁ? ଏହି ପ୍ରଶ୍ନର ଉତ୍ତର ହିଁ ନିର୍ଦ୍ଧାରଣ କରିବ ଯେ ଭାରତ ବିକାଶର ପଥରେ ଆଗେଇବ ନା ବିନାଶର ଦିଗରେ।

(ଆସୋସିଏଟ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୬୮୦୯୧୩୦୦

# ସୂର୍ଯ୍ୟାସ୍ତର ସୌନ୍ଦର୍ଯ୍ୟ, ସୂର୍ଯ୍ୟୋଦୟର ସମ୍ଭାବନା

ରଞ୍ଜନ କୁମାର ରାୟ




ସବୁ ସୂର୍ଯ୍ୟାସ୍ତ ଅନ୍ଧକାରର ଘୋଷଣା କରେ ନାହିଁ। କେତେକ ସୂର୍ଯ୍ୟାସ୍ତ ନୂଆ ପ୍ରଭାତର ଆଗମନୀ ସଙ୍ଗୀତ ଗାଏ। ପ୍ରକୃତିର ନିୟମ ଯେପରି ଅପରିବର୍ତ୍ତନୀୟ, ଇତିହାସର ଗତି ମଧ୍ୟ ସେହିପରି ନିର୍ଦ୍ଦୟ। ସେଠାରେ କୌଣସି ସାମ୍ରାଜ୍ୟ ଚିରସ୍ଥାୟୀ ନୁହେଁ, କୌଣସି ମୁକୁଟ ସଦାକାଳ ପାଇଁ ଗୋଟିଏ ମସ୍ତକରେ ଶୋଭା ପାଏ ନାହିଁ। ଫୁଟବଲ୍‌ର ମହାଗାଥା ମଧ୍ୟ ଏହି ଅନନ୍ତ ସତ୍ୟର ପୁନରାବୃତ୍ତି। ୨୦୨୬ ବିଶ୍ୱକପ୍‌ର ଫାଇନାଲ୍‌ର ରୋମାଞ୍ଚକୁ ଫୁଟବଲ ପ୍ରଶଂସକ ଏବେ ବି ମନେ ରଖିଛନ୍ତି। ଏହି ଫାଇନାଲ କେବଳ ଏକ ମ୍ୟାଚ୍ ନୁହେଁ, ତାହା ଥିଲା ଦୁଇଟି ଦର୍ଶନର ସଂଘର୍ଷ, ଦୁଇଟି ଯୁଗର ସୀମାରେଖା, ଦୁଇଟି ସ୍ୱପ୍ନର ସାକ୍ଷାତକାର। ରେଫରିଙ୍କ ଅନ୍ତିମ ହ୍ୱିସିଲ ବାଜିବା ପରେ ଷ୍ଟାଡିୟମ ଆକାଶରେ ଉତ୍ସବର ଆଲୋକ ଜଳିଉଠିଲା। କିନ୍ତୁ ଆର୍ଜେଣ୍ଟିନାର ଆଉ ଏକ ଟାଇଟଲ ଜିତିବାର ସ୍ୱପ୍ନ ଅଧୁରା ରହିଯାଇଥିଲା। ଭାରତ ଭଳି ସାରା ବିଶ୍ୱରେ ରହିଥିବା ଆର୍ଜେଣ୍ଟିନା ସମର୍ଥକମାନେ ନିରାଶ ହୋଇଥିଲେ ମଧ୍ୟ ବାସ୍ତବତାକୁ ସହଜରେ ଗ୍ରହଣ କରି ନେଇଥିଲେ।

ଫୁଟବଲ୍‌ରେ ସ୍କୋରବୋର୍ଡ ସତ୍ୟ କହିଥାଏ। କିନ୍ତୁ ସମ୍ପୂର୍ଣ୍ଣ ସତ୍ୟ କହେ ନାହିଁ। ଗୋଟିଏ ଗୋଲ୍‌ର ବ୍ୟବଧାନ କେବଳ ବିଜୟ-ପରାଜୟର ହିସାବ ରଖେ। ସେ ମଣିଷର ହୃଦୟରେ ଜନ୍ମ ନେଇଥିବା କବିତା, ଅଶ୍ରୁ, ଗର୍ବ, ଯନ୍ତ୍ରଣା ଓ ଆଶାର ହିସାବ ରଖିପାରେ ନାହିଁ। ସେହି ଅଦୃଶ୍ୟ ଇତିହାସ ଲେଖାଯାଏ ଷ୍ଟାଡିୟମ୍‌ର ଗର୍ଜନରେ, ଖେଳାଳିଙ୍କ ନିଃଶ୍ୱାସରେ ଓ କୋଟି କୋଟି ସମର୍ଥକଙ୍କ ପ୍ରାର୍ଥନାରେ।

ଆର୍ଜେଣ୍ଟିନା ମଇଦାନକୁ ଓହ୍ଲାଇଥିଲା ଗୋଟିଏ ସ୍ୱପ୍ନକୁ ବଞ୍ଚାଇ ରଖିବାକୁ। ସେମାନଙ୍କ ପଛରେ ଥିଲା ଡିଏଗୋ ମାରାଡୋନାଙ୍କ ଅତୃପ୍ତ ଆତ୍ମା, ଲିଓନେଲ୍ ମେସିଙ୍କ ଲିଗାସି, ଲାଟିନ୍ ଆମେରିକାର ଫୁଟବଲ୍ ସଂସ୍କୃତିର ଅଦମ୍ୟ ସ୍ପନ୍ଦନ। ସେମାନେ ଜାଣିଥିଲେ- ବିଶ୍ୱକପ୍ କେବଳ ଟ୍ରଫି ନୁହେଁ, ଏହା ଜାତିର ସ୍ୱାଭିମାନ। କିନ୍ତୁ ସମୟ କାହାକୁ ଅପେକ୍ଷା କରେନାହିଁ। ସମୟ ନଦୀ ପରି - ଯେ ଆଗକୁ ବହିବାକୁ ଜାଣେ, ସେ ହିଁ ସମୁଦ୍ରକୁ ଛୁଇଁଥାଏ ଓ ମିଶିଥାଏ। ଯେ ଅତୀତର ଗୌରବକୁ ଧରି ରହେ, ସେ କେବଳ ସ୍ମୃତିର ତଟରେ ଅଟକିଯାଏ। ଆର୍ଜେଣ୍ଟିନା ହାରିଲା କାରଣ ସେମାନେ ଖରାପ ଖେଳିଲେ ବୋଲି ନୁହେଁ, ସେମାନେ ହାରିଲେ କାରଣ ସ୍ପେନର ଫୁଟବଲ୍ ଟିମ୍ ସେହିଦିନ ଅଧିକ ପରିପକ୍ୱ, ଅଧିକ ସଂଗଠିତ ଓ ଅଧିକ ଧୈର୍ଯ୍ୟଶୀଳ ଥିଲା।

ସ୍ପେନର ଏହି ବିଜୟ କୌଣସି ଆକସ୍ମିକ ଚମତ୍କାର ନୁହେଁ। ଏହା ଦୀର୍ଘବର୍ଷର ନିରବ ସାଧନାର ଫଳ। ବୀଜ ବପନ କରିବା ପରେ ଯେପରି ଗଛ ରାତାରାତି ବିଶାଳ ହୁଏନାହିଁ, ସେହିପରି ବିଶ୍ୱଚାମ୍ପିଅନ୍ ଦଳ ମଧ୍ୟ ଗୋଟିଏ ରତୁରେ ସୃଷ୍ଟି ହୁଏନାହିଁ। ବର୍ଷ ବର୍ଷର ଯୋଜନା, ଯୁବ ପ୍ରତିଭାର ଯତ୍ନ, ବୈଜ୍ଞାନିକ ପ୍ରଶିକ୍ଷଣ ଓ ଦଳଗତ ଚେତନାର ନିରନ୍ତର ସାଧନା ସ୍ପେନକୁ ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି। ଫୁଟବଲ୍‌ରେ ଜଣେ ମହାନ ତାରକା ମ୍ୟାଚ୍ ଜିତାଇପାରନ୍ତି, କିନ୍ତୁ ମହାନ ଦଳକୁ ଯୁଗ ଗଢ଼େ। ସ୍ପେନ୍ ପ୍ରମାଣ କରିଦେଲା ଯେ ଆଧୁନିକ ଫୁଟବଲ୍‌ର ମୂଳମନ୍ତ୍ର ହେଉଛି ସମନ୍ୱୟ। ସେମାନଙ୍କ ପାଦରେ ବଲ୍ ଥିଲା, କିନ୍ତୁ ତା'ଠାରୁ ବଡ଼ କଥା ଥିଲା - ସେମାନଙ୍କ ମନର ଧୈର୍ଯ୍ୟ। ସେମାନଙ୍କ ଦୌଡ଼ରେ ଥିଲା ଗତି, କିନ୍ତୁ ଚିନ୍ତାରେ ଥିଲା ସ୍ଥିରତା। ଏହି ସନ୍ତୁଳନ ହିଁ ସେମାନଙ୍କୁ ବିଶ୍ୱର ଶିଖରକୁ ନେଇଗଲା।

ଆଜି ଯେତେବେଳେ ଆର୍ଜେଣ୍ଟିନାର ସମର୍ଥକଙ୍କ ଆଖିରେ ଲୁହ, ସେହି ଲୁହ ଦୁର୍ବଳତାର ନୁହେଁ। ସେ ହେଉଛି ଫୁଟବଲ ପ୍ରତି ଅସାଧାରଣ ଭଲପାଇବାର ଭାଷା। କାରଣ ଯେଉଁ ଦଳ ପ୍ରତି ଭଲପାଇବାର ସ୍ରୋତ ଉଚ୍ଛଳ ହୁଏ ତାହାର ପରାଜୟ ପ୍ରଶଂସକଙ୍କୁ ଯନ୍ତ୍ରଣା ଦିଏ। ତଥାପି ଫୁଟବଲ୍‌ର ସବୁଠୁ ବଡ଼ ସୌନ୍ଦର୍ଯ୍ୟ - ପରାଜିତଙ୍କ ପ୍ରତି ମଧ୍ୟ ସମ୍ମାନ ରହେ। କାରଣ ଖେଳପଡ଼ିଆରେ ଯିଏ ଶେଷ ପର୍ଯ୍ୟନ୍ତ ଲଢ଼େ, ସେ କେବେ ସମ୍ପୂର୍ଣ୍ଣ ପରାଜିତ ହୁଏନାହିଁ।

ଏହି ବିଶ୍ୱକପ୍ ଆଉ ଗୋଟିଏ ଗଭୀର ବାର୍ତ୍ତା ଦେଇଛି। ବ୍ୟକ୍ତିର ଯୁଗ ଧୀରେ ଧୀରେ ସାମୂହିକତାର ଯୁଗକୁ ସ୍ଥାନ ଦେଉଛି। ବିଶ୍ୱ ଫୁଟବଲ୍ ଆଜି ଏକକ ନାୟକଙ୍କ କାହାଣୀ ନୁହେଁ, ଏହା ସମବେତ ସଙ୍ଗୀତର ମହାକାବ୍ୟ। ଆମ ପାଇଁ ମଧ୍ୟ ଏଥିରେ ଏକ ଶିକ୍ଷା ରହିଛି। ଖେଳ କେବଳ ପ୍ରତିଭାର ଉତ୍ସବ ନୁହେଁ, ଏହା ଦୂରଦୃଷ୍ଟି, ପରିଶ୍ରମ, ଶୃଙ୍ଖଳା ଓ ନିରନ୍ତର ବିନିଯୋଗର ଫଳ। ଯେଉଁ ଜାତି ଶିଶୁର ପାଦରେ ପ୍ରଥମ ବଲ୍‌ଟି ଦିଏ, ସେହି ଜାତି ଦିନେ ବିଶ୍ୱକପ୍‌ର ଟ୍ରଫିକୁ ମଧ୍ୟ ଛୁଏ। ଫୁଟବଲ୍ ଆମକୁ ବିନମ୍ରତା ଶିଖାଏ। ଆଜି ତୁମେ ବିଜେତା, କାଲି ତୁମେ ପରାଜିତ। ଆଜି ତୁମେ ଆକାଶରେ, କାଲି ମାଟିରେ। କିନ୍ତୁ ଯେଉଁମାନେ ପଡ଼ିଯାଇ ପୁଣି ଉଠିବା ଶିଖିଛନ୍ତି, ଇତିହାସ ସେମାନଙ୍କୁ ହିଁ ଅମର କରେ।

ସ୍ପେନ ଆଜି ବିଶ୍ୱର ଶିଖରରେ। ସେମାନଙ୍କ ମୁଣ୍ଡରେ ବିଶ୍ୱବିଜୟର ମୁକୁଟ। କିନ୍ତୁ ସେହି ମୁକୁଟର ସବୁଠୁ ବଡ଼ ଅଳଙ୍କାର ହେଉଛି ପରିଶ୍ରମ, ଶୃଙ୍ଖଳା ଓ ଦଳଗତ ପ୍ରୟାସ ତଥା ପ୍ରଦର୍ଶନ। ଆଉ ଆର୍ଜେଣ୍ଟିନା ଓ ତା'ର ଖେଳାଳିମାନେ ହାରିଛନ୍ତି, କିନ୍ତୁ ସେମାନଙ୍କ ଫୁଟବଲ୍ ପ୍ରେମ, ସଂଘର୍ଷ ଓ ଗୌରବ ହାରିନାହିଁ। ସମୁଦ୍ରର ଢେଉ ପରି ସେମାନେ ପୁଣି ଫେରିଆସିବେ। କାରଣ ଫୁଟବଲ୍‌ରେ କୌଣସି ଶେଷ ନାହିଁ। ପ୍ରତ୍ୟେକ ପରାଜୟ ହେଉଛି ନୂଆ ସ୍ୱପ୍ନର ବୀଜ, ପ୍ରତ୍ୟେକ ବିଜୟ ହେଉଛି ନୂଆ ଦାୟିତ୍ୱର ଆରମ୍ଭ। ସେହିଥିପାଇଁ ୨୦୨୬ ବିଶ୍ୱକପ୍‌ର ଏହି ଫାଇନାଲ୍‌କୁ କେବଳ ଗୋଟିଏ ଫଳାଫଳ ଭାବେ ନୁହେଁ, ସମୟର ଏକ ସାହିତ୍ୟିକ ରୂପକ ଭାବେ ମନେ ରଖିବା ଦରକାର। ସୂର୍ଯ୍ୟ ଅସ୍ତ ଯାଇଛି, କିନ୍ତୁ ଆକାଶ ଅନ୍ଧକାରରେ ବୁଡିନାହିଁ। ଦିଗନ୍ତରେ ଆଉ ଗୋଟିଏ ପ୍ରଭାତ ଜନ୍ମ ନେଇସାରିଛି। ସେହି ପ୍ରଭାତର ନାମ ହେଉଛି ସ୍ପେନ। ଆଉ ସେହି ସୂର୍ଯ୍ୟାସ୍ତର ନାମ - ଆର୍ଜେଣ୍ଟିନା, ଯାହାର ଆଲୋକ କେବେ ଇତିହାସରୁ ଲିଭିଯିବ ନାହିଁ।

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

# ବୋହୂ ରୂପରେ ପୂଜା ପା'ନ୍ତି ପିତା ଶୁଖୁଆ

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଓଡ଼ିଶାରେ ପିତା ଶୁଖୁଆକୁ ପ୍ରତ୍ୟକ୍ଷ ଭାବେ ପୂଜା କରାଯାଉଥିବା ବେଳେ କେତେକ ମନ୍ଦିରରେ ଶୁଖୁଆକୁ ନୈବେଦ୍ୟ ଭାବେ ଅର୍ପଣ କରାଯାଏ। ତାମିଲନାଡୁର ତଟୀୟ ଅଞ୍ଚଳରେ ଅନୁଷ୍ଠିତ ଏକ ବିଶେଷ ଉତ୍ସବରେ ଶୁଖୁଆ (କରୁବାଡୁ)ର ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଜି ଦିଆଯାଏ। ଭାରତର ଅନ୍ୟ କେତେକ ରାଜ୍ୟ ସହିତ ଓଡ଼ିଶାର କେତେକ ମନ୍ଦିରରେ ଶୁଖୁଆକୁ ଭୋଗ ଭାବେ ଅର୍ପଣ କରାଯାଇଥାଏ।

କେବଳ ଭାରତରେ ନୁହେଁ, କେତେକ ବିଦେଶୀୟ ସଂସ୍କୃତିରେ ମଧ୍ୟ ଶୁଖୁଆକୁ ପବିତ୍ର ମନେକରି ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି। କେତେକ ଧାର୍ମିକ ଅନୁଷ୍ଠାନରେ ଶୁଖୁଆ ଅର୍ପଣ କରିବା ଏବଂ ଉପବାସ ସମୟରେ ଶୁଖୁଆକୁ ଖାଦ୍ୟ ଭାବେ ଗ୍ରହଣ କରାଯାଉଛି। ଚୀନ୍ ସଂସ୍କୃତିରେ ଶୁଖୁଆକୁ ସୌଭାଗ୍ୟ ଓ ସମୃଦ୍ଧିର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ତେଣୁ ବିଶେଷ ଭାବେ ଚୀନ୍ ନବବର୍ଷରେ ଶୁଖୁଆ ଓ



ଅନ୍ୟ ସାମୁଦ୍ରିକ ଜୀବ-ଖାଦ୍ୟକୁ ଉପହାର ଭାବେ ଆଦାନପ୍ରଦାନ କରାଯାଇଥାଏ। ଏହାସହିତ ସେହି

### ବିଚିତ୍ର ବିଶ୍ୱାସ

ଦେଶରେ ଶୁଖୁଆକୁ ଦେବତା ଓ ପୂର୍ବପୁରୁଷଙ୍କୁ ଭୋଗ ଭାବେ ଅର୍ପଣ କରିବାର ବିଧି ମଧ୍ୟ ଅଛି। ଚୀନ୍‌ର 'ଜୋମୋନୋ କାଳ'ରେ ଶୁଖୁଆକୁ ଖାଦ୍ୟ ଭାବେ ଗ୍ରହଣ କରାଯାଉଥିବାର ତଥ୍ୟ ରହିଥିବା ବେଳେ 'ନାରା କାଳ'ରେ ଶୁଖୁଆ ଏତେ ମୂଲ୍ୟବାନ ଥିଲା ଯେ, ଏହାକୁ ରାଜ୍ୟକର ବା ଟିକସ ଭାବେ ପ୍ରଦାନ କରାଯାଉଥିଲା।

ଜାପାନ୍‌ରେ ଶୁଖୁଆର ସର୍ବପୁରାତନ ଇତିହାସ ଓ ଗଭୀର ସାଂସ୍କୃତିକ ମହତ୍ତ୍ୱ ଅଛି। ସେ ଦେଶରେ ଶୁଖୁଆକୁ 'ହିମୋନୋ' କୁହାଯାଏ। ଖ୍ରୀଷ୍ଟପୂର୍ବ ୭୧୦ରୁ ୭୯୪ ପର୍ଯ୍ୟନ୍ତ 'ହିମୋନୋ'କୁ ପବିତ୍ର ନୈବେଦ୍ୟ 'ଶିଶେନ୍' ଭାବେ ଦେବତାଙ୍କୁ ଅର୍ପଣ କରାଯାଉଥିଲା। ପ୍ରାଚୀନ ଗ୍ରୀକ୍ ପରମ୍ପରା ଅନୁଯାୟୀ କେଉଟମାନେ ସମୁଦ୍ର ଭିତରକୁ ଯିବା ପୂର୍ବରୁ ନିଜର ସୁରକ୍ଷା ଓ ଅଧିକ ମାଛ ଧରିବା ଆଶାରେ ସମୁଦ୍ର ଦେବତା 'ପୋସିଡନ୍' ଓ 'ହେକାଟେ'ଙ୍କୁ ଶୁଖୁଆ ଭୋଗ ଅର୍ପଣ କରୁଥିଲେ।

ଏହାବ୍ୟତୀତ କେତେକ ବିଶେଷ ପୂଜାନୁଷ୍ଠାନରେ ଦେବତାଙ୍କୁ ଶୁଖୁଆ ସମର୍ପଣ କରାଯିବା ସହିତ ପବିତ୍ର ପ୍ରସାଦ ଭାବେ ଅତିଥି ଓ ପରିବାରକୁ ପରଷା ଯାଉଥିଲା। ପର୍ତ୍ତୁଗାଲ୍ ଓ ସ୍ପେନ୍‌ରେ ବିଶେଷ ଭାବେ ଲେଣ୍ଟ, ଗୁଡ୍ ଫ୍ରାଇଡେ ଓ କ୍ରିସମାସ୍‌ରେ ଶୁଖୁଆ(ବାକାଲହାଓ)କୁ ଏକ ପାରମ୍ପରିକ ବ୍ୟଞ୍ଜନ ଭାବେ ଗ୍ରହଣ କରାଯାଏ। କେତେକ ବିଦେଶୀୟ ମୂଳ ଜନଜାତି ସମ୍ପ୍ରଦାୟରେ ମଧ୍ୟ ଶୁଖୁଆକୁ ପରୋକ୍ଷ ଭାବେ ପୂଜାର୍ଚ୍ଚନାର ଏକ ଅଂଶବିଶେଷ ଭାବେ ଗ୍ରହଣ କରାଯାଇଛି।

ମୁଖ୍ୟତଃ ଆଧ୍ୟାତ୍ମିକ ମତବାଦ ଅନୁସାରେ ମାଛ, ମାଂସ, ଶୁଖୁଆ ଆଦି ଅପବିତ୍ର ଓ ତାମସିକ ଖାଦ୍ୟ ଭାବେ ଗ୍ରହଣୀୟ ହୋଇଥିବା ବେଳେ ବିଶେଷ ପୂଜାନୁଷ୍ଠାନରେ ଏଗୁଡ଼ିକର ମହତ୍ତ୍ୱ ପ୍ରତିପାଦିତ ହୋଇପାରିଛି। ଏଥିରୁ ସ୍ପଷ୍ଟ ହେଉଛି ଯେ - ଶିବ ଓ ଶବ ଉଭୟଙ୍କର ଉପସ୍ଥିତି ସୃଷ୍ଟିରେ ସମାନ ଏବଂ ଈଶ୍ୱରୀୟ ସତ୍ତାରେ ଉଭୟ ଉଭୟଙ୍କର ପରିପୂରକ। ଏହା ହିଁ ଦୃଢ଼ ଧର୍ମବିଶ୍ୱାସର ମୂଳାଧାର।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗେରୁଆ ହେଲା...

ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନ୍ୟ ବିରୋଧୀ ଦଳ ସାଂସଦ ଅମର ସିଂହ, ତାରିକ ଅନୱାର ଏବଂ କିର୍ତ୍ତି ଆଜାଦ ମଧ୍ୟ ଏହାର ସମାଲୋଚନା କରି କହିଛନ୍ତି ଯେ ସରକାର ବିପଜ୍ଜନକ ଧାରା ଆରମ୍ଭ କରିଛନ୍ତି । ସରକାର ସେନାବାହିନୀ ପୋଷାକ ରଙ୍ଗ ଗେରୁଆ କରିଦେଇପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ ୨୦୧୪ ବିଶ୍ୱକପ୍ ସମୟରେ ଭାରତୀୟ ଦଳ ହଳଦିଆ ରଙ୍ଗର ଜର୍ସି ପିନ୍ଧିଥିବା ବେଳେ ୨୦୧୮ ବିଶ୍ୱକପ୍‌ରେ ଆକାଶୀ ନୀଳ ରଙ୍ଗର ପୋଷାକ ବ୍ୟବହାର କରାଯାଇଥିଲା । ହର୍ମନପ୍ରୀତ ସିଂହଙ୍କ ନେତୃତ୍ୱରେ ଭାରତୀୟ ଦଳ ବେଲଜିୟମ ଓ ନେଦରଲ୍ୟାଣ୍ଡସରେ ଆୟୋଜିତ ହେବାକୁ ଥିବା ୨୦୨୬ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଚଳାଇଛି । ୫୧ ବର୍ଷ ପରେ ଦ୍ୱିତୀୟ ଥର ବିଶ୍ୱକପ୍ ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା ଭାରତୀୟ ଦଳ ପାଇଁ ଜର୍ସି ବିବାଦ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ହକି ଇଣ୍ଡିଆ ସଫେଇ ଦେଇଛି ଯେ, ଏହି ନିଷ୍ପତ୍ତି କୌଣସି ଆବେଗ କିମ୍ବା ସୌନ୍ଦର୍ଯ୍ୟ ପାଇଁ ନୁହେଁ, ବରଂ ବୈଷୟିକ ସୁବିଧାକୁ ଦୃଷ୍ଟିରେ ରଖି ନିଆଯାଇଛି ।

### କ୍ରୀଡ଼ାପ୍ରେମୀଙ୍କ ଭାବନାକୁ...

ଯୋଡ଼ିହୋଇ ରହିଥିବା ଏକ ଆବେଗ । ଦଶନ୍ଧି ଦଶନ୍ଧି ଧରି ଏହି ରଙ୍ଗ ଆମକୁ ଆଶା, ବିଜୟ, ପରାଜୟ ଏବଂ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବାର ଲକ୍ଷ୍ୟରେ ଏକାଠି ବାନ୍ଧି ରଖିଛି । ଆମେ ଆମର ନୀଳ ଜର୍ସି ପିନ୍ଧିଥିବା ପୁରୁଷ ଓ ମହିଳା ଖେଳାଳିମାନଙ୍କ ସହ ଆମେ କାନ୍ଦିଛୁ, ହସିଛୁ, ଉତ୍ସବ ପାଳନ କରିଛୁ ଏବଂ ଗର୍ବର ସହ ଛିଡ଼ା ହୋଇଛୁ । ଏହି ନୀଳ ଜର୍ସି ପିନ୍ଧି ଆମ ଟିମ୍ ଅଲିମ୍ପିକ୍ସ ପଦକ ଜିତିଛି ଏବଂ ବିଶ୍ୱ ମଞ୍ଚରେ ଆମ ଜାତୀୟ ସଙ୍ଗୀତ ଗୁଞ୍ଜରିତ ହୋଇଛି । ନୀଳ ରଙ୍ଗ ଆମ ଜାତୀୟ ପତାକାର ଅଶୋକ ଚକ୍ରରୁ ଅଣାଯାଇଛି । ଏହା ଆମ ଜାତୀୟ ଗୌରବ ଓ ପରିଚୟର ପ୍ରତୀକ । ଯେତେବେଳେ ଜାତୀୟ ହକି ଟିମ୍ ପ୍ରାୟୋଜକ ଅଭାବରେ ସଂଘର୍ଷ କରୁଥିଲା, ସେତେବେଳେ ଆମ ଜାତୀୟ ଦଳ ଏବଂ ପ୍ରିୟ ଖେଳକୁ ସହଯୋଗ କରିବାରେ ଓଡ଼ିଶା ପ୍ରଥମ ଓ ଏକମାତ୍ର ରାଜ୍ୟ ଭାବେ ଇତିହାସ ରଚିଥିଲା । ଜାତୀୟ ହକି ପ୍ରତି ରାଜ୍ୟର ଏହି ସହଯୋଗ ପାଇଁ ସାରା ବିଶ୍ୱରେ ଥିବା ପ୍ରତ୍ୟେକ ଓଡ଼ିଆ ଗର୍ବିତ ଥିଲେ । ୪୧ ବର୍ଷର ଦୀର୍ଘ ପ୍ରତୀକ୍ଷା ପରେ ଆମ ପୁରୁଷ ଦଳ ଅଲିମ୍ପିକ୍ସ ପଦକ ଜିତିଥିଲା । କେବଳ ଓଡ଼ିଶାରେ ସରକାର ବଦଳିଯାଇଛି ବୋଲି ଆମ ଜାତୀୟ ଦଳର ରଙ୍ଗ ବଦଳାଯିବା ଉଚିତ୍ ନୁହେଁ । ଏହା ସବୁଠାରୁ ନିମ୍ନମାନର ରାଜନୀତି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଆର୍ଜେଣ୍ଟିନାର ଆଇକନିକ୍ ଷ୍ଟ୍ରାଇପ୍ସ (ଗାର) ଏବଂ ବ୍ରାଜିଲ୍‌ର ହଳଦିଆ ଜର୍ସି ସେହି ଦେଶ ପାଇଁ ଯେତିକି ମହତ୍ତ୍ୱ ରଖେ, ଭାରତୀୟ ହକି ଖେଳାଳିଙ୍କ ନୀଳ ଜର୍ସି ଆମ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ । ଏହା ଆମ ସାମୂହିକ ସ୍ମୃତିରେ ସଦାସର୍ବଦା ଲିପିବଦ୍ଧ ହୋଇରହିଛି । ଏହି ରଙ୍ଗରେ କୌଣସି ବି ପରିବର୍ତ୍ତନ, ଆମ ଅମୂଲ୍ୟ କ୍ରୀଡ଼ା ଐତିହ୍ୟକୁ ପୋଛିଦେବାର ଏକ ଅତ୍ୟନ୍ତ ନିନ୍ଦନୀୟ ପ୍ରଚେଷ୍ଟା । ଓଡ଼ିଶାର ବିଜେପି ସରକାରଙ୍କ ଚାପରେ ଏହି ପଦକ୍ଷେପ ନିଆଯାଇଛି । କ୍ଷମତାରେ ଥିବା ବ୍ୟକ୍ତିମାନେ ଏହାକୁ ଅସ୍ୱୀକାର କରିପାରନ୍ତି; କିନ୍ତୁ ଗତ ଦୁଇ ବର୍ଷ ହେବ ଓଡ଼ିଶାରେ ସରକାରଙ୍କର ସରକାରୀ କୋଠା, ବସ୍ ଏବଂ ପୋଲଗୁଡ଼ିକର ରଙ୍ଗ ବଦଳାଇବାର ନିଶାକୁ ସମସ୍ତେ ଦେଖିଛନ୍ତି । ଆଜି ଓଡ଼ିଶାରେ କେବଳ ଏହି ଗୋଟିଏ କାମ ହିଁ ହେଉଛି । କିନ୍ତୁ ଏବେ ସେହି ସରକାର ଆମ ଜାତୀୟ ଦଳର ଜର୍ସି ରଙ୍ଗକୁ ମଧ୍ୟ ବଦଳାଇ ଦେଇଛନ୍ତି । ହକି ଭଳି ଏକ ଜାତୀୟ ଖେଳକୁ ରାଜନୀତିକରଣ କରିବାକୁ ବିଜେପି ଓଡ଼ିଶାର ଏହି ପ୍ରଚେଷ୍ଟାକୁ ମୁଁ ଦୃଢ଼ ନିନ୍ଦା କରୁଛି । ଏହା ସାରା ଦେଶର ଲକ୍ଷ ଲକ୍ଷ କ୍ରୀଡ଼ାପ୍ରେମୀଙ୍କ ଭାବନା ଏବଂ ଜାତୀୟ ହକିକୁ ଓଡ଼ିଶା ଯେଉଁ ଗର୍ବର ସହ ସହଯୋଗ କରିଆସିଛି, ତାହାକୁ ଗଭୀର ଆଘାତ ପହଞ୍ଚାଇଛି ବୋଲି ନବୀନ କ୍ଷୋଭର ସହ କହିଛନ୍ତି ।

### ମାଡ଼ିଆସୁଛି 'ମହା'..

କ୍ୟୁସେକ ପର୍ଯ୍ୟନ୍ତ ଜଳ ପ୍ରବାହ ହୋଇଥିବାରୁ ବର୍ତ୍ତମାନ ସ୍ଥିତିକୁ ନିୟନ୍ତ୍ରଣଯୋଗ୍ୟ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି । ମାତ୍ର ମହାନଦୀର ଶାଖା ନଦୀଗୁଡ଼ିକରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଉଛି । କାଲି ସୁଦ୍ଧା ହୀରାକୁଦର ଆଉ ୧୦ରୁ ୧୨ଟି ଗେଟ୍ ଖୋଲାଯାଇପାରେ । ତେବେ ଏହି ପାଣି ମୁଣ୍ଡଳୀରେ ପହଞ୍ଚିବା ବେଳକୁ ୨୪ ଘଣ୍ଟା ଲାଗିବ ଓ ସେତେବେଳକୁ ମୁଣ୍ଡଳୀଠାରେ ଜଳ ପ୍ରବାହ ହ୍ରାସ ପାଇଥିବା ବୋଲି ବିଭାଗ ପକ୍ଷରୁ ଆକଳନ କରିଛି ।

ମହାନଦୀର ବଢ଼ୁଥିବା ଜଳସ୍ତର ସହ ଏହାର ଶାଖାନଦୀ ଲୁଣା, କରାଣ୍ଡିଆ, ପାଇକା, କୁଶଭଦ୍ରା, ଦେବୀ ଓ କୁଆଖାଇ ଓ ଚିତ୍ରୋତ୍ପଳା ମଧ୍ୟ ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ଏହାର ପ୍ରଭାବରେ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ନିମ୍ନାଞ୍ଚଳ ପ୍ରଭାବିତ ହୋଇପାରେ । ସେଥିପାଇଁ ଜିଲ୍ଲା ପ୍ରଶାସନକୁ ପୂର୍ବରୁ ସତର୍କ କରାଯାଇଛି ଏବଂ ଅଧିକାରୀମାନେ ଗତକାଲି ରାତିରୁ ମୈଦାନରେ କାମ ଆରମ୍ଭ କରିଛନ୍ତି ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି । ଜଗତସିଂହପୁରର ବିରିଡ଼ି, ନାଉଗାଁ, ତିର୍ତ୍ତୋଲ, କୁଜଙ୍ଗ, ରଘୁନାଥପୁର, ଏରସମା ଓ ବାଲିକୁଦା, କଟକର ବାଙ୍କୀ ଓ ଆଠଗଡ଼, ପୁରୀର କଣାସ, ଡେଲାଙ୍ଗ, ବ୍ରହ୍ମଗିରି, କାକଟପୁର, ନିମାପଡ଼ା ଓ ଗୋପ, କେନ୍ଦ୍ରାପଡ଼ାର ପାଟକୁରା, ଗରଦପୁର ଓ ଆଳି ଅଞ୍ଚଳ ଉପରେ ବିଶେଷ ନଜର ରଖାଯାଇଛି ବୋଲି ସେ କହିଛନ୍ତି ।

ହୀରାକୁଦ ଡ୍ୟାମ୍ ତଳ ମୁଣ୍ଡରେ ବୌଦ୍ଧ ଜିଲ୍ଲାର ଖଇରମାଳ ଠାରେ ମହାନଦୀରେ ୭ ଲକ୍ଷ ୭୪ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି । ଠିକ ସେହିପରି ନୟାଗଡ଼ ଜିଲ୍ଲାର ବରମୂଳ ଠାରେ ମହାନଦୀରେ ୭ ଲକ୍ଷ ୭୦ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି । ମୁଣ୍ଡୁଳି ଠାରେ ୮ ଲକ୍ଷ ୫୦ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି । ରୁଲ୍ କର୍ଭ ଅନୁସାରେ ହୀରାକୁଦର ଜଳସ୍ତର ୧୩ ଫୁଟ୍ ଅଧିକ ଥିଲେ ମଧ୍ୟ ତଳମୁଣ୍ଡରେ ମାତ୍ରାଧିକ ପାଣି ରହିଥିବାରୁ ଅଧିକ ଗେଟ୍ ଖୋଲାଯାଇ ପାରୁନାହିଁ । ତଳ ମଣ୍ଡରେ ବନ୍ୟା ଜଳ ଅପସାରିତ ହେଲା ପରେ ଶୁକ୍ରବାର ଆଡକୁ ହୀରାକୁଦର ଅଧିକ ଗେଟ୍ ଖୋଲାଯିବାକୁ ନିଷ୍ପତି ହୋଇଥିବା ଜଣାପଡ଼ିଛି ।

### ୬୨୧ ଫୁଟ୍ ଡେଇଁଲା...

ସୁଦ୍ଧା ୧୨ଟି ଗେଟ୍ ଖୋଲିବା ପାଇଁ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ଯୋଜନା କରୁଛନ୍ତି । ତେବେ ତଳ ମୁଣ୍ଡରେ ବନ୍ୟା ସ୍ଥିତି ଗମ୍ଭୀର ଥିବାରୁ ଏହା ଉପରେ ନଜର ରଖାଯାଇଛି ।

ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ପ୍ରବେଶ କରୁଛି ସେକେଣ୍ଡ ପ୍ରତି ୩,୦୮,୨୫୭ କ୍ୟୁସେକ୍ ଜଳ । ହୀରାକୁଦ ଜଳସ୍ତର ମଧ୍ୟ ୬୨୧.୩୫ ଫୁଟ୍‌ରେ ପହଞ୍ଚିଛି । ସମ୍ପ୍ରତି ହୀରାକୁଦର ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ତଳମୁଣ୍ଡରେ ବନ୍ୟା ଯୋଗୁଁ ସ୍ଥିତି ସୁଧୁରିବା ଯାଏ ଗେଟ୍ ଖୋଲାଯିବ ନାହିଁ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ତଳମୁଣ୍ଡରେ ଖଇରମାଳ, ବାରମୂଳ ଓ ମୁଣ୍ଡଳୀଠାରେ ୭ରୁ ୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ତାରିଖ ଦ୍ୱିତୀୟଥର ପାଇଁ ହୀରାକୁଦ ନଦୀବନ୍ଧରୁ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଥିବାବେଳେ ଗତ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯାଇଥିଲା ।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୦୮,୨୫୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୫,୨୩୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ସ୍ପିଲଓ୍ୱେ ଦେଇ ୩୧୫୫୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନାଲ ଦେଇ ୩୧୩୪୯ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୨୧୧୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨,୦୯,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପର୍ଥଲାଁଠାରେ ୪,୪୦,୮୨୫ କ୍ୟୁସେକ୍, ଖଇରମାଳଠାରେ ୭,୫୦,୦୦୦ କ୍ୟୁସେକ୍, ବାରମୂଳଠାରେ ୭,୭୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୮,୬୫,୪୭୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ । ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୧.୭୨ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୯.୩୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି ।

### ସଂସଦରେ ହଙ୍ଗାମା...

କରିବାକୁ ପଡ଼ିଥିଲା । ବିରୋଧୀ ଦଳ ମାନେ ପୁଲିସ କାର୍ଯ୍ୟାନୁଷ୍ଠାନ ସହିତ ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲା ମଧ୍ୟ ଉଠାଇ ହଙ୍ଗାମା କରିଥିଲେ । ହଙ୍ଗାମା ଚାଲିଥିବା ବେଳେ ବନ୍ଦେମାତରମ ବିଲକୁ ବାଚନିକ ଭୋଟରେ ପାରିତ କରାଇଥିଲେ ସରକାର । ଗତକାଲି ଏହା ରାଜ୍ୟସଭାରେ ପାସ୍ ହୋଇଥିଲା । ଏହି ଦୁଇଟି ବିଲ ଏବେ ଦସ୍ତଖତ ପାଇଁ ରାଷ୍ଟ୍ରପତିଙ୍କ ପାଖକୁ ଯିବ । ବିଲ୍ ପାରିତ ହେବାପରେ ଲୋକସଭା ଓ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା ।

ସଂସଦରେ ପ୍ରଶ୍ନପତ୍ର ଲିକ୍ ବିଲ ପାରିତ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ସ୍ୱାଗତ କରି କହିଛନ୍ତି ଯେ ପରୀକ୍ଷା ସଂସ୍କାର ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପ୍ରଶ୍ନପତ୍ର ଲିକ୍ ରାକେଟରେ ଜଡ଼ିତ ମାଫିଆ ଏବେ ଆଉ ସୁରକ୍ଷିତ ନୁହନ୍ତି । ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ଇନଷ୍ଟାଗ୍ରାମ ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପରୀକ୍ଷା ପଦ୍ଧତିକୁ ସୁରକ୍ଷିତ ଓ ମଜବୁତ କରିବା ଲାଗି ସରକାର ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି ।

### ମାଗଣା ମହାପ୍ରସାଦ...

ବାଇଶି ପାହାଚରେ ଦୁଇଟି ବଡ଼ ଆଟିକାରେ ମାଗଣା ମହାପ୍ରସାଦ ବଣ୍ଟନ ହେଉଥିଲା । ଆନନ୍ଦ ବଜାରରୁ କିଣି ପାରୁ ନ ଥିବା ଭକ୍ତମାନେ ସେଠାରେ କଣିକାଏ ପ୍ରସାଦ ପାଇ ତୃପ୍ତ ହୋଇ ଫେରୁଥିଲେ । କିନ୍ତୁ ପ୍ରାୟ ୯ ବର୍ଷ ହେବ ଏହି ବ୍ୟବସ୍ଥା ବନ୍ଦ ହୋଇପଡ଼ିଛି । ୨୦୨୪ ଅଗଷ୍ଟରେ ପୁରୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ଏହି ବ୍ୟବସ୍ଥା ପୁଣି ଆରମ୍ଭ କରିବା ନେଇ ଘୋଷଣା କରିଥିଲେ । ସେ କହିଥିଲେ, ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ କୁଡୁଆରେ ଦିଆଯିବ । ଭକ୍ତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ବର୍ଷକୁ ପ୍ରାୟ ୧୪ରୁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ । ଏଥିପାଇଁ ବଦାନ୍ୟ ଭକ୍ତଙ୍କ ସହଯୋଗ ନିଆଯିବ । କାର୍ତ୍ତିକ ମାସ ପରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ମଧ୍ୟ ସେ କହିଥିଲେ । ହେଲେ ଇତିମଧ୍ୟରେ ଦୁଇଟି କାର୍ତ୍ତିକ ଅତିକ୍ରାନ୍ତ କରିସାରିଲାଣି । ତଥାପି କେତେ ପରିମାଣରେ କେମିତି ବଣ୍ଟନ ହେବ, କୁଡୁଆର ବ୍ୟବସ୍ଥା କିପରି ହେବ ସେ ନେଇ କିଛି ସ୍ପଷ୍ଟତା ନାହିଁ । ମନ୍ତ୍ରୀଙ୍କ ଘୋଷଣା କେବେ ବାସ୍ତବତାର ରୂପ ନେବ ତାହାକୁ ଚାହିଁ ରହିଛନ୍ତି ଶ୍ରଦ୍ଧାଳୁ ।

ଢେଙ୍କାନାଳରୁ ଆସିଥିବା ଭକ୍ତ ସନ୍ତୋଷ ପଣ୍ଡା କହିଛନ୍ତି 'ମନ୍ତ୍ରୀଙ୍କ ଘୋଷଣା ଶୁଣି ଆମେ ବହୁତ ଖୁସି ହୋଇଥିଲୁ । ଦୂରରୁ ଆସୁଥିବା ଗରିବ ଭକ୍ତଙ୍କ ପାଇଁ ଏହା ବଡ଼ ସାହାଯ୍ୟ ହୋଇଥା'ନ୍ତା । କିନ୍ତୁ ଦୁଇବର୍ଷ ହେଲାଣି କିଛି ହେଲା ନାହିଁ । କେବଳ ଘୋଷଣା କଲେ ହେବନି, ତାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଏ ନେଇ ବୈଠକ କରି ତାରିଖ ଘୋଷଣା କରୁ । ସେହିପରି ନୟାଗଡ଼ରୁ ଆସିଥିବା ଶ୍ରଦ୍ଧାଳୁ ପ୍ରାନ୍ତସିନୀ ବେହେରା କହିଛନ୍ତି, 'ପୂର୍ବରୁ ଯେମିତି ବାଇଶି ପାହାଚରେ ମାଗଣା ପ୍ରସାଦ ମିଳୁଥିଲା ସେମିତି ଆରମ୍ଭ ହେଲେ ଭଲ ହୁଏ । ଅନେକ ଲୋକ ଆନନ୍ଦ ବଜାରରୁ ମହଙ୍ଗା ଦରରେ ଅବଢ଼ା କିଣିପାରନ୍ତି ନାହିଁ । ସେମାନଙ୍କ ପାଇଁ ଏହା ମହାପ୍ରଭୁଙ୍କ ଆଶୀର୍ବାଦ ହେବ । କିନ୍ତୁ ବଣ୍ଟନ ବ୍ୟବସ୍ଥା ଶୃଙ୍ଖଳିତ ହେବା ଦରକାର ।

ଏ ପର୍ଯ୍ୟନ୍ତ ମାଗଣା ମହାପ୍ରସାଦ ବଣ୍ଟନର ରୂପରେଖ ସ୍ପଷ୍ଟ ହୋଇ ନ ଥିବା ବେଳେ ଭକ୍ତଙ୍କୁ କେତେ ପରିମାଣରେ ଏବଂ କେଉଁଠାରେ ଦିଆଯିବ ସେ ନେଇ ମଧ୍ୟ କୌଣସି ନିଷ୍ପତ୍ତି ହୋଇନାହିଁ । ମଝିରେ କୁଡୁଆରେ ଦେବା କଥା ଉଠିଥିଲେ ମଧ୍ୟ ତାହା କିପରି କାର୍ଯ୍ୟକାରୀ ହେବ ସେ ନେଇ କିଛି ସ୍ପଷ୍ଟତା ନାହିଁ । ଏତେ ବଡ଼ ଯୋଜନା ପାଇଁ ପାଣ୍ଠି, ସ୍ଥାନ, କର୍ମଚାରୀ ଏବଂ ତଦାରଖ ବ୍ୟବସ୍ଥା ଆବଶ୍ୟକ । ବଦାନ୍ୟ ଭକ୍ତଙ୍କ ସହଯୋଗ ନେବା ପାଇଁ ମଧ୍ୟ ଗୋଟିଏ ସ୍ୱଚ୍ଛ ନୀତି ଦରକାର । କିନ୍ତୁ ଏ ପର୍ଯ୍ୟନ୍ତ ସେଭଳି କୌଣସି ଆଲୋଚନା ହୋଇ ନ ଥିବା ଜଣାପଡ଼ିଛି । ଦୈନିକ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଦୃଷ୍ଟିରେ ରଖି ହଠାତ୍ ବଣ୍ଟନ ଆରମ୍ଭ କଲେ ଭିଡ଼ ଓ ଅବ୍ୟବସ୍ଥା ସୃଷ୍ଟି ହେବାର ଆଶଙ୍କା ରହିଛି । ତେଣୁ ପୂର୍ବରୁ ଯୋଜନାବଦ୍ଧ ଭାବେ ପ୍ରସ୍ତୁତି ଆବଶ୍ୟକ । ଏବେ ପ୍ରଶ୍ନ ଉଠୁଛି, ଘୋଷଣା କ'ଣ କେବଳ ମନ୍ତ୍ରୀଙ୍କ ମୁହଁରେ ରହିଯିବ ନା ମହାପ୍ରଭୁଙ୍କ କୃପାରୁ ଭକ୍ତଙ୍କ ଏହି ଆଶା ଶୀଘ୍ର ପୂରଣ ହେବ? ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ଏ ନେଇ ଶୀଘ୍ର ସ୍ପଷ୍ଟୀକରଣ ଦେବା ଦରକାର ବୋଲି ଭକ୍ତମାନେ ଦାବି କରିଛନ୍ତି ।

### କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ...

କିଭଳି ଭାବରେ ମହାନଦୀ ସମସ୍ୟାର ଏକ ସ୍ଥାୟୀ ଓ ସନ୍ତୋଷଜନକ ସମାଧାନ ହେବ, ସେନେଇ ଆଜି ଆଲୋଚନା ହୋଇଛି । ଆଗାମୀ ୩ ମାସ ପର୍ଯ୍ୟନ୍ତ ଏହି ଆଲୋଚନା ବିଭିନ୍ନ ସ୍ତରରେ ଜାରି ରହିବ । ଏହି ୩ ମାସ ମଧ୍ୟରେ ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ଜଳକୁ ନେଇ ଯେଉଁ ସମସ୍ୟା ରହିଛି ତାହାର ସମାଧାନ ନେଇ ମୁଁ ଆଶାବାଦୀ । ଆସନ୍ତା ଦୀପାବଳି ବେଳକୁ ସମସ୍ୟା ନିଶ୍ଚିତ ଭାବରେ ସମାଧାନ ହୋଇଥିବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫ ଜୁଲାଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ମହାନଦୀ ଜଳ ବିବାଦରେ ଏକ ଚିଠି ଲେଖିଥିଲେ । ଏଥିରେ ସେ ମହାନଦୀ ଜଳବିବାଦରେ ଆପୋଷ ସମାଧାନ ଏବଂ ଏଥିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ତଥା କେନ୍ଦ୍ରୀୟ ଜଳ ଆୟୋଗର ମଧ୍ୟସ୍ଥତା ନେଇ ପ୍ରସ୍ତାବ ରଖିଥିଲେ । ଗତ ଜୁଲାଇ ୨୨ ତାରିଖରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଏକ ବିସ୍ତୃତ ପତ୍ର ଜରିଆରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କର ପ୍ରସ୍ତାବକୁ ସ୍ୱୀକାର କରିଥିଲେ । ଏହାପରେ ଟ୍ରିବ୍ୟୁନାଲ ଉଭୟ ରାଜ୍ୟ ମଧ୍ୟରେ ମଧ୍ୟସ୍ଥତା ପାଇଁ ଉଭୟ ସିଡବ୍ଲ୍ୟୁସି ଓ ଜଳଶକ୍ତି ମନ୍ତ୍ରାଳୟକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି ନିର୍ଦ୍ଦେଶ ଅନୁଯାୟୀ ଆଜିର ବୈଠକ ଅନୁଷ୍ଠିତ ହୋଇଛି ।

### ମେଡିକାଲ ପିଜି...

ହସ୍ପିଟାଲରେ ପିଜି ଛାତ୍ରଛାତ୍ରୀଙ୍କ ଶେଷ ସେମିଷ୍ଟାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ସକାଳ ୧୦ରୁ ମଧ୍ୟାହ୍ନ ୧ଘଣ୍ଟା ପର୍ଯ୍ୟନ୍ତ ପରୀକ୍ଷା ରହିଥିଲା । ସେହିକ୍ରମେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରୀକ୍ଷା କେନ୍ଦ୍ରରେ ମଧ୍ୟ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

ପରୀକ୍ଷା ଆରମ୍ଭର ମାତ୍ର କିଛି ସମୟ ପରେ ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ହ୍ୱାଟ୍ସଅପ ଗ୍ରୁପ୍ (ଏସ-୧), (ଏଲ-୧) ଓ (ଜେଡ-୧) ନାମରେ ଥିବା ଗ୍ରୁପରେ ସେୟାର କରାଯାଇଥିଲା । ଏହା ପରେ ଉକ୍ତ ହ୍ୱାଟ୍ସଅପ ଗ୍ରୁପ୍‌ରେ ପ୍ରଶ୍ନର ଉତ୍ତର ମଧ୍ୟ ପରୀକ୍ଷାର୍ଥୀଙ୍କୁ ପଠାଯାଉଥିବା ଅଭିଯୋଗ ହୋଇଛି । ଏହି ହ୍ୱାଟ୍ସଅପ ଗ୍ରୁପ୍‌କୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର କିଛି ଡାକ୍ତରୀ ଛାତ୍ର ପରିଚାଳନା କରୁଥିଲେ । ଏଥିସହ ପରୀକ୍ଷା କେନ୍ଦ୍ରକୁ ଏକାଧିକ ପରୀକ୍ଷାର୍ଥୀ ମୋବାଇଲ୍ ଫୋନ୍ ସହିତ ପ୍ରବେଶ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ପରୀକ୍ଷାରେ କପି, କେନ୍ଦ୍ର ମଧ୍ୟକୁ ମୋବାଇଲ ନେବା ଓ ପରିଚାଳନାରେ କୋହଳ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଅର୍ଥ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲ କଲେଜ ଓ ହସ୍ପିଟାଲର କିଛି ପରିକ୍ଷାର୍ଥୀଙ୍କୁ ମଧ୍ୟ ପ୍ରଶ୍ନପତ୍ର ବିକ୍ରି କରାଯାଇଥିବା ନେଇ ମଧ୍ୟ ସୂଚନା ରହିଛି । ଘଟଣାକୁ ନେଇ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ ବିଭିନ୍ନ ସ୍ଥାନରେ ଅଭିଯୋଗ ହୋଇଥିଲା । ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ପିଜି ପରୀକ୍ଷାର ପରିଚାଳନା ଓ ନିୟନ୍ତ୍ରଣ ଦାୟିତ୍ୱ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ନେଇଥିଲା । ଏହା ପୂର୍ବରୁ ଏହି ପରୀକ୍ଷା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ହେଉଥିଲା । ଅନ୍ୟପକ୍ଷରେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସମ୍ପୃକ୍ତ କର୍ତ୍ତୃପକ୍ଷ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି । ତଦନ୍ତ ରିପୋର୍ଟ ପରେ ପ୍ରକୃତ ଘଟଣା ଏବଂ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ । ଅଭିଯୋଗ ପରେ ପରୀକ୍ଷା ସେଲକୁ ଅଧିକ କଠୋର ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ଦୁଇଟି ପରୀକ୍ଷାରେ ଅନ୍ୟ କୌଣସି ପ୍ରକାର ଅନିୟମିତତାକୁ ରୋକିବା ପାଇଁ ସଜାଗ ହେବା ସହ ବର୍ତ୍ତମାନ ଏହି ପରୀକ୍ଷାପତ୍ର କିପରି ଅନ୍ୟ ଶିକ୍ଷାନୁଷ୍ଠାନକୁ ଗଲା ତାହାକୁ ନେଇ ତର୍ଜମା ଚାଲିଛି । ଘଟଣାର ତଦନ୍ତ ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିବା ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡ଼ିନ ପ୍ରଫେସର ଡ଼ା. ହରିକ୍ରିଷ୍ଣା ଦଳେଇ କହିଛନ୍ତି ।

### ଓ୍ୱାଇଏଚ୍‌ଏସ୍ ପରୀକ୍ଷା...

ଭବାନୀପାଟଣାସ୍ଥିତ ସହିଦ ରେଣ୍ଡୋ ମାଝୀ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍ (ଏସ୍‌ଆର୍‌ଏମ୍-ଏମ୍‌ସିଏଚ୍)ରେ ଫାର୍ମାକୋଲୋଜି ବିଭାଗର ପ୍ରାଧ୍ୟାପକ ଥିବା ଡ. ୱାଇ ରୋଜା ରମଣୀ ନିଯୁକ୍ତି ପାଇଁ ମନୋନୀତ ହୋଇଥିଲେ । ପରୀକ୍ଷା ନିୟନ୍ତ୍ରକ ପଦରେ ଯୋଗ ଦେବା ପୂର୍ବରୁ ସରକାରଙ୍କ ଠାରୁ ନୋ ଅବଜେକସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ବାଧ୍ୟତାମୂଳକ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା । ମାତ୍ର ପରୀକ୍ଷା ନିୟନ୍ତ୍ରକ ଭାବେ ଯୋଗଦେଇଥିବା ଡ. ରମଣୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନ୍‌ଓସି ପ୍ରଦାନ କରାଯାଇନାହିଁ । ଏହାସତ୍ତ୍ୱେ ଭବାନୀପାଟଣା ଏସ୍‌ଆର୍‌ଏମ୍-ଏମ୍‌ସିଏଚ୍‌ର ଅଧକ୍ଷ ତାଙ୍କୁ କିପରି ରିଲିଭ୍ କଲେ ଏବଂ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବ ତାଙ୍କୁ ବିନା ଏନ୍‌ଓସିରେ କିପରି ନିଯୁକ୍ତି ପ୍ରଦାନ କଲେ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ କଠୋର ଆଭିମୁଖ୍ୟ ପୋଷଣ କରିବା ସହ ବିନା ଏନ୍‌ଓସିରେ କିପରି ନିଯୁକ୍ତି ଦିଆଗଲା ବୋଲି ସ୍ପଷ୍ଟୀକରଣ ରଖିବାକୁ ଗତ ମେ ମାସରେ କୁଳସଚିବଙ୍କୁ ନିର୍ଦ୍ଦେଶ ଦେଇଛି । ଅପରପକ୍ଷରେ ପ୍ରାୟ ୫୩ ଟି ସେମିଷ୍ଟାର ବାର୍ଷିକ ପରୀକ୍ଷା ହୋଇ ନ ଥିବା କାରଣରୁ ତାଙ୍କର ପରୀକ୍ଷା ପରିଚାଳନା ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ସୋମେଶ ଉପାଧ୍ୟାୟ ଭଦ୍ରକ ଜିଲ୍ଲାପାଳ ନିଯୁକ୍ତ

ଭୁବନେଶ୍ୱର,୩୦।୭ (ସମିସ): ୨୦୧୭ ମସିହା ବ୍ୟାଚର ଆଇଏଏସ ତଥା ରାଜ୍ୟ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ ଭଦ୍ରକ ଜିଲ୍ଲାପାଳ ଭାବରେ ନିଯୁକ୍ତି ପାଇଛନ୍ତି । ଏନେଇ ଗୁରୁବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ବର୍ତ୍ତମାନର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ କାର୍ଯ୍ୟକାଳ ସମାପ୍ତ ହେଉଛି । ଶ୍ରୀ ରାଉତରାୟଙ୍କ ସ୍ଥାନରେ ଶ୍ରୀ ଉପାଧ୍ୟାୟ ଜିଲ୍ଲାପାଳ ଦାୟିତ୍ୱ ଗ୍ରହଣ କରିବେ ।

## ୧.୪୭ କୋଟିର ଋଣ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩୦।୭ (ସମିସ): ଆଇସିଆଇସିଆଇ ବ୍ୟାଙ୍କ ଋଣ ଠକେଇ ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥ ନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ମିହିର ପାଇକରାୟ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଇଓଡବ୍ଲ୍ୟୁ ସୂଚନା ମୁତାବକ ଆଇସିଆଇସିଆଇ ଭୁବନେଶ୍ୱର ମୁଖ୍ୟ ଶାଖା ବ୍ୟାଙ୍କରୁ ମିହିର ୧କୋଟି ୪୭ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲେ । ଏଥିପାଇଁ ସେ କିଛି ଜମିର କାଗଜପତ୍ର ବନ୍ଧକ ରଖିଥିଲେ । ଏହାପରେ ବ୍ୟାଙ୍କ ପକ୍ଷରୁ ଋଣ ମଞ୍ଜୁର କରାଯାଇଥିଲା । ମାତ୍ର ସେ ଋଣ ପରିଶୋଧ ନ କରିବାରୁ ବ୍ୟାଙ୍କ ଏହାକୁ ଏନ୍‌ପିଏ ଶ୍ରେଣୀଭୁକ୍ତ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ କାଳରେ ଏହି ଜମିଗୁଡ଼ିକ ପୂର୍ବରୁ ବ୍ୟାଙ୍କ ଅଫ ବରୋଦାରେ ପୂର୍ବରୁ ବନ୍ଧକ ଦେଇ ସେ ୩୦ ଲକ୍ଷ ଟଙ୍କାର ଋଣ ଉଠାଇଥିବା ଜଣା ପଡ଼ିଥିଲା । ମାମଲା ଜଣାପଡ଼ିବା ପରେ ସବ୍-ରେଜିଷ୍ଟାରଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରାଯାଇଥିଲା । ସବ୍-ରେଜିଷ୍ଟାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ଦସ୍ତାବିଜ ଅନୁଯାୟୀ ମିହିର ଋଣ ପାଇଁ ଜାଲିଆତି କରିଥିବା ଜଣା ପଡ଼ିଥିଲା । ଏହାପରେ ବ୍ୟାଙ୍କ ପକ୍ଷରୁ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା ଓ ଇଓଡ଼ବ୍ଲ୍ୟୁ ତାଙ୍କୁ ଗିରଫ କରିଥିଲା ।

## ଚେକ୍ ବାଉନ୍ସ ମାମଲାରେ ପଦାଧିକାରୀଙ୍କ ସହ କମ୍ପାନି ମଧ୍ୟ ଅଭିଯୁକ୍ତ: ହାଇକୋର୍ଟ

କଟକ,୩୦।୭ (ସମିସ): ଯଦି କୌଣସି କମ୍ପାନି ତରଫରୁ ଦିଆଯାଇଥିବା ଚେକ୍ ବାଉନ୍ସ କରେ, ଏଥିରେ ଦସ୍ତଖତ କରିଥିବା ପଦାଧିକାରୀଙ୍କୁ ମାମଲାରେ କେବଳ ପକ୍ଷଭୁକ୍ତ କରାଯାଏ ଓ କମ୍ପାନିକୁ ବାଦ ଦିଆଯାଇଥାଏ



ତେବେ ଏହା ଆଇନ ସମ୍ମତ ନୁହେଁ । ଏନ୍‌ଆଇ ଆକ୍ଟ ଅନୁସାରେ ଏଭଳି ଘଟଣାରେ ପଦାଧିକାରୀଙ୍କ ସହିତ କମ୍ପାନିକୁ ମଧ୍ୟ ଅଭିଯୁକ୍ତ ଭାବେ ପକ୍ଷଭୁକ୍ତ କରି ଅଦାଲତରେ ମାମଲା ରୁଜୁ କରାଯିବା କଥା ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । କମ୍ପାନିକୁ ପକ୍ଷଭୁକ୍ତ ନ କରି କେବଳ ଏହାର ନିର୍ବାହୀ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରି ସୋନପୁର ଏସଡିଜେଏମ ଅଦାଲତରେ ଦାୟର ଚେକ୍ ବାଉନ୍ସ ମାମଲାକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ଡି.କେ.ପଟେଲଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶିବ ଶଙ୍କର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାରୁ ପ୍ରକାଶ ଯେ ସୁନ୍ଦରଗଡର ଏକ କମ୍ପାନି ତରଫରୁ ମାମଲାର ପ୍ରତିପକ୍ଷଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଏହି ଚେକ୍‌ରେ କମ୍ପାନିର ପ୍ରାଧିକୃତ ଦସ୍ତଖତକାରୀ ଭାବେ ଆବେଦନକାରୀ ଦସ୍ତଖତ କରିଥିଲେ । ଏହି ଚେକ ବାଉନ୍ସ କରିବା ପରେ ପ୍ରତିପକ୍ଷଙ୍କ ତରଫରୁ ଆବେଦନକାରୀଙ୍କୁ ନୋଟିସ ଜାରି କରାଯାଇଥିଲା । କିନ୍ତୁ ନୋଟିସ ପାଇବା ପରେ ମଧ୍ୟ ଆବେଦନକାରୀ ଟଙ୍କା ନ ଦେବାରୁ ପ୍ରତିପକ୍ଷ ଏସଡିଜେଏମ ଅଦାଲତରେ ଚେକ ବାଉନ୍ସ ପାଇଁ ମାମଲା ରୁଜୁ କରିଥିଲେ । ଏହି ମାମଲା ଗ୍ରହଣୀୟ ନୁହେଁ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

**GOVERNMENT OF ODISHA** 19001/169/2627

**Panchayat Samiti, Junagarh**

E-Procurement Notice

Bid Identification No. PS-JNG-T-3/2026-27

| | | |
|---|---|---|
| 1 | No. of the work | Building works 1 nos. |
| 2 | Estimated cost | Rs. 17.47 lakh |
| 3 | Class of Contractor | "C" & "D" |
| 4 | Period of completion | 6 months |
| 5 | Date and time of availability of bid document in the portal | 11.00 hrs of 01.08.2026 to 17.00 hrs of 17.08.2026 |
| 6 | Last date/Time for receipt of bid in the portal | 17.00 hour of 17.08.2026 |
| 7 | Name and address of the Officer Inviting Bid | Block Development Officer, Junagarh |
| 8 | Date & Venue of Opening of the Single Cover Bid and Technical Bid (Cover 1) | On 18.08.2026 at 11.00 AM in the Office of the Panchayat Samiti, Junagarh |

Further details can be seen from the e-procurement portal: https://tendersodisha.gov.in

**Block Development Officer**
**Junagarh**

**OIPR-19001/19180/1/26-27/0001**

GOVERNMENT OF ODISHA 32001/626/2627
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
CHHELIGADA HEADWORKS DIVISION, AT/PO: MAHENDRAGADA,
VIA: CHANDRAGIRI, DIST: GAJAPATI. PIN – 761017.
e-mail: eechwd@gmail.com

**e-Procurement Notice No. SE-CHWD-01/2026-27**

1. **Type of Work** :- Building work
2. **Total No of Works** :- 04 (Four) Nos.
3. **Amount put to tender** :- Varies from **₹13.61 Lakh to ₹13.38 Lakh**
4. **Period of completion** :- 06 (Six) calendar months
5. **Paper Cost** :- ₹6000/- per each
6. **Class of Contractor** :- 'D' & 'C' Class of Contractor

| Sl. No. | Procurement Officer | Bid Identification No. | Name of the Work | Bid Amount (Rs. in lakh) | Availability & Submission of Bid Online | Date and Place of Opening of Technical Bids Online |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Superintending Engineer, Chheligada Headworks Division, Mahendragada | e-CHWD-01/2026-27 | Construction of Anganwadi center for R&R colony Bidyadharpur of Chheligada Irr. Project | 13.61 | From 03.08.2026, 11.00 A.M. to 14.08.2026, 5.00 P.M. | 17.08.2026 (11.30 A.M.) in the office of the Superintending Engineer, Chheligada Headworks Division, Mahendragada. |
| 2 | | e-CHWD-02/2026-27 | Construction of Anganwadi center for R&R colony Chakundapalli of Chheligada Irr. Project | 13.43 | | |
| 3 | | e-CHWD-03/2026-27 | Construction of Anganwadi center for R&R colony Balipata of Chheligada Irr. Project | 13.38 | | |
| 4 | | e-CHWD-04/2026-27 | Construction of Anganwadi center for R&R colony Babulibandha of Chheligada Irr. Project | 13.38 | | |

Bidders are to participate in online bidding only. Further details can be seen from the Govt. of Odisha e-Procurement Website www.tendersodisha.gov.in. Any addendum/corrigendum/cancellation of the tender can be seen in the above website only.

**Superintending Engineer,**
**Chheligada Headworks Division,**
**Mahendragada**

**OIPR-32001/32109/1/26-27/0001**

**25001/846/2627** E_maill: rw_bhawanipatna@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS, DIVISION, BHAWANIPATNA.**
**Letter No. 2265 Date: 24.07.2026**

**e-Procurement Notice**

**Bid identification No: SERWBPT/Online-05/2026-27**

1. **Class of Contractor**
   a) Estimated cost more than Rs.20.00 lakhs And less than Rs.3.00 Crore : **B Class Contractor** of Odisha PWD) or relevant class of other licensing authorities.
   b) Estimated cost more than Rs.20.00 lakhs And less than Rs.40.00 Lakhs : **C Class & B Class Contractor** of Odisha PWD) or relevant class of other licensing authorities
   c) Estimated cost less than Rs.20.00 lakhs : **D Class & C Class Contractor** of Odisha PWD) or relevant
2. Period of Completion : **As mentioned in the Annexure column-07**
3. E.M.D. required — The bidders shall transfer on line the EMD of the Amount as specified for the work in the table Col no-4 in the Annexure-A.
4. Cost of tender Paper : **As mentioned in the Annexure column-05**
5. Mode of Submission of Tender — Tender should be submitted online in www.tendersorissa.gov.in
6. Period of availability of tenders on-line / Date and time of bidding online /last date of seeking clarification / date of opening of Tender Papers. : The details are as follows.
7. Other details : As per DTCN & www.tendersorissa.gov.in

| Procurement Officer | Bid Identification No | Availability of Tender on line for bidding | | Last date & time of seeking tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer R.W. Division, Bhawanipatna | SERWBPT-online-05/2026-27 | 05.08.2026 At 10.00 AM | 24.08.2026 Up to 5.00 PM | 24.08.2026 Up to 5.00 PM | 25.08.2026 At 11.00 AM | Will be intimated Separately |

Other details can be seen in the bidding documents, which is available in website **www.tendersorissa.gov.in**

**Supereintending Engineer**
**Rural Works Division,Bhawanipatna**

**OIPR-25001/25070/1/26-27/0003**

**AFFIDAVIT**

I, Ipsita Agrawal, D/o Pradeep Kumar Agrawal, Resident of Union Bank Pakha, Shankar Cinema Road, Po/Ps and Dist.-Angul, Pin-759122, Odisha declare by this affidavit No-19973 Dated 30 July 2026 that now onwards I shall be known as **IPSITA AGARWAL** for all future purposes.

**Change of Name (Minor)**

By virtue of an affidavit (CF No-144, Date: 30/07/2026) sworn before The Executive Magistrate, Jharbandh. I, Dinesh Sahu (applicant name), S/o Kapurchan Sahu, permanent & current resident of R/o-vill-Balangir, PO: Dava , PS/TAH-Jharbandh, Dist: Bargarh, State: Odisha declare that I have changed my minor son's name from Bhimesh Sahu to Bhabesh Sahu. Henceforth, he shall be known as **Bhabesh Sahu** (new name) for all purposes.

**NOTICE**

By virtue of an affidavit sworn before the Notary Public, Bhubaneswar, dated 22/06/2026 I, RASHMINANDITA JENA, W/o- SRIKANTA RAUT , Resident of of Duplex-104, Plot No-388 Nandan Villa, Raghunathpurjalli, Raghunathpur, Po-Kalarahanga, Bhubaneswar, Dist-Khordha, ODISHA-751024, I declare that my name changed from **RASMINANDITA RAUT** to **RASHMINANDITA JENA**. Henceforth, I Shall be known as **RASHMINANDITA JENA** for all future purposes.

**RASHMINANDITA JENA**

**AFFIDAVIT**

I, SANJAYA KUMAR SHARMA, aged about 42 years, S/o- PRAFULLA KUMAR NATH, Resident of AT-KAUPADA, PO-BAGHILO BABANPUR, PS-DERABIS, DIST- KENDRAPARA- 754208. ODISHA, declared by this Affidavit No.866/2026 Dated. 29.07.2026, That now onwards I shall Be Known as **SANJAY SHARMA** for all future Purposes.

**AFFIDAVIT**

By virtue of an affidavit no. 37 before the Executive Magistrate, Rairakhol, dtd-29/07/2026, I, Satyajit Meswa, Vill- Kadaligarh, P.S. Rairakhol, Dist. Sambalpur, hereby declare that the name of my minor son has been changed from Sajansip Meswa to Ritesh Meswa. Both names refer to the same person. Henceforth he shall be known as **Ritesh Meswa** for all purposes.

**Satyajit Meswa**

**AFFIDAVIT**

By virtue of an affidavit no. 826 before the Executive Magistrate, Nabarangpur, dtd-29/07/2026, I, Sri Sekhar Hial, Vill- Kangara, P.S. Tentulikhunti, Dist. Nabarangpur hereby declare that my name has been wrongly recorded as Sekhar Harijan, S/o Kurupasindhu Harijan, in my Driving Licence but my correct name is Sekhar Hial, S/o Moya Hial, as per my Aadhaar and PAN. Henceforth, I shall be known as **Sekhar Hial, S/o Moya Hial** for all purposes.

**Sd/- Sekhar Hial**

**AFFIDAVIT**

I, Phanindra Bhusan Sahu (59) S/o Gayadhar Sahu of GG-9, Civil Township, Rourkela-4, P.S : Raghunathpalli, Dist-Sundargarh do hereby declare vide affidavit No A/66, dtd 30. 07. 2026 sworn before the Executive Magistrate, Uditnagar, Rourkela that, my correct name is Phanindra Bhusan Sahu, which is mentioned in my Voter ID, Bank Passbook etc. whereas in my Aadhar card No.4366 9094 4315 the same is mentioned wrongly as Ffanindra kumar Sahu. Hence both the names stand for one and same person i.e. myself, which will be produced for Adhar correction before the competent authority. The facts stated above are true to my knowledge.

**LOST**

I jagannath sahu (31) son of Prabhakar Sahu of resident Brahmin Sahi, Rayagada PS/District Rayagada,i lost my certificate 1. B Tech electrical engineering bearing Regd No-1221317047 and issued with certificate SL No-DO8160122160 and Certificate No- BPC140121369 2. 10 th Board,Roll No- 04 PH 086,board of Secondary Education, 3. Diploma in Electrical bearing,No-F0956022141and issued with Certificate SL No- 12/378122. I have lodged a FIR at Rayagada police station vide GD No.006 dated 06/11/2025 time-12:13pm If anyone finds it kindly inform me on below mentioned contact no-9040959673.

# ଆସୁଛି ବନ୍ୟା; ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି

ଜଗତସିଂହପୁର,୩୦।୭ (ସମିସ)

ଉପର ମୁଣ୍ଡରେ ଲଗାଣ ବର୍ଷା ପରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବା ସହ ଗେଟ୍ ଖୋଲିବା ଯୋଗୁଁ ତଳି ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଆଜି ରାତି ସୁଦ୍ଧା ନରାଜ ଠାରେ ୯ ଲକ୍ଷରୁ ୧୦ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ ଏବଂ ଏହା ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ପ୍ରବାହିତ ହେବାଦ୍ୱାରା ଜଗତସିଂହପୁର ଜିଲ୍ଲାରେ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ସମ୍ଭାବ୍ୟ ବନ୍ୟା ଜନିତ ସ୍ଥିତି ନିମନ୍ତେ ଜିଲ୍ଲାପାଳ ଜେ ସୋନାଲ ଆଜି ପୂର୍ବାହ୍ନରେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମାଙ୍କ ସମେତ ସମସ୍ତ ବରିଷ୍ଠ ପ୍ରାଶାସନିକ ବିଭାଗୀୟ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ସଦ୍‌ଭାବନା ସଭାଗୃହଠାରେ ସମୀକ୍ଷା କରିଥିଲେ। ଜିଲ୍ଲାର ତିର୍ତ୍ତୋଲ, ବିରିଡି, କୁଜଙ୍ଗ ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଯୋଗୁଁ ଲୋକମାନେ ପ୍ରଭାବିତ ହୋଇଛନ୍ତି। ସମୀକ୍ଷା କରି ଜିଲ୍ଲାପାଳ କହିଲେ ଯେ, ପ୍ରତ୍ୟେକଟି ଜୀବନ ମୂଲ୍ୟବାନ। ତେଣୁ ପ୍ରଭାବିତ ଲୋକଙ୍କୁ ତୁରନ୍ତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯିବା ଆବଶ୍ୟକ। ଏଥିସହିତ ସମସ୍ତ ଆଶ୍ରୟ ସ୍ଥଳୀ ରେ ଆବଶ୍ୟକୀୟ ସୁବିଧା ଯେପରି ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ, ବୟସ୍କ, ମହିଳା, କିଶୋରୀ, ଶିଶୁ ସମସ୍ତଙ୍କ ଭିନ୍ନ ଭିନ୍ନ ଆବଶ୍ୟକତାକୁ ଦୃଷ୍ଟି ରେ ରଖି ଯଥା ସମ୍ଭବ ଔଷଧ, ପାନୀୟ ଜଳ, ସାପ କାମୁଡ଼ା ଔଷଧ,ଅତ୍ୟାବଶ୍ୟକ ସୁବିଧା ଯୋଗାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଗର୍ଭବତୀ ମହିଳା, ବିଶେଷ କରି ଯେଉଁମାନେ ସମ୍ବେଦନଶୀଳ ସ୍ଥିତିରେ ଅଛନ୍ତି ତାଙ୍କୁ ଚିହ୍ନଟ କରିବା ସହ ନିକଟସ୍ଥ ସିଏଚ୍‌ସି, ପିଏଚ୍‌ସି, ଡିଏଚ୍‌ଏଚ୍ ବା ମା'ଗୃହକୁ ସ୍ଥାନାନ୍ତରିତ କରିବା ପାଇଁ କହିଥିଲେ। ସେହିପରି ଗୃହପାଳିତ ପଶୁମାନଙ୍କୁ ନିକଟସ୍ଥ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ କରି ସେମାନଙ୍କ ପାଇଁ ଗୋଖାଦ୍ୟର ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୁଲା ପ୍ରାଣୀ ମାନଙ୍କୁ ମଧ୍ୟ ଉଚ୍ଚ ଯାଗାରେ ରଖିବା ପାଇଁ ପରାମର୍ଶ ଦେଇଥିଲେ, କାରଣ ସମସ୍ତଙ୍କର ଜୀବନ ମୂଲ୍ୟବାନ। ସ୍ଥାନାନ୍ତରଣ ସମୟରେ ହୁଏତ ଲୋକମାନେ ନିଜ ଘର ଦ୍ୱାର ମୂଲ୍ୟବାନ ସାମଗ୍ରୀ ଛାଡ଼ି ଯିବାପାଇଁ ଅରାଜି ହୋଇପାରନ୍ତି, କିନ୍ତୁ ସେମାନଙ୍କୁ ବୁଝାଇ ଶୁଝାଇ ଓ ଆବଶ୍ୟକ ସ୍ଥଳେ ବାଧ କରି ବ୍ଲକ୍ ଓ ପୁଲିସ ପ୍ରଶାସନ ଏବଂ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କର ମିଳିତ ଉଦ୍ୟମରେ ଏହି କାର୍ଯ୍ୟ କରିବାକୁ ପଡିବ ବୋଲି ଜିଲ୍ଲାପାଳ କହିଥିଲେ। କୌଣସି ଅଭାବନୀୟ ଜରୁରୀ ପରିସ୍ଥିତି ଆସିଲେ ତୁରନ୍ତ ନିକଟସ୍ଥ କଣ୍ଟ୍ରୋଲ ରୁମ୍‌କୁ ଜଣାଇବା ପାଇଁ ସେ କହିଥିଲେ। ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାର ବିରିଡି ବ୍ଲକ୍ ର ଉତ୍ତର ଶାସନ, ପୂରଣ ଓ ଗେଲପୁର୍ ଗ୍ରାମର ୨୫ ଜଣ, ତିର୍ତ୍ତୋଲ୍ କୋଟକଣ, ଆଦିବାସୀ ସାହି, ମଣିଜଙ୍ଗା ର ୬୩୩ ଜଣ, କୁଜଙ୍ଗ ବ୍ଲକ ର ରାହାମା ବଜାର ନିକଟରେ ୧୧ ଜଣ ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି।ପାଣି ଜମି ରହିଥିବା ଜାଗାରୁ ପାଣି ନିଷ୍କାସନ ପାଇଁ ମୋଟର ବ୍ୟବସ୍ଥା, ଆବଶ୍ୟକ ସ୍ଥାନରେ ସ୍ଥାନାନ୍ତରିତ ପାଇଁ ବୋଟ୍ ସେବା, ମତ୍ସ୍ୟଜୀବୀ ମାନଙ୍କ ସୁରକ୍ଷା ନିମନ୍ତେ ସମୁଦ୍ରକୁ ଯିବାରେ କଟକଣା, ସମୁଦ୍ର କୂଳରେ ସ୍ଥାନିୟ ନୋଳିଆ, ସାଗର ମିତ୍ର, ଆପଦ ମିତ୍ର, ଗୃହରକ୍ଷୀ ସବକ୍ଷ ପୁଲିସ ଫୋର୍ସ ନିୟୋଜନ, ଆଶ୍ରୟ ସ୍ଥଳୀରେ ଡାକ୍ତର, ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ବିଷୟରେ ଆଲୋଚନା ଓ ସମୀକ୍ଷା ହୋଇଥଲା। ଶୁଖିଲା ଖାଦ୍ୟ ଯୋଗାଇବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତ୍ୟେକ ବ୍ଲକ୍ ରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ, ଅଗ୍ନିଶମ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଆଦି ସତର୍କ ହୋଇ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ୨୭.୫ କ୍ୱିଣ୍ଟାଲ ଗୋଖାଦ୍ୟ ଓ ୩୯ କ୍ୱିଣ୍ଟାଲ ସବୁଜ ଘାସ ଦିଆଯାଇ ଥିବାର ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ୭୫୦୦ ହେକ୍ଟର ଧାନ ଜମିରୁ ଆନୁମାନିକ ୨୭୪୦ ହେକ୍ଟର ଓ ଧାନ ତଳିଘର ୬୫୦୦ ହେକ୍ଟର ଜମି ରୁ ଆନୁମାନିକ ୩୨୦୦ ହେକ୍ଟର ଜମି ପାଣିଘେରରେ ରହିଥିବାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି। କୁଜଙ୍ଗ ବ୍ଲକର ୭ ପଞ୍ଚାୟତ ର ୮୦ ହେକ୍ଟର ପରିବା ଚାଷ ଜମି, ନାଉଗାଁ ର ୩୦ ଏକର ଏକର ପରିବା ଚାଷ ଜମି ଜଳମଗ୍ନ ହୋଇପଡିଛି ବୋଲି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ ବଣ୍ଟନ ନିମନ୍ତେ ଓଡ୍ରାଫ୍ ଟିମ୍ ଓ ଏନ୍.ଡି.ଆର୍.ଏଫ୍ ଟିମ୍ ନିୟୋଜିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ବଳ ଏବଂ ଜଳମଗ୍ନ ଥିବା ବ୍ରିଜ ରେ ଭାରିଯାନ ଚଳାଚଳ ଓ ଯାତାୟାତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଆଶ୍ରୟସ୍ଥଳୀ ମାନଙ୍କରେ ଆବଶ୍ୟକୀୟ ଔଷଧ କିଟ୍ ମହଜୁଦ ରଖିବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ଛାଡ଼ିଲା ପରେ ପାନୀୟ ଜଳ ଉତ୍ସ ନଳକୂପ, ପାନୀୟ ଜଳପ୍ରକଳ୍ପ ଗୁଡ଼ିକୁ ବିଶୁଦ୍ଧୀକରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ରାତିରେ ମହାନଦୀ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି। ବିରିଡି , ତିର୍ତ୍ତୋଲ, ନାଉଗାଁ, କୁଜଙ୍ଗ ବ୍ଲକ୍ ର କିଛି ଅଂଶ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ପରେ ଜିଲ୍ଲାପାଳ ନାଉଗାଁ ଓ ବାଲିକୁଦା ବ୍ଲକର ସାମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ଉପସ୍ଥିତ ରହି ଜିଲ୍ଲା ପ୍ରଶାସନ, ଓ ପୁଲିସ ପ୍ରଶାସନର ମିଳିତ ସହଯୋଗ ରେ ସମ୍ଭାବ୍ୟ ପରିସ୍ଥିତି ର ମୁକାବିଲା କରିହେବ ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସଧାରଣ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ ଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଓ ଆଭାସୀ ମାଧ୍ୟମରେ କ୍ଷେତ୍ରୀୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ଚାଷୀଙ୍କୁ କ୍ଷତିପୂରଣ ନେଇ ଜିଲ୍ଲା କୃଷକ ସଂଗଠନର ଦାବିପତ୍ର



**ରଘୁନାଥପୁର,୩୦।୭ (ସମିସ):** ଜଗତସିଂହପୁର ଜିଲ୍ଲା କୃଷକ ସଙ୍ଗଠନ ପକ୍ଷରୁ ଗୁରୁବାର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ହଂସୁଆ ନଦୀର ସ୍ଥାୟୀ ପ୍ରତିକାର ଦାବି ନେଇ ରଘୁନାଥପୁର ବ୍ଲକ୍ ସମ୍ମୁଖରେ ପ୍ରତିବାଦ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୌସୁମୀ ଋତୁରେ ବାରମ୍ବାର ଲଘୁଚାପ ଜନିତ ଲଗାଣ ବର୍ଷାରେ ହଂସୁଆ ଓ ପାଇକା ନଦୀରେ ବନ୍ୟା ଆସି କୂଳଲଘଂନ କରି ଅର୍ଦ୍ଧାଧିକ ଚାଷଜମି ଜଳ ପ୍ଲାବିତ ହୋଇଛି। ଯାହାଫଳରେ ପନିପରିବା ଫସଲ ଉଜୁଡ଼ି ଯିବା ସହ ଧାନ ତଳି ଓ ୫୦ ପ୍ରତିଶତ ରୁଆ ଧାନ ପାଣିରେ ବୁଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ବୋଲି କୃଷକ ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ପ୍ରକାଶ କରିଛନ୍ତି। ଏହାଛଡ଼ା ହଂସୁଆ ନଦୀଶଯ୍ୟା ପୋତି ହୋଇଯିବା ଏବଂ ଜଟାଧାରୀସ୍ଥିତ ଏହାର ମୁହାଣ ମୁହଁ ପୋତି ହୋଇଯିବା ଯୋଗୁଁ ଉଦ୍‌ବୃତ୍ତ ପାଣି ନିଷ୍କାସନରେ ବାଧକ ସାଜିଛି। ବାରମ୍ବାର ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ମନ୍ତ୍ରୀ ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ ବୋଲି ସଙ୍ଗଠନ ସମ୍ପାଦକ ଙ୍କ ବାବାଜୀ ଚରଣ ଜେନା କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଏହି ସମସ୍ୟା ଅଞ୍ଚଳର ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଯାହାକି ଚାଷୀଙ୍କ ପାଇଁ ଅଭିଶାପ ପାଲଟିଛି ବୋଲି ପ୍ରତିବାଦ ସଭାରେ ବକ୍ତାମାନେ ପ୍ରକାଶ କରିଛନ୍ତି। ଏଣୁ ହଂସୁଆ ନଦୀର ସ୍ଥାୟୀ ପ୍ରତିକାର ଓ ଚଳିତ ଋତୁରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ ପାଇଁ କୃଷକ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅନୁରୋଧ କରାଯାଇଛି।

# ତୃତୀୟ ବାର୍ଷିକ ଗୁରୁପୂଜନ କାର୍ଯ୍ୟକ୍ରମ

**ବାଲିକୁଦା,୩୦।୭ (ସମିସ):** ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ବାଲିକୁଦାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ମାତୃଶକ୍ତି କଳା ଓ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ବରମୁଣ୍ଡଲୀ ପଞ୍ଚାୟତ ଅନ୍ତର୍ଗତ ତାଳଗାଁ ସ୍ଥିତ ପ୍ରସିଦ୍ଧ କେଳି ମଠ ପରିସରରେ ତୃତୀୟ ବାର୍ଷିକ ଗୁରୁପୂଜନ କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ କେଳି ମଠର ମଠାଧୀଶ ବାବା ଶ୍ରୀ ଶ୍ରୀ ଶୀଧେଶ୍ୱର ଦାସ ଏବଂ ସନ୍ଥ ଦିବ୍ୟକୃଷ୍ଣ ଦାସଙ୍କୁ ପାରମ୍ପରିକ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଗୁରୁପୂଜନ କରାଯାଇଥିଲା। ଗୁରୁଙ୍କ ଆଦର୍ଶ, ଆଧ୍ୟାତ୍ମିକ ଚେତନା ଓ ଭାରତୀୟ ସଂସ୍କୃତିରେ ଗୁରୁଙ୍କ ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ଭକ୍ତବୃନ୍ଦଙ୍କୁ ଆଲୋକପାତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସନ୍ତୋଷ କୁମାର ବିଶ୍ୱାଳ, ସମ୍ପାଦକ ରମେଶ ଚନ୍ଦ୍ର ପରିଡା, ସଂଯୋଜକ ଅକ୍ଷୟ କୁମାର ବେହେରା, ଉପଦେଷ୍ଟା ପ୍ରେମାନନ୍ଦ ପରିଡା, ବିଚିତ୍ରାନନ୍ଦ ସ୍ୱାଇଁ, ପ୍ରଶାନ୍ତ କୁମାର ମହାନ୍ତି, ପଣ୍ଡିତ ମାନସ ଆଚାର୍ଯ୍ୟ, ରବୀନ୍ଦ୍ର ସେଠି, ଛଇଳମଣି ଦଳାଇ, ପ୍ରେମାନନ୍ଦ ଦଳାଇ, ମାନସ ମହାରଣା, କୈଳାଶ ବେହେରା, ରମେଶ ଚନ୍ଦ୍ର ବହିରା, ସଞ୍ଜୟ ସ୍ୱାଇଁ, ସରୋଜ ନାୟକ, ଜ୍ଞାନେନ୍ଦ୍ର ବାରିକ, ଆଲୋକ ମହାନ୍ତି, ଛଇଳମଣୀ ବେହେରା, ଅଭୟ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ମୁଦୁଲି, କନକଲତା ପରିଡା, ଜଇରାମ ନାୟକ ଓ ଜୟରାମ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।ଏଥିସହ ବଘେଇପୁର ସଂକୀର୍ତ୍ତନ ମଣ୍ଡଳୀ ସମେତ ଅଞ୍ଚଳର ୭ଟି ପଞ୍ଚାୟତର ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଏବଂ ବହୁ ସଂଖ୍ୟକ ଭକ୍ତ, ସାମାଜିକ କର୍ମୀ ଓ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ଗୁରୁପୂଜନ କାର୍ଯ୍ୟକ୍ରମକୁ ଭକ୍ତିମୟ ଓ ସଫଳ କରିଥିଲେ। ଶେଷରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାରକଲା ବ୍ୟାସ ଫାଉଣ୍ଡେସନ

**ପାରାଦୀପ,୩୦।୭ (ସମିସ):** ପାଇପ ନଳା ଭିତରେ ଜୀବନ ବିତାଉଥିବା ଜଣେ ମାନସିକ ଭିନ୍ନକ୍ଷମଙ୍କୁ ଆଜି ଉଦ୍ଧାର କରିଛି ବ୍ୟାସ ଫାଉଣ୍ଡେସନ। ଏହି ଭିନ୍ନକ୍ଷମ ଜଣଙ୍କ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ଅଠରବାଙ୍କୀ ଲକପଡ଼ାର ରାସ୍ତା କଡ଼ରେ ପଡ଼ିଥିବା ଏକ ନଳା ମଧ୍ୟରେ ଜୀବନ ବିତାଉଥିଲେ। ତାଙ୍କୁ ଉଦ୍ଧାର କରାଯିବା ପରେ ଆଜି ଯନ୍ତ୍ରଣା ରୁ ମୁକ୍ତି ପାଇଛନ୍ତି। ପାରାଦୀପ ମୁନିସିପାଲିଟିର ସଫେଇ କର୍ମଚାରୀଙ୍କୁ ଦୀର୍ଘ ଦିନ ହେବ ତାର ରକ୍ଷଣା ବେକ୍ଷଣ ସହ ଖାଦ୍ୟପେୟ ଦେଇ ଜଣେ ଅସହାୟ ର ସେବା କରି ଆସୁଥିଲେ।ଚଳିତ ସପ୍ତାହରେ ଲଗାଣ ବର୍ଷାରେ ଭିନ୍ନକ୍ଷମ ଜଣଙ୍କ ବହୁ ଅସୁବିଧାରେ ସେହିଠାରେ ରହୁଥିଲେ ମଧ୍ୟ। ଏଭଳି ଅସହାୟ ର ଚିକିତ୍ସା ଓ ଥଇଥାନ ପାଇଁ ସେହି ସଫେଇ କର୍ମଚାରୀ ରୀଙ୍କୁ ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ଙ୍କୁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧ ରକ୍ଷା କରି ଶ୍ରୀମତୀ ଆଚାର୍ଯ୍ୟ ଆଜି ସେହି ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରିବା ସହିତ ଭଉଣୀ ରିଙ୍କୁ ଙ୍କ ଉଦାରତା ଓ ମହାନତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।ବ୍ୟାସ ଫାଉଣ୍ଡେସନ ପକ୍ଷରୁ ଆଜି ପାରାଦୀପ ଅଞ୍ଚଳ ରୁ ଆଉ ୪ ଜଣ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଙ୍କୁ ମଧ୍ୟ ଉଦ୍ଧାର କରାଯାଇ ନୀଳାଚଳ ସେବା ପ୍ରତିଷ୍ଠାନ କଣାସ ଠାରେ ଅବସ୍ଥାପିତ କରାଯାଇଛି। ବ୍ୟାସ ସଂଗଠନ ର ଏପରି ସମାଜ କଲ୍ୟାଣ କାର୍ଯ୍ୟକୁ ପାରାଦୀପ୍ ଅଞ୍ଚଳରେ ପ୍ରଶଂସା କରାଯାଇଛି।

## ଦେବୀନଦୀରେ ବନ୍ୟାଜଳ ବୃଦ୍ଧି

# ସ୍ଥିତି ପରଖିଲେ ଜିଲ୍ଲାପାଳ ଓ ବିଧାୟକ



**ନାଉଗାଁ,୩୦।୭ (ସମିସ):** ଗତ ଏକମାସ ଧରି ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀ ଗୁଡିକରେ ଏବେ ବନ୍ୟାଜଳ ପ୍ରବାହିତ ହେଉଛି। ସବୁ ନଦୀ ଗୁଡିକରେ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ ଦେବୀ ନଦୀରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇଛି। ଯାହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଜେ ସୋନାଲ, ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମାଙ୍କ ସହିତ ଜଳସେଚନ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ନାଉଗାଁ ବ୍ଲକରେ ପହଞ୍ଚି ସ୍ଥାନୀୟ ତହସିଲଦାର, ଅକ୍ଷୟ କୁମାର ବଡୁ, ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡ଼ା, ନାଉଗାଁ ଥାନା ଅଧିକାରୀ ଦେବାଶିଷ ପଣ୍ଡା ପ୍ରମୁଖ ଉକ୍ତ ବ୍ଲକ ଅନ୍ତର୍ଗତ ବଛାଳ ପଞ୍ଚାୟତର ନଦୀ ପଠାରେ ରହିଥିବା ପୋକାମୁଳ ଓ ବ୍ରାହ୍ମଣୀଗାଁ ରେ ବନ୍ୟା ସ୍ଥିତି ପରିଦର୍ଶନ କରିଥିଲେ। ଏହି ଗାଆଁରେ ଏବେ ବନ୍ୟାଜଳ ପଶିଯାଇଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଗ୍ରାମବାସୀ ମାନଙ୍କୁ ଉଚ୍ଚସ୍ଥାନ ତଥା ଗୃହ ପାଳିତ ପଶୁଙ୍କୁ ବନ୍ଧ ଉପରକୁ ସ୍ଥାନାନ୍ତରିତ କରିବାର ବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ବନ୍ୟା ସ୍ଥିତିକୁ ଲକ୍ଷରେ ରଖି ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ମଧ୍ୟ ଉକ୍ତ ବ୍ଲକରେ ପହଞ୍ଚି ଦୁର୍ବଳ ଥିବା ନଦୀବନ୍ଧ ଗୁଡ଼ିକର ପରିଦର୍ଶନ କରିବା ସହିତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଛନ୍ତି।

# କୋଲର୍-ମଣିଜଙ୍ଗା ରାସ୍ତା ଉପରେ ୫ ଫୁଟରୁ ଊର୍ଦ୍ଧ୍ୱ ବନ୍ୟା ଜଳ

**ତିର୍ତ୍ତୋଲ,୩୦।୭ (ସମିସ):** ତିର୍ତ୍ତୋଲ ବ୍ଲକ ମଣିଜଙ୍ଗାରୁ କୋଲର୍‌କୁ ସଂଯୋଗ କରୁଥିବା ରାସ୍ତା ଉପରେ ପାଞ୍ଚ ଫୁଟରୁ ଊର୍ଦ୍ଧ୍ୱ ମହାନଦୀର ବନ୍ୟାପାଣି ପ୍ରବାହିତ ହେଉଥିବା ବେଳେ ଆଜି କଟକ ଜିଲ୍ଲା ଅସୁରେଶ୍ୱରର ତିନିଜଣ ଲୋକ ଟ୍ରାକ୍ଟର ନେଇ ଏହି ରାସ୍ତା ଦେଇ ମଣିଜଙ୍ଗାକୁ ଆସୁଥିବାବେଳେ ବନ୍ୟା ଜଳର ପ୍ରଖର ସୁଅରେ ଟ୍ରାକ୍ଟରକୁ ଭସାଇ ନେଇଥିଲା। ଫଳରେ ଟ୍ରାକ୍ଟରରେ ଥିବା ତିନିଜଣ ଲୋକ ବନ୍ୟା ଜଳରେ ଭାସି ଯାଇଥିଲେ। ସ୍ଥାନୀୟ ଦୁଇଜଣ ଯୁବକ ଦେଖିବା ପରେ ଏକ ଦଉଡ଼ି ସାହାଯ୍ୟରେ

**ଭାସିଗଲା ଟ୍ରାକ୍ଟର; ୩ ଉଦ୍ଧାର, ଜଣେ ଗୁରୁତର**

ପାଣିରେ ବୁଡ଼ି ଯାଉଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଏହା ପରେ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଟ୍ରାକ୍ଟର ଚାଳକ ବୁଲୁ ମଲ୍ଲିକ ଓ ବାବୁଲି ବେହେରାଙ୍କ ଅବସ୍ଥା ଭଲ ଥିବା ବେଳେ ଧରଣୀ ବେହେରା, (୫୫) ଅବସ୍ଥା ଗୁରୁତର ଅଛିନ୍ତି। ଧରଣୀଙ୍କୁ କଟକ ସ୍ଥାନାନ୍ତରଣ କରାଯାଇଛି। ଟ୍ରାକ୍ଟର ଟି ବନ୍ୟା ପାଣିରେ ବୁଡି ଯାଇଛି। ବନ୍ୟା ଜଳ ପ୍ରବାହିତ ଯୋଗୁଁ ଏହି କୋଲର୍ - ମଣିଜଙ୍ଗା ରାସ୍ତାରେ ୪ ଦିନ ହେଲା ଯାତାୟାତ ବନ୍ଦ ରହିଛି।

# ସାମୁଦ୍ରିକ କଇଁଛ ସଂରକ୍ଷଣ ନେଇ ସଚେତନତା

**ପାରାଦୀପ,୩୦।୭ (ସମିସ):** ମତ୍ସ୍ୟଜୀବୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଇସିଏଆର୍-ସିଆଇଏଫ୍‌ଟି, ଏମ୍‌ପିଇଡିଏ-ନେଟଫିଶ ଦ୍ୱାରା ମିଳିତ ଭାବରେ ପାରାଦୀପ ମାଛଧରା ବନ୍ଦରରେ ଏକ କଇଁଛ ବାହକ ଉପକରଣ (ଟେଡ୍) ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ (ସାମୁଦ୍ରିକ) ଉପନିର୍ଦ୍ଦେଶକ, ମତ୍ସ୍ୟଜୀବୀ ବିଭାଗର ଅଧିକାରୀ, ଆଇସିଏଆର-ସିଆଇଏଫଟିର ବୈଜ୍ଞାନିକ ଏବଂ ବୈଷୟିକ ବିଶେଷଜ୍ଞ, ଏମପିଇଡିଏ-ନେଟଫିଶର ପ୍ରତିନିଧି, ଟ୍ରଲର ମାଲିକ, ମତ୍ସ୍ୟଜୀବୀ ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀ କ୍ଷେତ୍ରର ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସମୟରେ, ବିଶେଷଜ୍ଞମାନେ ବାଣିଜ୍ୟିକ ମାଛ ଏବଂ ଚିଙ୍ଗୁଡ଼ିର ପ୍ରଭାବଶାଳୀ ଧରାପଡ଼ିବା ସହିତ ସାମୁଦ୍ରିକ କଇଁଛଙ୍କ ଦୁର୍ଘଟଣାଜନିତ ଧରାପଡ଼ିବା ହ୍ରାସ କରିବାରେ କଇଁଛ ବାହକ ଉପକରଣର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ଟ୍ରଲ ମାଛଧରା କାର୍ଯ୍ୟରେ ଟେଡ଼ ଗ୍ରହଣ କରିବାର ପରିବେଶଗତ, ଆର୍ଥିକ ଏବଂ ଆଇନଗତ ଲାଭ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ସେମାନେ ସାମୁଦ୍ରିକ ଜୈବ ବିବିଧତା ସଂରକ୍ଷଣ ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଦୀର୍ଘକାଳୀନ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ଦାୟିତ୍ୱପୂର୍ଣ୍ଣ ମାଛଧରା ଅଭ୍ୟାସର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଟେଡ ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ମତ୍ସ୍ୟଜୀବୀ ଏବଂ ଟ୍ରଲର ମାଲିକମାନଙ୍କ ପ୍ରଶ୍ନର ସମାଧାନ ପାଇଁ ଏକ ପାରସ୍ପରିକ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ବିଶେଷଜ୍ଞଙ୍କ ସହ ସକ୍ରିୟ ଭାବରେ ଆଲୋଚନା କରିଥିଲେ ଏବଂ ସ୍ଥାୟୀ ମାଛ ଧରିବା ପଦକ୍ଷେପକୁ ସମର୍ଥନ କରିବାକୁ ସେମାନଙ୍କର ଇଚ୍ଛା ପ୍ରକାଶ କରିଥିଲେ। ମତ୍ସ୍ୟଜୀବୀମାନଙ୍କୁ ସ୍ୱେଚ୍ଛାକୃତ ଭାବରେ ଟେଡ୍ ଗ୍ରହଣ କରିବାକୁ ଏବଂ ଦାୟିତ୍ୱପୂର୍ଣ୍ଣ ଏବଂ ସ୍ଥାୟୀ ମାଛ ଧରିବା ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ମତ୍ସ୍ୟ ବିଭାଗ ସହିତ ସହଯୋଗ କରିବାକୁ ଉପସ୍ଥିତ ଅଧିକାରୀ ମାନେ ଉତ୍ସାହିତ କରିଥିଲେ। ମତ୍ସ୍ୟ ବିଭାଗ ଏବଂ ମତ୍ସ୍ୟଜୀବୀ ସମ୍ପ୍ରଦାୟର ସ୍ଥାୟୀ ମାଛ ଧରିବା, ବିଲୁପ୍ତପ୍ରାୟ ସାମୁଦ୍ରିକ କଇଁଛକୁ ସୁରକ୍ଷା ଦେବା ଏବଂ ଓଡ଼ିଶାରେ ଦାୟିତ୍ୱପୂର୍ଣ୍ଣ ସାମୁଦ୍ରିକ ମାଛ ଧରିବା ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା।



# ୯ ଟି ବେଆଇନ ଆଡ଼ି ବନ୍ଧ ଉଚ୍ଛେଦ



**ବାଲିକୁଦା,୩୦।୭ (ସମିସ):** ଚାଷୀଙ୍କ ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ ବାଲିକୁଦା ତହସିଲ ପ୍ରଶାସନ ରାହାଣ କିମ୍ବିରି ନଦୀରେ ନିର୍ମିତ ବେଆଇନ ଆଡି ବନ୍ଧ ବିରୋଧରେ ବଡ଼ ପଦକ୍ଷେପ ନେଇଛନ୍ତି। ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ କିମ୍ବିରି ନଦୀରୁ ୯ଟି ବେଆଇନ ଆଡ଼ିବନ୍ଧ ଉଚ୍ଛେଦ କରାଯାଇଛି। ଏହି ଅଭିଯାନ ବାଲିକୁଦା ବ୍ଲକର ଆମ୍ବଶାଳ ପଞ୍ଚାୟତ ତିହୁଡିରୁ ଆରମ୍ଭ ହୋଇ ଖାଲଗାଁ ଓ ରାହାଣ ପଞ୍ଚାୟତ ଦେଇ ଏରସମା ବ୍ଲକର ଘୋଷଘର ପର୍ଯ୍ୟନ୍ତ ପ୍ରବାହିତ କିମ୍ବିରି ନଦୀର ବିଭିନ୍ନ ସ୍ଥାନରେ ଚାଲିଥିଲା। ରାହାଣ, ବଳଭଦ୍ରପୁର, ପାଇକେରାପୁର ଓ ବସନ୍ତ ସମେତ ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଆଡି ବନ୍ଧଗୁଡ଼ିକୁ ପ୍ରଶାସନ ଉଚ୍ଛେଦ କରିଛି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ନଦୀରେ ବେଆଇନ ଆଡି ବନ୍ଧ ନିର୍ମାଣ ହେତୁ ବର୍ଷାଜଳର ସ୍ୱାଭାବିକ ନିଷ୍କାସନ ବାଧାପ୍ରାପ୍ତ ହେଉଥିଲା। ଫଳରେ ନଦୀର ଜଳ ଚାଷଜମିରେ ପ୍ରବେଶ କରି ହେକ୍ଟର ହେକ୍ଟର ଧାନ ଜମି ଜଳମଗ୍ନ ହେବା ସହ ଧାନ ତଳି ପଚି ନଷ୍ଟ ହେଉଥିଲା। ଏହାଦ୍ୱାରା ଅନେକ ଚାଷୀ ବର୍ଷକର ପରିଶ୍ରମ ଓ ଅମଳ ହରାଉଥିବା ଅଭିଯୋଗ କରିଥିଲେ।ଅନ୍ୟପଟେ, କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ନଦୀରେ ବେଆଇନ ଆଡି ବନ୍ଧ ନିର୍ମାଣ କରି ଜାଲ ବସାଇ ବ୍ୟବସାୟିକ ଭାବେ ମାଛ ଧରି ଲକ୍ଷାଧିକ ଟଙ୍କାର ଲାଭ କରୁଥିବାବେଳେ ଏହାର ପ୍ରଭାବ ସିଧାସଳଖ ଭାବେ ଚାଷୀଙ୍କ ଜୀବିକା ଉପରେ ପଡୁଥିଲା।ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ କହିଛନ୍ତି ଯେ, ସମସ୍ତ ୯ଟି ବେଆଇନ ଆଡି ବନ୍ଧ ଉଚ୍ଛେଦ ପରେ କିମ୍ବିରି ନଦୀରେ ଜଳ ପ୍ରବାହ ସ୍ୱାଭାବିକ ହୋଇଛି ଏବଂ ବର୍ଷାଜଳ ଦ୍ରୁତ ଗତିରେ ତଳମୁଣ୍ଡକୁ ପ୍ରବାହିତ ହେଉଛି। ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ଚାଷୀମାନେ ସ୍ୱାଗତ କରିବା ସହ ଭବିଷ୍ୟତରେ ଏଭଳି ବେଆଇନ କାର୍ଯ୍ୟ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଅଠରବାଙ୍କୀ ମଦ ଦୋକାନ ସିଲ୍; ବିକ୍ରି ହେଉଥିଲା ନକଲି ମଦ

ପାରାଦୀପ,୩୦।୭ (ସମିସ)

ପାରାଦୀପ ଏବେ ନକଲି ମଦ କାରବାରର ହବ୍ ପାଲଟିଛି। ପାନ ଦୋକାନ ଭଳି ନକଲି ମଦ ଦୋକାନ ଛତୁ ଫୁଟିବା ଭଳି ସହର ସାରା ବ୍ୟାପିଛି। ଯାହା ଏବେ ଅବକାରୀ ପୁଲିସ ପାଇଁ ଚିନ୍ତାର କାରଣ ହୋଇଛି। ତେବେ ପାରାଦୀପ ଅଠରବାଙ୍କୀରେ ରହିଥିବା

**କେନ୍ଦ୍ରାପଡ଼ା ଯାଏଁ ଲମ୍ବିଛି ନକଲି ମଦ କାରବାର ଚେର**



ଏକମାତ୍ର ସରକାରୀ ମଦ ଦୋକାନକୁ ପାରାଦୀପ ଅବକାରୀ ବିଭାଗ ଆଜି ସିଲ କରିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପାରାଦୀପ ରେଞ୍ଜର ଟିମ ଆଡିସ୍‌ନାଲ ତହସିଲଦାର ପାୟଲ ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ଆଜି ସକାଳେ ଉକ୍ତ ମଦ ଦୋକାନକୁ ଅସ୍ଥାୟୀ ଭାବେ ସିଲ କରିଛନ୍ତି। ଏହି ସରକାରୀ ବିଦେଶୀ ମଦ ଦୋକାନ ରେ ବିକ୍ରି ହେଉଥିଲା ନକଲି ମଦ। ବିଶେଷ ସୂତ୍ରରୁ ଖବର ପାଇ ଗତକାଲି ଅବକାରୀ ବିଭାଗ ଟିମ୍ ସେହି ଦୋକାନରେ ସେଲସ ମ୍ୟାନ ଭାବେ କାମ କରୁଥିବା ଦୁଇ ଜଣ ଯୁବକ କଟକ ମାହାଙ୍ଗା ଅଳିପୁର ର ଅନୀଲ ସାମଲ ଓ କେନ୍ଦ୍ରାପଡା କରଜଙ୍ଗା ର ଗଡବିନ ମହାନ୍ତି କୁ ମାଡି ବସିଥିଲା।ପୁଲିସ ୨ ଜଣଙ୍କୁ ଗିରଫ କରିବାପରେ ସବୁ ତଥ୍ୟ ଜଣାପଡିଥିଲା। ତେବେ ପାରାଦୀପରେ ନକଲି ମଦ କାରବାର ବିରୋଧରେ ଆକ୍ସନ ମୁଡ଼ରେ ଏବେ ଅବକାରୀ ବିଭାଗ। ଗତକାଲି ଅଠରବାଙ୍କି ନିକଟସ୍ଥ ଅମ୍ବିକାପଡ଼ାରେ ଏକ ଭଡ଼ା ଘରେ ଚଢ଼ଉ କରି ମଦ ରେ ନକଲି ମଦ ମିଶ୍ରଣ କରାଯାଇଥିବା ନେଇ ଠାବ କରିବା ସହ ୧୯ ଲିଟରରୁ ଅଧିକ ନକଲି ମଦ ଏବଂ କିଛି ଟ୍ୟାକ୍ସ ପେଡ ବିଦେଶୀ ମଦ, ଖାଲି ବୋତଲ, ଲେବେଲ, ଠିପି ଏବଂ ନକଲି ମଦ ପ୍ରସ୍ତୁତିର ବିଭିନ୍ନ ସରଞ୍ଜାମ ଜବତ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଥିଲା। ଦୋକାନରୁ ଜବତ ୬ଟି ମଦ ବୋତଲକୁ ପରୀକ୍ଷା ପାଇଁ କେମିକାଲ ଲାବ୍‌କୁ ପଠାଯାଇଛି। ରିପୋର୍ଟ ଆସିବା ପରେ ସବୁ ତଥ୍ୟ ସାମ୍ନାକୁ ଆସିବ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ପୂର୍ବରୁ ଅଠରବାଙ୍କି ମଦ ଦୋକାନରେ କାମ କରୁଥିବା ଜଣାପଡ଼ିବା ପରେ ଅବକାରୀ ବିଭାଗ ସେହି ଦୋକାନ ଉପରେ ନଜର ରଖିଥିଲା। ତଦନ୍ତ ବେଳେ ମିଳିଥିବା ତଥ୍ୟ ଆଧାରରେ ସେମାନେ କାମ କରୁଥିବା ଅଠରବାଙ୍କି ମାର୍କେଟରେ ଥିବା ମଦ ଦୋକାନରେ ଆଜି ଚଢ଼ଉ କରାଯାଇଥିଲା। ଏଥିରେ କିଛି ନକଲି ମଦ ମିଳିବା ପରେ ଅବକାରୀ ବିଭାଗ ପୂରା ଦୋକାନ ଖୋଳତାଡ଼ କରି ଦୋକାନକୁ ସିଲ୍ କରିଛି। ନକଲି ମଦ କେଉଁ କେଉଁ ସ୍ଥାନକୁ ଯୋଗାଣ ହେଉଥିଲା ଏବଂ ଏହି ରାକେଟ୍‌ରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ଅଧିକ ତଦନ୍ତ ଜାରି ରହିଛି। ତେବେ ଏହି ନକଲି ମଦ ପ୍ରସ୍ତୁତ କରାଯାଇ ପାରାଦୀପ ସମେତ କେନ୍ଦ୍ରାପଡ଼ା ଜିଲ୍ଲାକୁ ମଧ୍ୟ ଯୋଗାଣ କରାଯାଉଥିବା ଜଣାପଡିଛି। ପାରାଦୀପରେ ନକଲି ମଦ କାରବାର ଉପରେ ଅବକାରୀ ବିଭାଗର ଏହି କାର୍ଯ୍ୟାନୁଷ୍ଠାନ ପରେ ବେଆଇନ ମଦ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି। ଏହି ଚଢ଼ଉରେ ପାରାଦୀପ ଅବକାରୀ ନିରୀକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ସମେତ ପାରାଦୀପ ଅବକାରୀ ରେଞ୍ଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବାହ୍ୟଜଗତରୁ ଜୟପୁର ବିଚ୍ଛିନ୍ନ

**ଭୁବନ,୩୦।୭(ସମିସ):** ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ଆସି ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ଭୂଷଳ ପଞ୍ଚାୟତର ଜୟପୁର ଗ୍ରାମ ସମ୍ପୂର୍ଣ୍ଣ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ମାର୍ଥାପୁର-ଯମୁନାକୋଟ ପୂର୍ତ୍ତ ବିଭାଗ ରାସ୍ତାର ରାମିଆଳ ନଦୀ ପୋଲ ଉପରେ ପ୍ରାୟ ୫ ଫୁଟ ଉଚ୍ଚ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ବୁଧବାର ସକାଳୁ ଯାତାୟାତ ବନ୍ଦ ରହିଛି। ଏହି ସମୟରେ ମେଗା କମ୍ପାନୀର ଏକ ଜେସିବି ପାଇପ୍ ଲାଇନ କାମ ପାଇଁ ଯମୁନାକୋଟ ଯାଉଥିବା ବେଳେ ରାମିଆଳ ପୋଲ



ଉପରେ ପହଞ୍ଚିଥିଲା। ସ୍ଥାନୀୟ ଲୋକେ ବିପଦ ସମ୍ପର୍କରେ ସତର୍କ କରିଥିଲେ ମଧ୍ୟ ଚାଳକ ଅଣଦେଖା କରି ଆଗକୁ ବଢ଼ିଥିଲେ। କିଛି ଦୂର ଯିବା ପରେ ପ୍ରବଳ ସ୍ରୋତରେ ଜେସିବି ଭାସିଯାଇଥିଲା। ତେବେ ଚାଳକ ଅନିଲ କୁମାର ସାହୁ ଜେସିବିର ଶୁଣ୍ଢ ଉପରକୁ ଚଢ଼ି ସହାୟତା ପାଇଁ ଅପେକ୍ଷା କରିଥିଲେ। ଭୁବନ ଓ କାମାକ୍ଷାନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଉଦ୍ୟମ ପରେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟରେ ମୁଖ୍ୟ ଅଗ୍ନିକ ସୁଶାନ୍ତ କୁମାର ରାଉତ, ରାଜକିଶୋର ମହାନ୍ତି, ମୁନା ସାହୁ, ଅଖିଳ ମୋହନ ପରିଡ଼ା, ଅଲେଖ ରାଉତଙ୍କ ସମେତ ସ୍ଥାନୀୟ ଲୋକେ ସହଯୋଗ କରିଥିଲେ।

ଜୟପୁର ଗ୍ରାମ ଟାପୁ ଅଞ୍ଚଳରେ ଥିବାରୁ ବନ୍ୟା ସମୟରେ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେଲେ ମଧ୍ୟ ବଡ଼ ଧରଣର ସଙ୍କଟ ସୃଷ୍ଟି ହୋଇନାହିଁ। ତେବେ ଗୃହପାଳିତ ପଶୁମାନେ ଅଧିକ ଅସୁବିଧାରେ ପଡୁଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗୋହିରା ନଦୀ ପୋଲଠାରୁ ଜୟପୁର ଶିବମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୮୦୦ ମିଟର ରାସ୍ତାକୁ ଉଚ୍ଚ କରିବା ନିମନ୍ତେ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ଶିଳାନ୍ୟାସ ହୋଇସାରିଛି। ବର୍ଷାଋତୁ ପରେ କାମ ଆରମ୍ଭ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶିବଜ୍ୟୋତି ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଯମୁନାକୋଟ-ମାର୍ଥାପୁର ରାସ୍ତାରେ ସୁଉଚ୍ଚ ପୋଲ ନିର୍ମାଣ କାମ ଶେଷ ହୋଇଥିଲେ ମଧ୍ୟ ସଂଯୋଗକାରୀ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ପୋଲ କାର୍ଯ୍ୟକ୍ଷମ ହୋଇନାହିଁ। ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କ କହିବାନୁସାରେ, ଏହି କାମ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ। ଯମୁନାକୋଟ ପଞ୍ଚାୟତର କୃଷ୍ଣପୁର ଗ୍ରାମ ମଧ୍ୟ ଏକ ଟାପୁ ଉପରେ ଅବସ୍ଥିତ। ତେବେ ଏହି ଗାଁକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତାରେ ପ୍ରାୟ ୭ ଫୁଟ ଉଚ୍ଚ ପାଣି ଚାଲୁଥିବା ଜଣାଯାଇଛି। ଏହି ପଞ୍ଚାୟତର ସମିତି ସଭ୍ୟା ତଥା ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ କୁହନ୍ତି, ଅନ୍ୟ କୌଣସି ରାସ୍ତା ନାହିଁ। ତଥାପି ସୁରପ୍ରତାପପୁରରୁ ବିକଳ୍ପ ରାସ୍ତା ପାଇଁ ସରକାର ଯୋଜନା କଲେ ଗ୍ରାମବାସୀ ଉପକୃତ ହୋଇପାରନ୍ତେ। ଏହାଛଡ଼ା ପାଣ୍ଡରା ନାଳରେ ବନ୍ୟା ଜଳ ପ୍ରବେଶ କରିବାରୁ କୁମର୍ଦ୍ଦା, ରଞ୍ଜେଇଲ, ବାଉଁଶକଣ, ରେଣ୍ଢାପାଟଣା, ଅରିଲୋ, ଅଳସୁପଶି, ଦଧିସିଂହା, ରୋଡ଼ଙ୍ଗ, ଏକତାଳି, ମହୁଲପାଳ, ମୃଦଙ୍ଗା ଓ ପୁରୁଷୋତ୍ତମପୁର ମୌଜାର ବିସ୍ତୀର୍ଣ୍ଣ ଚାଷଜମି ଜଳାର୍ଣ୍ଣବ ହୋଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନଜରରେ ରଖି ଭୁବନ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଥିବା ବିଡିଓ ଆୟୁଷୀ ମହାପାତ୍ର କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଗୁରୁବାର ସକାଳ ସୁଦ୍ଧା ବ୍ରାହ୍ମଣୀ ନଦୀର ନୀଳକଣ୍ଠପୁର ଘାଟରେ ୪୦ ସେଣ୍ଟିମିଟ ଉଚ୍ଚତାର ବନ୍ୟାଜଳ ପ୍ରବେଶ କରିବ। ତେଣୁ ତଳିଆ ଅଞ୍ଚଳର ଲୋକେ ସତର୍କ ରହିବା ପାଇଁ ନୀଳକଣ୍ଠପୁରଠାରେ ଅବସ୍ଥାପିତ ବ୍ରାହ୍ମଣୀ ନଦୀ ବନ୍ୟା ମାପକ ବିଭାଗ କର୍ମଚାରୀ କହିଛନ୍ତି।

### ଲଗାଣ ବର୍ଷା ଯୋଗୁ ୩୮ କଚ୍ଚା ଘର କ୍ଷତିଗ୍ରସ୍ତ

# ୧୨୪ଜଣ ପ୍ରଭାବିତ, କାନ୍ଥପଡ଼ି ୨ ମୃତ

**ଢେଙ୍କାନାଳ,୩୦।୭(ସମିସ)**

ଢେଙ୍କାନାଳ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ୩୮ ଟି କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୨୪ ଲୋକ ପ୍ରଭାବିତ ହୋଇଛନ୍ତି। ବର୍ଷା ଯୋଗୁ କାନ୍ଥ ପଡ଼ି ୨ଜଣଙ୍କ ମୃତ୍ୟୁ ହୋଇଛି। ଚଳିତ ବର୍ଷ ଜୁଲାଇ ମାସରେ ରେକର୍ଡ ପରିମାଣର ପ୍ରାୟ ୬୧୩ମିମି ବର୍ଷା ହୋଇଛି। ବର୍ଷାଯୋଗୁଁ ଧାନ ତଳି ପଚିବା ସହ ଅଣଧାନ ଫସଲ ମଧ୍ୟ ନଷ୍ଟ ହୋଇଛି।





ଗତ ଜୁଲାଇ ୨୭ରୁ ୩୦ ପର୍ଯ୍ୟନ୍ତ ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ସମୀକ୍ଷା କରାଯାଇଛି। ରିପୋର୍ଟ ଅନୁଯାୟୀ ଜିଲ୍ଲାରେ କୌଣସି ପ୍ରବଳ ବର୍ଷା ରେକର୍ଡ ହୋଇ ନ ଥିଲେ ମଧ୍ୟ ଲଗାଣ ବର୍ଷା ଯୋଗୁଁ ଭୁବନ ବ୍ଲକର ମର୍ଥାପୁର, ଯମୁନାକୋଟ ଏବଂ ଭୁଷଳ ପଞ୍ଚାୟତର କେତେକ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଥିଲା। ମାତ୍ର ପରେ ପରିସ୍ଥିତିରେ ସୁଧାର ଆସିଛି। ଜିଲ୍ଲାରେ ମୋଟ ୩୮ଟି କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୨୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ହିନ୍ଦୋଳ ଓ କଙ୍କଡ଼ାହାଡ଼ ବ୍ଲକରେ କାନ୍ଥ ଭୁଶୁଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି କାମାକ୍ଷାନଗର ବ୍ଲକରେ ବଜ୍ରାଘାତ ଯୋଗୁଁ ୩ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ରିପୋର୍ଟ ପ୍ରାପ୍ତ ହେବା ପରେ ନିଶ୍ଚିତ କରାଯିବ। ବର୍ଷା ଯୋଗୁଁ ଜିଲ୍ଲାର ୧୩ ପଞ୍ଚାୟତର ୧୫ ଗ୍ରାମ ପ୍ରଭାବିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯିବା ସହ ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲାରେ ଚଳିତ ବର୍ଷ ଖରିଫ ଋତୁରେ ବର୍ଷାର ଅନିୟମିତତା ଯୋଗୁ ଚାଷ କାର୍ଯ୍ୟରେ ଶିଥିଳତା ପଡ଼ିଯାଇଥିଲା। କିନ୍ତୁ ଲଘୁଚାପ ଜନିତ ଅତ୍ୟଧିକ ବର୍ଷା ବି ଚାଷୀଙ୍କ ନିଦ ହଜାଇଦେଇଛି। ଚାଷ କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ କେଉଁଠି ଧାନ ତଳି ପଡୁଛି ତ କେଉଁଠି ରୁଆ ଚାଲିଛି। ଚାଷ କାର୍ଯ୍ୟର କୌଣସି ସଠିକତା ନ ଥିବା ବେଳେ ଜୁଲାଇ ମାସରେ ବର୍ତ୍ତମାନ ସୁଦ୍ଧା ୬୧୩ମିମି ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାରେ ୬ ହଜାର ୧୮୫ ହେକ୍ଟର ଉଚ୍ଚ ଜମିରେ ଚାଷ କରାଯାଉଥିବା ବେଳେ ୪୮ ହଜାର ୮୫୩ ହେକ୍ଟର ମଧ୍ୟମ ଓ ୪୦ ହଜାର ୩୩୬ ହେକ୍ଟର ନିମ୍ନ ଜମିରେ ଧାନ ଚାଷ କରାଯାଇଥାଏ। କୃଷି ଲୋକମାନଙ୍କ ଜୀବିକା ହୋଇଥିବା ବେଳେ ବର୍ଷା ଅଭାବ ଯୋଗୁଁ ଅନେକ ସମୟରେ ଚାଷକାର୍ଯ୍ୟ ପ୍ରଭାବିତ ହୋଇଥାଏ। ଜିଲ୍ଲାରେ ୫୭ ହଜାର ୯୬୨ କ୍ଷୁଦ୍ର ଚାଷୀ, ୮୦ ହଜାର ୪୮୭ ମଧ୍ୟମ ଚାଷୀ ଏବଂ ୨୨ ହଜାର ୫୪୧ ବଡ଼ ଚାଷୀ ଅଛନ୍ତି। ସେହିପରି ୧ ଲକ୍ଷ ୬୩ ହଜାର ୬୩୬ କୃଷି ଶ୍ରମିକ କୃଷି କାର୍ଯ୍ୟ ଉପରେ ନିର୍ଭର କରନ୍ତି। ଏହା ସହ ଭାଗଚାଷୀ ମଧ୍ୟ ରହଛନ୍ତି। ଜିଲ୍ଲାରେ ମୋଟ ୯୨ହଜାର ୭ଶହ ହେକ୍ଟର ଜମିରେ ଖରିଫ ଚାଷ କରାଯାଇଥିବା ବେଳେ ୮୭ ହଜାର ୫୬୦ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ, ୧ ହଜାର ୪୦ ହେକ୍ଟର ଜମିରେ ହାଇବ୍ରିଡ ଧାନ ଏବଂ ୪ ହଜାର ୧ଶହ ହେକ୍ଟର ଜମିରେ ସାଧାରଣ ଧାନ ଚାଷ କରାଯିବା ଟାର୍ଗେଟ ଥିବା ବେଳେ ଅଧିକ ଅମଳକ୍ଷମ ଧାନ ମାତ୍ର ୧୩ ହଜାର ୫୪୫ ହେକ୍ଟରରେ କରାଯାଇଛି। ୮୯୨ ହେକ୍ଟର ଜମିରେ ସାଧାରଣ ଧାନ ଚାଷ କରାଯାଇଛି। ମୋଟ ଚାଷଜମି ମଧ୍ୟରୁ ସଦର ବ୍ଲକରେ ୩୦ ହଜାର ୨୭୦ ହେକ୍ଟର, ଓଡ଼ାପଡ଼ା ବ୍ଲକରେ ୨୧ ହଜାର ୫୨୨ ହେକ୍ଟର, ଗଁଦିଆ ବ୍ଲକରେ ୨୨ ହଜାର ୯୨୨ ହେକ୍ଟର, ହିନ୍ଦୋଳ ବ୍ଲକରେ ୩୧ ହଜାର ୫୪୪ ହେକ୍ଟର, କାମାକ୍ଷାନଗର ବ୍ଲକରେ ୧୯ ହଜାର ୧୩ ହେକ୍ଟର, ଭୁବନ ବ୍ଲକରେ ୧୯ ହଜାର ୪୯୮ ହେକ୍ଟର, ପରଜଙ୍ଗ ବ୍ଲକରେ ୨୦ ହଜାର ୩୯୫ ହେକ୍ଟର ଏବଂ କଙ୍କଡ଼ାହାଡ଼ ବ୍ଲକରେ ୧୮ ହଜାର ୬୭୮ ହେକ୍ଟର ଚାଷ ଜମି ରହିଛି। କିନ୍ତୁ ଚଳିତ ବର୍ଷ ବର୍ଷା ନ ହେବାରୁ ଧାନ ଚାଷ ଉପରେ ସମ୍ପୂର୍ଣ୍ଣ ଭାବେ ପ୍ରଭାବ ପଡ଼ିଥିଲା। ଯେତେବେଳେ ବର୍ଷାର ଆବଶ୍ୟକତା ଥିଲା ସେତେବେଳେ ବର୍ଷା ନ ହେବା ଏବଂ ଏକକାଳୀନ ପ୍ରବଳ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଚଳିତ ବର୍ଷ ଜୁନ ମାସରେ ଜିଲ୍ଲାରେ ହାରାହାରି ୨୨୮ମିମି ବର୍ଷା ରେକର୍ଡ କରାଯାଇଥିଲା। ଚାଷୀମାନେ କେଉଁଠି ଧାନ ତଳି ପକାଇଥିଲେ ତ କେଉଁଠି ବର୍ଷାକୁ ଚାହିଁ ରହିଥିଲେ। କିନ୍ତୁ ଜୁଲାଇରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହୋଇଥିବାରୁ ଚାଷୀମାନଙ୍କର ବିପୁଳ କ୍ଷତି ଘଟିଛି। ଧାନତଳି ପଚିଯିବା ସହ ଅଣଧାନ ଚାଷ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଫଳରେ ଚାଷୀମାନେ ବର୍ତ୍ତମାନ ଅଛରା ତଳି ପକାଉଥିବା ବେଳେ ଅନେକ ସ୍ଥାନରେ ଧାନ ରୁଆ ଏବଂ ବେଉଷଣ ଚାଲିଛି। ଅନିୟମିତ ବର୍ଷା ଯୋଗୁଁ ଚଳିତ ବର୍ଷ ଧାନ ଫସଲ ହେବ କି ନାହିଁ ସେ ନେଇ ଚାଷୀ ଆଶା ଆଶଙ୍କାରେ ଚାଷ କାର୍ଯ୍ୟ କରୁଛନ୍ତି।

**ଜୁଲାଇରେ ରେକର୍ଡ ୬୧୩ ମିମି ବର୍ଷା**

**ପଚିଗଲା ଧାନ ତଳି, ଉଜୁଡ଼ିଗଲା ଫସଲ**

# ଅନ୍ତର୍ଜାତୀୟ ଶିଶୁ ଚାଲାଣ ନିରୋଧ ଦିବସ




**ଢେଙ୍କାନାଳ,୩୦।୭(ସମିସ):** ବିଶ୍ୱ ଯୁବକେନ୍ଦ୍ର, ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ ପ୍ରକଳ୍ପ ତରଫରୁ ବାଦାଲୋଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଏସଏଚଜି ସଭ୍ୟା, ୱାର୍ଡ ମେମ୍ବର, କିଶୋର, କିଶୋରୀ ଉପସ୍ଥିତ ଥିଲେ। ମନସ୍ମିତା ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ୧୪ ବର୍ଷରୁ କମ ଶିଶୁଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ, ଏବଂ ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦ ସଂକୁଳ କାର୍ଯ୍ୟରେ ନିୟୋଜିତ କରିବା ଏକ ଧର୍ତବ୍ୟ ଅପରାଧ ଏପରି କାର୍ଯ୍ୟ କରାଉଥିବା ବ୍ୟକ୍ତି ଙ୍କୁ ୫୦ ହଜାର ଟଙ୍କା ଜୋରିମାନା ଦେବାକୁ ପଡିବ ଏବଂ ୨ ବର୍ଷ ଯାଏଁ ଜେଲ ଦଣ୍ଡ କରାଯିବାର ବ୍ୟବସ୍ଥା ରହିଛି। ଏହି ପରି ଭୁଲ ଦ୍ୱିତୀୟ ଥର ହେଲେ ୩ବର୍ଷ ଯାଏଁ କାରାଦଣ୍ଡ ମଧ୍ୟ ହୋଇପାରେ ଏବଂ ଶିଶୁ ମାନଙ୍କୁ କିପରି ବାହାରକୁ ଚାଲାଣ କରାଯାଉଛି ସେହି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶିଶୁ ଚାଲାଣକୁ ବନ୍ଦ କରିବା ପାଇଁ ଏକ ରାଲି ମଧ୍ୟ କରାଯାଇଥିଲା।

# ବିଜେଡିର ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ

**ଖଜୁରିଆକଟା,୩୦।୭(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ବିଜେଡିର ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ସ୍ଥାନୀୟ ରାମେଶ୍ୱର ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ସାଂସଦ ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଏନଏସି ବିଜେଡି ସଭାପତି ପ୍ରଦ୍ୟୁମ୍ନ ବେହେରା ଅଧ୍ୟକ୍ଷତା କରିଥିବାବେଳେ ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, କାଉନସିଲର ସୁମତି ଦେହୁରୀ, ଏନଏସି ମହିଳା ସଭାପତି କାଉନସିଲର ଅନୁପମା ସାହୁ, କାଉନସିଲର ବିଷ୍ଣୁପ୍ରିୟା ନାଏକ, ସୁମତି ଦେହୁରୀ, ବନିତା ଦାସ, ରୀତାରାଣୀ ବେହେରାଙ୍କ ସମେତ ପୂର୍ବତନ କାଉନସିଲର ବିଜୟ ଦାସ, ତପନ ପରିଡ଼ା, ରମେଶ ସାହୁ, ପଳଉ ଦେହୁରୀ, ପୂର୍ବତନ ସମିତିସଭ୍ୟ ବୁଦ୍ଧିଆ ନାଏକ, ବିଜେଡି ନେତା ବିଜୟ



ବେହେରା, କୈଳାସ ବେହେରା, ପିଙ୍କୁନ ସାହୁ, ସୁଧାକର ବେହେରା, ଈଶ୍ୱର ସାହୁ, ଗୋବିନ୍ଦ ନାଏକ, ବେଣୁଧର ନାଏକ, ରଞ୍ଜନ ସାହୁ, ହିମାଂଶୁ ମିଶ୍ର, ମଳୟ ଦାସ, ଗୋବିନ୍ଦ ମିଶ୍ର, ଶେଖ ଶିରାଜ, ସିଦ୍ଧେଶ୍ୱର ପ୍ରଧାନ, ପ୍ରଶାନ୍ତ ନାୟକ ପ୍ରମୁଖ ବହୁ ବରିଷ୍ଠ ବିଜେଡି ସଦସ୍ୟ ଯୋଗ ଦେଇଥିଲେ। ଆଗକୁ ୱାର୍ଡ, ଏନଏସିସ୍ତରୀୟ ବୈଠକ ସହ କର୍ମକର୍ତ୍ତା ଚୟନ କରାଯିବାକୁ ନିଷ୍ପତ୍ତି ହୋଇଛି। ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ନେଇ ଜୋରଦାର ସଂଗ୍ରାମ ଜାରି ରଖିବାକୁ ପୂର୍ବ ସାଂସଦ ଗୁରୁତ୍ୱାରୋପ କରିଥିଲେ। ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସଂକଳ୍ପ କରିଥିଲେ। ମହିଳା ସଭାପତି ଅନୁପମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତ ଶିକ୍ଷକଙ୍କ ବଦଳିକୁ ବିରୋଧ

**ଢେଙ୍କାନାଳ,୩୦।୭(ସମିସ):** ସ୍ଥାନୀୟ କୁଞ୍ଜକାନ୍ତ ନିକଟ ଡ. ଦାଶରଥି ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହାକୁ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ତୀବ୍ର ବିରୋଧ କରିଛନ୍ତି। ବଦଳି ଆଦେଶ ପ୍ରତ୍ୟାହାର କରିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଂସ୍କୃତ ଶିକ୍ଷକଙ୍କୁ ଡେପୁଟେସନ୍‌ରେ ସପ୍ତାହରେ ତିନିଦିନ କାମଧେନୁକୋଟ ଉଚ୍ଚ ବିଦ୍ୟାଳୟକୁ ଯିବା ପାଇଁ ଡିଇଓ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ଡ. ଦାଶରଥି ଉଚ୍ଚ ବିଦ୍ୟାଳୟରେ ମୁଖ୍ୟତଃ ଆଦିବାସୀ ଓ ଦଳିତ ପିଲାମାନେ ପାଠ ପଢ଼ନ୍ତି। ଏଠାରେ କଳା ଶିକ୍ଷକ ନ ଥିବାରୁ ସଂସ୍କୃତ ଶିକ୍ଷକ ସେହି ବିଷୟଗୁଡ଼ିକୁ ପଢ଼ାଇଥାନ୍ତି। ତାଙ୍କୁ ଅନ୍ୟତ୍ର ବଦଳି କରାଗଲେ ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହେବେ। ଏଣୁ ଡେପୁଟେସନ୍ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଭ୍ୟବୃନ୍ଦ ଓ ଅଞ୍ଚଳବାସୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଦାବି ପୂରଣ ନ ହେଲେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ସଭାପତି ରବୀନ୍ଦ୍ର



ମଲ୍ଲିକ, ସଭ୍ୟ ପ୍ରଶାନ୍ତ ମିଶ୍ର, ଅକ୍ଷୟ ପଣ୍ଡା, ବିଭୂତି ଷେଣ୍ଢ, ସବିତା ବେହେରା, ଜାହେଦା ବିବି, ସୁନିତା ସାହୁ, ବସନ୍ତ ନାଏକ, ପ୍ରକାଶ ବେହେରା, ଇନ୍ଦ୍ରମଣି ନାୟକ, ବନିତା ସାହୁ, ଗୋବିନ୍ଦ ବେହେରାଙ୍କ ସମେତ ବହୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

### ● ଲାଞ୍ଚ ନେବା ଅଭିଯୋଗ

## ଫାଣ୍ଡି ଅଧିକାରୀ, କର୍ମଚାରୀ ନିଲମ୍ବିତ

**ପରଜଙ୍ଗ,୩୦।୭(ସମିସ):** ଲାଞ୍ଚ ନେବା ଅଭିଯୋଗରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧିକାରୀଙ୍କ ସମେତ ଜଣେ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ଫାଣ୍ଡି ଅଧିକାରୀ ଅଜୟ କୁମାର ସାମଲ ଏବଂ କନଷ୍ଟେବଳ ଜୟରାମ ଦେହୁରୀ ସ୍ଥାନୀୟ କିଛି ବାଲି ବ୍ୟବସାୟୀଙ୍କ ଠାରୁ ମାସିକିଆ ହଜାର ହଜାର ଟଙ୍କା ଫୋନ୍ ପେ ଜରିଆରେ ନେଇ ଚୋରା ବାଲି ଚାଲାଣରେ ସହାୟକ ହେଉଥିଲେ। କିଛିଦିନ ତଳେ ଜଣେ ବାଲି ବ୍ୟବସାୟୀଙ୍କ ପାଖରୁ ଫୋନ ପେ ମାଧ୍ୟମରେ ନେଇଥିଲେ ମଧ୍ୟ ତାଙ୍କ ବାଲି ଗାଡ଼ିକୁ ଜବତ କରି ମାମଲା ରୁଜୁ କରିଥିଲେ। ପରେ ମାଲିକ ଅଦାଲତକୁ ଯାଇ ଉକ୍ତ ଗାଡ଼ିକୁ ମୁକୁଳାଇଥିଲେ। ବୁଧବାର ବାଲି ସମ୍ପୃକ୍ତ ବ୍ୟବସାୟୀ ଜଣକ ଏ ନେଇ ଏସ୍‌ପିଙ୍କ ନିକଟରେ ଫାଣ୍ଡି ଅଧିକାରୀ ଏବଂ କନେଷ୍ଟବଳଙ୍କ କଳାକାରନାମା ବିଷୟରେ ଲିଖିତ ଅଭିଯୋଗ କରିବା ସହ ଟଙ୍କା ନେଣଦେଣର ସମସ୍ତ ଦସ୍ତାବିଜ ଦାଖଲ କରିଥିଲେ। ଅଭିଯୋଗର ତଦନ୍ତ କରି ଏସ୍‌ପି ସୋନକର ଫାଣ୍ଡି ଅଧିକାରୀ ସାମଲ ଓ କନଷ୍ଟେବଳ ଦେହୁରୀଙ୍କୁ ଚାକିରିରୁ ନିଲମ୍ବନ କରିଥିବା ସୂଚନା ମିଳିଛି।



# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଢେଙ୍କାନାଳ,୩୦।୭(ସମିସ)**

ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ୮୦ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପବିତ୍ର ଜାତୀୟ ଦିବସକୁ ସରସସୁନ୍ଦର ଭାବେ ପାଳନ କରିବାକୁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀନିବାସ ରାଉତ ସ୍ୱାଧୀନତା ଦିବସ ଉପଲକ୍ଷେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅଗଷ୍ଟ ୧୫ ତାରିଖ ସକାଳ ୯ଟା ୧୫ରେ ମୁଖ୍ୟଅତିଥି ସ୍ଥାନୀୟ ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ କରିବେ। ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ପରେଡ୍ ଦଳ, ପୁଲିସ ବାହିନୀ, ଓଏସଏପି ପ୍ରଥମ ବାଟାଲିଆନ ଏବଂ ବ୍ୟାଣ୍ଡ ଦଳ ପରେଡ୍‌ରେ ଅଂଶଗ୍ରହଣ କରିବେ। ସକାଳ ସ୍ୱାରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୂନ ପରିବେଷଣ କରାଯିବ। ସକାଳ ୬ଟାରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରି କରାଯିବ। ସାଢ଼େ ୭ଟାରେ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ଓ ସାଧାରଣରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ସାଢ଼େ ୮ଟାରୁ ସହରସ୍ଥିତ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାର ଶ୍ରେଷ୍ଠ ୨ ଦଳ ଷ୍ଟାଡିୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ। ଚାମ୍ବର ଅଫ କମର୍ସ ପକ୍ଷରୁ ଜିଲ୍ଲା ଚିକିତ୍ସାଳୟର ରୋଗୀଙ୍କୁ ଫଳ ବଣ୍ଟନ, ପ୍ରୟାସ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ରୋଟାରୀ କ୍ଲବ ପକ୍ଷରୁ ଚକ୍ଷୁ ଶିବିର, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଜେଲରେ କଏଦୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯିବ। ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟ, ଆଦୃତା ଅନୁଷ୍ଠାନ, ଜ୍ୟୋତିନଗର ଜରାଶ୍ରମ ଏବଂ ବିଶ୍ୱ କୁନ୍ତଳ ଶିଶୁଗୃହ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମିଷ୍ଟାନ୍ନ ବଣ୍ଟନ କରାଯିବ। ବନଖଣ୍ଡ ପକ୍ଷରୁ ସହରରେ ଚାରାରୋପଣ କରାଯିବାକୁ ସ୍ଥିର ହୋଇଛି।

ଅପରାହ୍ନ ସାଢ଼େ ୨ଟାରେ ଢେଙ୍କାନାଳ ଷ୍ଟାଡିୟମରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହେବ। ସେହିପରି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଏବଂ ସରକାରୀ ମହିଳା ମହାବିଦ୍ୟାଳୟରେ ମହାବିଦ୍ୟାଳୟସ୍ତରୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଜିଲ୍ଲାର ବିଦ୍ୟାର୍ଥୀ ଏବଂ ସର୍ବଶ୍ରେଷ୍ଠ ବିଦ୍ୟାଳୟକୁ ଟ୍ରଫି ପ୍ରଦାନ କରାଯିବ। ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ସ୍ଥିତ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ସଦର ଉପଜିଲ୍ଲାପାଳ ପଦ୍ମଚରଣ ସାହୁଙ୍କ ସମେତ ବହୁ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




## ତାଲା ଭାଙ୍ଗି ବିଦ୍ୟାଳୟରୁ ୫୨ ହଜାର ଟଙ୍କା ଲୁଟ୍

**ଢେଙ୍କାନାଳ,୩୦।୭(ସମିସ):** ସଦର ବ୍ଲକ ଚାଉଳିଆ ଖମାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତାଲା ଭାଙ୍ଗି କେତେକ ଅଜଣା ଦୁର୍ବୃତ୍ତ ନଗଦ ୫୨ ହଜାର ଟଙ୍କା ସହିତ ଫ୍ୟାନ ଚୋରୀ କରିନେଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଶ୍ରୀନିବାସ ମିଶ୍ରଙ୍କ ଅଭିଯୋଗ ଅନୁସାରେ ଆଜି ସକାଳ ସମୟରେ ବିଦ୍ୟାଳୟର ମୁଖ୍ୟ ଗେଟ ଏବଂ ଅଫିସ ତାଲା ଭଙ୍ଗାଯାଇଥିବା ସୂଚନା ବିଦ୍ୟାଳୟର ସେବିକା ସସ୍ମିତା ଦାସ ଦେଇଥିଲେ। ଏହା ଜାଣିବାପରେ ସେ ବିଦ୍ୟାଳୟକୁ ଆସି ଅଫିସ ତାଲା ଭଙ୍ଗାଯିବା ସହିତ ପରୀକ୍ଷା ପାଇଁ ରହିଥିବା ଗଦରେଜ ଆଲମିରା, କାର୍ଯ୍ୟାଳୟର ଆଲମିରା, ପ୍ରଧାନଆଚାର୍ଯ୍ୟଙ୍କ ଆଲମିରା ଭଙ୍ଗାଯାଇଛି। କାର୍ଯ୍ୟାଳୟ ଆଲମିରାରୁ ୫୦ ହଜାର ଟଙ୍କା ଏବଂ ପରୀକ୍ଷା ଆଲମିରାରୁ ୨ ହଜାର ଟଙ୍କା ଚୋରୀ ଯାଇଥିବା ଜଣାପଡିଥିଲା। ଏହା ସହିତ ଗୋଟିଏ ଫ୍ୟାନ ମଧ୍ୟ ଦୁର୍ବୃତ୍ତମାନେ ନେଇଯାଇଥିବା ଜଣାପଡିଛି। ଏହାକୁ ନେଇ ସେ ତରଭା ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରିଥିବା ଜଣାପଡିଛି। ତେବେ ଏତେ ପରିମାଣର ଟଙ୍କା ବ୍ୟାଙ୍କରେ ଜମା ନ ହୋଇ ବିଦ୍ୟାଳୟରେ କିପରି ଗଚ୍ଛିତ ରହିଥିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ଗଁଦିଆ,୩୦।୭(ସମିସ):** ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ୭୧ ତମ ପ୍ରତିଷ୍ଠା ଉତ୍ସବ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ପଦ୍ମଶ୍ରୀ ଅଦୈତ



ଚରଣ ଗଡ଼ନାୟକ ଯୋଗଦେଇ ନିଜ ବିଦ୍ୟାଳୟ ଯୋରନ୍ଦା ଉଚ୍ଚ ବିଦ୍ୟାଳୟରୁ ଲଣ୍ଡନରେ ପାଠ ପଢିବା ସହିତ କଳା ଭାସ୍କର୍ଯ୍ୟରେ ପଦ୍ମଶ୍ରୀ ପୁରସ୍କାର ପାଇବା ପର୍ଯ୍ୟନ୍ତ କଠିନ ଓ ପ୍ରେରଣାଦାୟୀ ଗତିପଥ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସୂଚନା ଦେଇଥିଲେ।। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ସିବିଆଇ ଜଜ ଭୀକାରୀଚରଣ ରାଉତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ଜଣେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ମନୋଜ ମଞ୍ଜରୀ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ରବିନାରାୟଣ ମହାନ୍ତି,ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଆରତୀ ନାୟକ, ଯୋରନ୍ଦା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର , ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ପ୍ରୁଷ୍ଟି , ରବିନାରାୟଣ ରାଉଳ,ଅମ୍ବୁଜ ବଲ୍ଲଭ ଶତପଥୀ, କୌପୀନଧାରୀ ମହିମା ସମାଜ ସମ୍ପାଦକ ସୁଶାନ୍ତ ବାବା, ଯୋରନ୍ଦା ସରପଞ୍ଚ ଆରତୀ ନାୟକ , ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜିତ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ର ଆନନ୍ଦ ଚନ୍ଦ୍ର ମହାନ୍ତି ଅତିଥି ମାନଙ୍କ ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଭାନୁମତି ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଗଡ଼ନାୟକ , ସ୍ୱତନ୍ତ୍ର ଅତିଥି ଶ୍ରୀ ରାଉତ ଓ ମୁଖ୍ୟ ବକ୍ତା ଶ୍ରୀ ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ପଞ୍ଚାନନ ସ୍ୱାଇଁ, ମଙ୍ଗୁଳି ଚରଣ ବିଶ୍ୱାଳ,ସୁଧାଂଶୁ ଶେଖର ରାଉତ, ବିଦ୍ୟାଧର ବେହେରା,ବସନ୍ତ ପାତ୍ର, ପ୍ରସନ୍ନ ରାଉତ , ରଞ୍ଜନ ନାୟକ, ପ୍ରଫୁଲ୍ଲ କୁମାର ରାଉତ, ଆଲୋକ ରଂଜନ ରାଉତ ,ହିମାଂଶୁ ଭୂଷଣ ନାୟକ, ବିଜୟ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ଫୁଲୁଛି ସାଳନ୍ଦୀ, ବଢୁଛି ବୈତରଣୀ

# ତିହିଡ଼ି ବ୍ଲକ୍‌ର ୩୦ ପଞ୍ଚାୟତର ୧୦୨ ଗାଁ ପ୍ରଭାବିତ



ତିହିଡି,୩୦।୭ (ସମିସ): ବନ୍ୟାର ପ୍ରକୋପ ବଢ଼ିବାରେ ଲାଗିଛି। ସାଳନ୍ଦୀ ନଦୀ ଫୁଲୁଥିବାବେଳେ ବୈତରଣୀ ନଦୀ ମଧ୍ୟ ବଢୁଛି। ସାଳନ୍ଦୀ ନଦୀରେ ବନ୍ୟା ପାଣି ବିପଦ ସଂକେତ ଟପିଛି। ତିହିଡି ବ୍ଲକ୍‌ର ୮ ପଞ୍ଚାୟତ ବନ୍ୟା ପାଣିରେ ଉବୁଟୁବୁ ହେଉଥିବାବେଳେ ଅନ୍ୟ ୨୨ ପଞ୍ଚାୟତ ପ୍ରଭାବିତ ହୋଇଛି। ସାଳନ୍ଦୀ ନଦୀରେ ବନ୍ୟା ଆସିବା ଯୋଗୁଁ ବ୍ଲକ୍‌ର ୪ ପଞ୍ଚାୟତ ଜଳମଗ୍ନ ହେବା ସହିତ ୩ ପଞ୍ଚାୟତ ଆଂଶିକ ପ୍ରଭାବିତ ହୋଇଥିଲା। ତେବେ ବୁଧବାର ରାତିରେ ବୈତରଣୀ ନଦୀରେ ପ୍ରଳୟଙ୍କରୀ ବନ୍ୟା ସହିତ ରେବ ଓ ନାଳିଆ ନଦୀରେ ବନ୍ୟା ଜଳ ପ୍ରବେଶ କରିବାରୁ ବ୍ଲକ୍‌ର ଅଧିକ ୪ ପଞ୍ଚାୟତରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ୧୯ ପଞ୍ଚାୟତ ପ୍ରଭାବିତ ହୋଇଛି। ବନ୍ୟା ଯୋଗୁଁ ବ୍ଲକ୍‌ର ୧୦୨ ଗାଁର ଲକ୍ଷାଧିକ ଲୋକ ପାଣିଘେରରେ ରହିଥିବା ଜଣାଯାଇଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତା ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ଯେଉଁଥିପାଇଁ ସେହିସବୁ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବରିଷ୍ଠ ପ୍ରଶାସନିକ ଅଧିକାରୀ ସୋମେଶ ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦନେଇ ଚରଣ ଟୁଡୁ, ତହସିଲ୍‌ଦାର ସୁଭାଶିଷ ସାହୁ, ବିଡିଓ ନିରଞ୍ଜନ ବାରିକ ପ୍ରମୁଖ ଗୁରୁବାର ବନ୍ୟା ପ୍ରଭାବିତ ବାରସର ଓ ଗୋବିନ୍ଦପୁର ପଞ୍ଚାୟତକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଳନ୍ଦୀ ନଦୀରେ ବନ୍ୟା ଆସିବା ଯୋଗୁଁ ବାରୋ, ବିଲଣା, ବୋଡ଼କ ଓ ତଳଗୋପବିନ୍ଧା ପଞ୍ଚାୟତ ସମ୍ପୂର୍ଣ୍ଣ ରୂପେ ବନ୍ୟାପାଣି ଘେରରେ ରହିଛି। ମୁକୁନ୍ଦପୁର, କୋହ୍ଲ, ସିନ୍ଧୋଳ ପଞ୍ଚାୟତର କିଛି ଗାଁ ପାଣି ଘେରରେ ଥିଲା। ତେବେ ବନ୍ୟା

**ପାଣିଘେରରେ ଲକ୍ଷାଧିକ ଲୋକ**
**୧୦ ହଜାର ବିପନ୍ନଙ୍କୁ ରନ୍ଧା ଖାଦ୍ୟ**
**୮ ପଞ୍ଚାୟତରେ ରିଲିଫ୍ ବଣ୍ଟନ**

ପାଣି କୁଣ୍ଡି ନଦୀରେ ପ୍ରବେଶ କରିବାରୁ ଗୁରୁବାର ଦୋଳସାହି ପଞ୍ଚାୟତର ଗାଜିପୁର, ରାଢ଼ଙ୍ଗ ଆଦି ଗ୍ରାମ ଜଳମଗ୍ନ ହୋଇଥିବା ଜଣାଯାଇଛି। ତେବେ ବୈତରଣୀ ନଦୀରେ ବନ୍ୟା ପାଣି ମାଡ଼ିବା ଫଳରେ କାଁପଡ଼ା, ଶ୍ୟାମସୁନ୍ଦରପୁର, ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ପରିସ୍ଥିତି ଜଟିଳ ହୋଇଛି। କାଁପଡ଼ା, ଶ୍ୟାମସୁନ୍ଦରପୁର ଓ ଗୋବିନ୍ଦପୁର ପଞ୍ଚାୟତର ୮ଟି ଲେଖାଏଁ ଗ୍ରାମ, ବାରସର ପଞ୍ଚାୟତର ୧୨ଟି ଗ୍ରାମ ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ଜଣାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ମଙ୍ଗରାଜପୁର-ଶ୍ୟାମସୁନ୍ଦରପୁର ଭାୟା ଈଶ୍ୱରପୁର, ସିନ୍ଧୋଳ-ନୂଆସାହି, କୋହ୍ଲ-ତିଆଡ଼ିସାହି ଭାୟା ଦପା, ଅର୍ଜ୍ଜୁନବିନ୍ଧା-ମଧୁପୁର ଭାୟା ତିଆଡ଼ିସାହି, କାଁପଡ଼ା-ଚକରାସାହି ରାସ୍ତା ବନ୍ୟା ପାଣିରେ ବୁଡ଼ିଯାଇଛି। ଏହିସବୁ ପଞ୍ଚାୟତରେ ଉଦ୍ଧାର କାର୍ଯ୍ୟ ପାଇଁ ୧୧ଟି ଡଙ୍ଗା ନିୟୋଜିତ ହୋଇଛି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବିଭିନ୍ନ ସ୍କୁଲ ଏବଂ ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ୧୦ହଜାର ବିପନ୍ନଙ୍କୁ ଗୋଟିଏ ଓଳି ପାଇଁ ରନ୍ଧା ଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଛି। ଏହାଛଡ଼ା ବନ୍ୟାରେ ସବୁଠୁ ଅଧିକ ପ୍ରଭାବିତ ବାରୋ, ବିଲଣା, ବୋଡ଼କ, ତଳଗୋପବିନ୍ଧା, ବାରସର, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର ଓ କାଁପଡ଼ା ପଞ୍ଚାୟତରେ ଗୁରୁବାର ଶୁଖିଲା ଖାଦ୍ୟ ଚୁଡ଼ା ଓ ଗୁଡ଼ ବଣ୍ଟନ କରାଯାଇଛି। ତେବେ ବନ୍ୟାରେ ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେବା ଆଶଙ୍କା ଉପୁଜିଛି। ଧାନ ଚାଷ ହୋଇଥିବା ଜମିରେ ୫ ଫୁଟ୍ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ବ୍ଲକ୍‌ର ୧୦ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ସମ୍ପୂର୍ଣ୍ଣ ରୂପେ ଉଜୁଡ଼ିଯିବାର ସମ୍ଭାବନା ଥିବାରୁ ଚାଷୀମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବା ନିଶ୍ଚିତ ହୋଇଛି। ଏ ପରିପ୍ରେକ୍ଷୀରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ସରକାରୀ ସହାୟତା ପ୍ରଦାନ କରିବାକୁ ଚାଷୀଙ୍କ ମହଲରେ ଦାବି ହୋଇଛି।

# ବନ୍ୟା ପରିଚାଳନାରେ ସରକାର ବିଫଳ: ପ୍ରମିଳା



**ବନ୍ୟାଞ୍ଚଳ ବୁଲି ବିପନ୍ନଙ୍କ ସମସ୍ୟା ବୁଝିଲେ ବିଧାୟିକା ପ୍ରମିଳା ମଲ୍ଲିକ**
**ରିଲିଫ ନେଇ ଅସନ୍ତୋଷ, ପାଲ ଯୋଗାଇ ଦେବାକୁ ଦାବି**

ମଙ୍ଗଳପୁର/କୟାଁଗୋଲା, ୩୦।୭ (ସମିସ): ଲଗାଣ ବର୍ଷା ହେବା ଯୋଗୁଁ ବୈତରଣୀରେ ବନ୍ୟା ସୃଷ୍ଟି ହୋଇ କ୍ରମଶଃ ଏହି ବନ୍ୟା ଏତେ ଭୟଙ୍କର ହୋଇଥିଲା ଯେ ଦଶରଥପୁର ବ୍ଲକ୍‌ର ଅନେକ ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରି ବହୁ କ୍ଷୟକ୍ଷତି କରିଥିଲା। ବନ୍ୟା ହେବା ଫଳରେ ବ୍ଲକର ସବୁଠାରୁ ବେଶି କ୍ଷତି ହେଉଥିବା କୟାଁ ପଞ୍ଚାୟତରେ ବନ୍ୟା ଜଳ ପ୍ରବେଶ କରି ଧରମପୁର, ଇଛାପୁର, ଲକ୍ଷ୍ମୀପୁର, କୟାଁ, ମାଧପୁର, ଗରବନ୍ଧ, ଦରବା, ଦୁବକଣ, ମଲ୍ଲିପୁର ଆଦି ଗ୍ରାମଗୁଡ଼ିକ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା ବେଳେ କମାରଡିହି ପଞ୍ଚାୟତର କେଳାଙ୍ଗ, ଇଟାପଡ଼ା, ସହିମାଢ଼, ଯୋଗୀମଠ, କମାରଡ଼ିହି ସମେତ ସାରା ପଞ୍ଚାୟତ ଜଳମଗ୍ନ ହେବା ସହ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଖାନନଗର ପଞ୍ଚାୟତର କୁନ୍ଦପୁର, ରାମପୁର, ନୂଆପାଟଣା, ବିମ୍ବାଧରପୁର, ଲାଲବାଗ, ଖାନନଗର ଆଦି ଗ୍ରାମଗୁଡ଼ିକ ଜଳମଗ୍ନ ହେବା ସହ ନିଜାମପୁର ପଞ୍ଚାୟତର ଦୁବକଣ ଆମ୍ବଖିଆ, କଣ୍ଟାପାରୀ, କୁଳସାହି, ରଡ଼ଙ୍ଗା ଭଳି କେତେକ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବିଲରେ ବନ୍ୟାଜଳ ଥିବାରୁ ଗୋରୁଗାଈ ଖାଦ୍ୟ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥଳେ ଆଜି ଅପରାହ୍ଣରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଦଶରଥପୁର ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ ପଞ୍ଚାୟତ କୟାଁ ପଞ୍ଚାୟତ ଗସ୍ତ କରିବା ସହ ବନ୍ୟା ବିପନ୍ନଙ୍କ ସହ ସେମାନଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିପନ୍ନଙ୍କ ଅଭିଯୋଗ ଅନୁଯାୟୀ ୩ ଦିନ ହେବ ବନ୍ୟାରେ ଲୋକ ମାନେ ଜଳବନ୍ଦୀ ହୋଇ ରହିଥିବା ବେଳେ ବନ୍ୟା ଜଳରେ ଅନେକ ମାଟି ଘର ଭାଙ୍ଗି ଯାଇଛି। କୋଠା ଘର ଭିତରେ ମଧ୍ୟ ବନ୍ୟା ଜଳ ପ୍ରବେଶ କରିବା ଫଳରେ ଲୋକମାନେ ଘରର ଛାତ ଉପରେ ଆଶ୍ରୟ ନେଇଛନ୍ତି। ତହସିଲ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ବିପନ୍ନଙ୍କୁ ପାଲ ଖଣ୍ଡିଏ ମିଳି ପାରିନଥିବା ବେଳେ ବର୍ଷା ହେଲେ ବିପନ୍ନଙ୍କ ଅବସ୍ଥା ଶୋଚନୀୟ ହୋଇପଡୁଥିବା ଅଭିଯୋଗ ହୋଇଛି। ସେହିପରି ପ୍ରଶାସନ ପକ୍ଷରୁ ଗୋଖାଦ୍ୟ ଯୋଗେଇ ଦିଆଯାଇ ଥିବା ବେଳେ ଗୋରୁ ପିଛା ମାତ୍ର ୨୫୦ ଗ୍ରାମ ଗୋଖାଦ୍ୟ ଓ ଲୋକମାନଙ୍କ ପାଇଁ ଚୁଡ଼ା ଯୋଗେଇ ଦିଆଯାଇ ଥିବା ବେଳେ ଜଣ ପିଛା ପ୍ରାୟ ୨୭୦ ଗ୍ରାମ ଚୁଡ଼ା ସମୁଦ୍ରକୁ ଶଙ୍ଖେ ବୋଲି ବିପନ୍ନମାନେ ଅଭିଯୋଗ କରିଥିଲେ। ବନ୍ୟା ବିପନ୍ନଙ୍କୁ ୩୦୦୦ ପାଲ ଯେଗାଇଦେବାକୁ ବିଧାୟିକା ପ୍ରଶାସନ ଓ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ପିଇବା ପାଣିର କୌଣସି ବ୍ୟବସ୍ଥା କରାଯାଇ ନଥିନା ବେଳେ ବନ୍ୟା ସମୟରେ ବିଷାକ୍ତ ସାପଙ୍କ ଭୟରେ ଲୋକମାନେ ଭୟଭୀତ ହୋଇଛନ୍ତି। ୨୪ ଘଣ୍ଟିଆ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବା ପାଇଁ ବିପନ୍ନମାନେ ଦାବି କରିଥିଲେ। ବିପନ୍ନମାନଙ୍କ ସମସ୍ୟା ଶୁଣିବା ପରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଦଶରଥପୁର ତହସିଲଦାର ଓ ଦଶରଥପୁର ବିଡିଓଙ୍କ ସହ ଆଲୋଚନା କରିଛନ୍ତି। ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ କୟାଁ ପଞ୍ଚାୟତକୁ ୩ ହଜାର ପାଲ ଯୋଗେଇ ଦେବା ସହ ଆବଶ୍ୟକ ମୁତାବକ ଗୋଖାଦ୍ୟ ଓ ଲୋକମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଶୁଖିଲା ଖାଦ୍ୟ, ସ୍ୱଚ୍ଛ ପାନୀୟଜଳ ଓ ୨୪ ଘଣ୍ଟିଆ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କୌଣସି ତ୍ରୁଟି ହେଲେ ବନ୍ୟା ସମୟରେ ଯଦି କୌଣସି କ୍ଷତି ହୁଏ ତେବେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ବିଧାୟିକା ଚେତାବନୀ ଦେଇଥିଲେ। ଏହାପରେ କମାରଡ଼ିହି, ଖାନନଗର, ନିଜାମପୁର ଆଦି ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ବନ୍ୟା ସ୍ଥିତି ବୁଲି ଦେଖିବା ସହ ବିପନ୍ନମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ବିପନ୍ନମାନଙ୍କ ସମସ୍ୟା ବୁଝିବାରେ ବିଜେପି ସରକାର ବିଫଳ ବୋଲି କହିବା ସହ କେବଳ ଫଟୋ ଉଠା ରାଜନୀତିରେ ବ୍ୟସ୍ତ ବିଜେପି ନେତା ଓ କର୍ମୀ ବୋଲି ଅଭିଯୋଗ କରିଥିଲେ ବିଧାୟିକା। ବିଧାୟିକାଙ୍କ ଏହି ଗସ୍ତ ସମୟରେ କମାରଡିହି ପାକ୍ସ ସଭାପତି ଭାଗୀରଥି ସାହୁ, କୟାଁ ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ୬ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ୭ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, କୟାଁ ସମିତିସଭ୍ୟ ରୋଶନ ଦାସ। ସେହିପରି ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ଯୁବନେତା ବିରଜା ମଲ୍ଲିକ, ପଞ୍ଚାନନ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାନସଭା ଗୃହ କମିଟି ବୈଠକ

# ଶଙ୍ଖାମେଦୀ ପ୍ରସଙ୍ଗ ଉଠାଇଲେ ବିଧାୟକ



ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୩୦।୭ (ସମିସ): ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରିଚୟର ସୁରକ୍ଷା ପ୍ରସଙ୍ଗକୁ ନେଇ ବିଧାନସଭାର ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟି ବୈଠକରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉଠାଇଛନ୍ତି। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେ ଭୋଗରାଇ ସୀମାନ୍ତବର୍ତ୍ତୀ ଶଙ୍ଖାମେଦୀ ଗ୍ରାମର ପ୍ରସଙ୍ଗ, ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଶିକ୍ଷାର ସମସ୍ୟା ଏବଂ ଓଡ଼ିଆ ଭାଷା ଓ ସଂସ୍କୃତିର ସଂରକ୍ଷଣ ପାଇଁ ସ୍ଥାୟୀ ପଦକ୍ଷେପ ଗ୍ରହଣ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବୈଠକରେ ବିଧାୟକ କହିଥିଲେ ଯେ, ଭୋଗରାଇ ସୀମାନ୍ତରେ ଅବସ୍ଥିତ ଶଙ୍ଖାମେଦୀ ଗ୍ରାମର ସମସ୍ତ ଅଧିବାସୀ ଓଡ଼ିଆ ଭାଷାଭାଷୀ ହୋଇଥିବା ସତ୍ତ୍ୱେ କେଉଁ ପରିସ୍ଥିତିରେ ସେମାନଙ୍କ ନାମ ଏସ୍‌ଆଇଆର୍ ପ୍ରକ୍ରିୟାରେ ପଶ୍ଚିମବଙ୍ଗର ଭୋଟର ତାଲିକାରେ ସ୍ଥାନ ପାଇଲା ଏବଂ କେଉଁ ଆଧାରରେ ଏହି ଗ୍ରାମ ପଶ୍ଚିମବଙ୍ଗ ସହ ସମ୍ପୃକ୍ତ ହେଲା, ତାହାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତକାରୀ ଦଳ ଗଠନ କରିବା ଆବଶ୍ୟକ। ସୀମାନ୍ତ ଅଞ୍ଚଳର ଲୋକଙ୍କ ଭାଷାଗତ ଓ ପ୍ରଶାସନିକ ସ୍ୱାର୍ଥ ସୁରକ୍ଷା ପାଇଁ ଏହି ବିଷୟର ସ୍ପଷ୍ଟୀକରଣ ଜରୁରୀ ବୋଲି ସେ ମତ ପ୍ରକାଶ କରିଥିଲେ। ଏହା ସହିତ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀଙ୍କ ପାଇଁ ଚାଲୁଥିବା ଓଡ଼ିଆ ବିଦ୍ୟାଳୟଗୁଡ଼ିକର ସ୍ଥିତିକୁ ନେଇ ମଧ୍ୟ ସେ ଗଭୀର ଉଦବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଓଡ଼ିଆ ଭାଷା ଶିକ୍ଷା ପାଇଁ ନିଯୁକ୍ତ ଶିକ୍ଷକ ଓ ସୁପରଭାଇଜରମାନେ ଗତ ଦୁଇ ବର୍ଷ ଧରି ଦରମା ପାଇନଥିବାରୁ ସେମାନେ ଆର୍ଥିକ ସଙ୍କଟରେ ଜୀବନ ବିତାଉଛନ୍ତି। ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି ସରକାର ତୁରନ୍ତ ବକେୟା ଦରମା ପ୍ରଦାନ କରିବାକୁ ସେ ଦାବି କରିଥିଲେ। ବୈଠକରେ ସେ ଆହୁରି ପ୍ରଶ୍ନ ଉଠାଇଥିଲେ ଯେ, ସୀମାନ୍ତ ରାଜ୍ୟଗୁଡ଼ିକରେ ଚାଲୁଥିବା ଓଡ଼ିଆ ବିଦ୍ୟାଳୟମାନଙ୍କୁ ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଆ ପାଠ୍ୟପୁସ୍ତକ ଯୋଗାଣ କରାଯାଇଛି କି ନାହିଁ। ଏହି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ବୈଠକରେ ଉପସ୍ଥିତ ଗଣଶିକ୍ଷା ବିଭାଗର ସଚିବଙ୍କ ପକ୍ଷରୁ ମିଳିନଥିବା ବୋଲି ସେ ଉଲ୍ଲେଖ କରିଥିଲେ। ଭାଷା ଓ ସଂସ୍କୃତିର ସଂରକ୍ଷଣକୁ ଦୃଷ୍ଟିରେ ରଖି ବିଧାୟକ ଏକ ଦୂରଦର୍ଶୀ ପ୍ରସ୍ତାବ ମଧ୍ୟ ରଖିଥିଲେ।

# କମୁଛି ନଦୀର ଜଳସ୍ତର; ବଢୁଛି ଦୁର୍ଦ୍ଦଶା

**୫୪ଟି ପଞ୍ଚାୟତର ୭୪ଟି ଗ୍ରାମ ଓ ଉଦଳା ଏନଏସିର ୬ଟି ୱାର୍ଡ ପ୍ରଭାବିତ ■ ୩୦୪ଟି ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ**



ବାରିପଦା, ୩୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରବର୍ତ୍ତୀ ସ୍ଥିତି ଶୋଚନୀୟ ହୋଇପଡିଛି। ବିଭିନ୍ନ ନଦୀର ଜଳସ୍ତର କମିଥିବାବେଳେ ବିପନ୍ନ ପରିବାରଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି। ବୁଧବାର ଓ ଗୁରୁବାର ବର୍ଷାର ପରିମାଣ କମିବାରୁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀର ବନ୍ୟାଜଳ କମିବା ପରେ ନଦୀ ସଂଲଗ୍ନ ଅଞ୍ଚଳର ଧାନଚାଷ ପ୍ରଭାବିତ ହୋଇଥିବାବେଳେ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି।

ଜିଲ୍ଲାର ସାରସକଣାକୁ ଛାଡ଼ିଦେଲେ ବାକି ୨୫ଟି ବ୍ଲକ ବିଶେଷ ପ୍ରଭାବିତ ହୋଇଛି। ବ୍ଲକର ୫୪ଟି ପଞ୍ଚାୟତର ୭୪ଟି ଗ୍ରାମ ଓ ଉଦଳା ଏନଏସିର ୬ଟି ୱାର୍ଡ ଲୋକେ ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ଲୋକଙ୍କୁ ୩୭ଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇ ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ୩୦୪ଟି ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ୩ଟି ବେ-ଛପର ଘର, ୧୫ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଛି। ଆକଳନ ଜାରି ରହିଥିବାରୁ ସଂଖ୍ୟା ବୃଦ୍ଧି ପାଇପାରେ।

ସେହିପରି ବନ୍ୟା ଟଳି ନ ଥିବାରୁ ରାସଗୋବିନ୍ଦପୁର ଓ ବେତନଟୀ ବ୍ଲକ୍‌ରେ ଗୋଟିଏ ଲେଖାଏଁ ଓ ବଡ଼ସାହି ବ୍ଲକରେ ୨ଟି ଓଡ୍ରାଫ ଟିମକୁ ମୃତୟନ କରାଯାଇଛି। ସମସ୍ତ ବ୍ଲକ୍‌ରେ ଦମକଳ ବାହିନୀ ସଜାଗ ରହିଥିବାବେଳେ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାଏକ ଓ ଈଶ୍ୱର ଚନ୍ଦ୍ର ନାଏକ, ସଦର ଉପଜିଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ବିଭିନ୍ନ ସ୍ଥାନ ପରିଦର୍ଶନ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଜିଲ୍ଲାର ଥିବା ଦେଓ, କାଳ ଓ ସୁନେଇ ଡ୍ୟାମର ଜଳ ବିପଦ ସଙ୍କେତଠାରୁ କମରେ ରହିଛି। ମାଣଡ୍ରୀ-ବୈଶିଙ୍ଗା ରାସ୍ତାର ନାଖରା ପୋଲର ୫ ଫୁଟ ତଳେ ବୁଢ଼ାବଳଙ୍ଗ ନଦୀ ଜଳ ପ୍ରବାହିତ ହେଉଥିବାରୁ ବନ୍ୟା ଆଶଙ୍କା ଟଳିଯାଇଛି। ଜଳ ହ୍ରାସ ପାଇବା ପରେ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ଚାଷ ଜମିର କ୍ଷୟକ୍ଷତି ଆକଳନ କରାଯାଇ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲ୍ଲା ଜରୁରିକାଳୀନ ବିଭାଗ ପକ୍ଷରୁ ଜଣାପଡ଼ିଛି।

# ରେଙ୍ଗାଳି ଜଳଭଣ୍ଡାରରୁ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ



**ଖୋଲିଲା ୮ ନମ୍ବର ଗେଟ୍**
**ସତର୍କ ରହିବାକୁ ପରାମର୍ଶ**


କଣିହାଁ, ୩୦।୭ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ରେଙ୍ଗାଳି ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଇବା ପରେ ଗୁରୁବାର ଅପରାହ୍ନ ୧ଟାରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ପୂଜାର୍ଚ୍ଚନା ପରେ ବ୍ରାହ୍ମଣୀ ନଦୀ ବନ୍ଧ ଯୋଜନାର ମୁଖ୍ୟ ଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ ୮ ନମ୍ବର ସ୍ପିଲ୍‌ୱେ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ଏହି ଗୋଟିଏ ସ୍ପିଲ୍‌ୱେ ଗେଟ୍ ଓ ପାୱାର ଚ୍ୟାନେଲ ମାଧ୍ୟମରେ ପ୍ରତି ସେକେଣ୍ଡ ୧,୬୫୦ ଘନମିଟର ଜଳ ନିଷ୍କାସନ କରାଯାଉଛି। ଅନ୍ୟପକ୍ଷରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡ ୨,୭୩୫ ଘନମିଟର ଜଳ ପ୍ରବେଶ କରୁଛି। ଫଳରେ ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଉଛି। ରେଙ୍ଗାଳି ଜଳଭଣ୍ଡାରର ସର୍ବାଧିକ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୧୨୨.୨୮ ମିଟରରେ ପହଞ୍ଚିଛି। ଜଳପ୍ରବାହ ଆହୁରି ବୃଦ୍ଧି ପାଇବା ସମ୍ଭାବନା ଥିବାରୁ ପରିସ୍ଥିତିକୁ କ୍ରମାଗତ ଭାବେ ନଜରରେ ରଖାଯାଉଛି। ବନ୍ୟାଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ବ୍ରାହ୍ମଣୀ ନଦୀର ତଳମୁଣ୍ଡରେ ଥିବା ଲୋକଙ୍କୁ ସତର୍କ କରାଯିବା ସହ ନଦୀ ନିକଟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ତେବେ ବର୍ତ୍ତମାନ ଯେତିକି ପରିମାଣରେ ଜଳ ନିଷ୍କାସନ କରାଯାଉଛି, ସେଥିପାଇଁ ତଳମୁଣ୍ଡରେ କୌଣସି ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ନାହିଁ ବୋଲି ବ୍ରାହ୍ମଣୀ ନଦୀବନ୍ଧ ଯୋଜନାର ମୁଖ୍ୟ ଯନ୍ତ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

## ଅଗ୍ନିଶମ ବିଭାଗର ଉଦ୍ଧାର କାର୍ଯ୍ୟ

ବାରିକପୁର,୩୦।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବୈତରଣୀ ନଦୀ କୂଳରେ ଅବସ୍ଥିତ ବନ୍ଧାଲୋ-ମଢ଼ିଆଳି ଓ ଝୁଟୁଣା ପଞ୍ଚାୟତ ଅଞ୍ଚଳକୁ ୨ ଦିନ ବନ୍ୟା ପାଣି ଘେରି ରହିଥିଲା। ଏହି ଅଞ୍ଚଳର ୪ଜଣ ବ୍ୟକ୍ତି ବନ୍ୟା ପାଣିରେ ଫସି ରହିଥିଲେ। ସ୍ଥାନୀୟ ଲୋକ ଚେଷ୍ଟା କରି ମଧ୍ୟ ସେମାନଙ୍କୁ ଉଦ୍ଧାର କରିପାରି ନ ଥିଲେ। ଏନେଇ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ କର୍ମଚାରୀମାନେ ଉକ୍ତ ସ୍ଥାନରେ ପହଞ୍ଚି ଫସିଥିବା ଲୋକଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଉକ୍ତ ଅଞ୍ଚଳରେ କିଛି ବୃକ୍ଷ ଉପୁଡ଼ି ପଡ଼ିଥିବାବେଳେ ସେଗୁଡ଼ିକୁ ମଧ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ହଟାଯାଇଛି।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅନନ୍ତ କିଶୋର ଜେନା
ଇମାମନଗର, ଧର୍ମଶାଳା, ଯାଜପୁର
ଆବିର୍ଭାବ - ୧୯/୦୯/୧୯୫୬
ତିରୋଧାନ - ୨୧/୦୭/୨୦୨୬
ତୁମ ଅବର୍ତ୍ତମାନରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଅବିସ୍ମରଣୀୟ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବଡଭାଇ-ରମାକାନ୍ତ ଜେନା, ସାନଭାଇ - ପବିତ୍ର, ପତ୍ନୀ - ନିର୍ମଳା, ପୁତ୍ର - ପୁତ୍ରବଧୂ- ଅଜିତରଞ୍ଜନ, ଲୋପାମୁଦ୍ରା, ଝିଅ - ଜ୍ୱାଇଁ - ଅନିତା - ଦିଲିପ, ପୁତୁରା, ନାତି - ନାତୁଣୀ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ

## ଭୋଗରାଇର ପ୍ରବଳ ବର୍ଷାଜନିତ ଜଳବନ୍ଦି ଓ ଫସଲହାନି ପ୍ରସଙ୍ଗ

# ରାଜସ୍ୱମନ୍ତ୍ରୀଙ୍କୁ ଅବଗତ କଲେ ବିଧାୟକ ଗୌତମବୁଦ୍ଧ ଦାସ


ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୩୦।୭ (ସମିସ): ଗଭୀର ଅବପାତ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଭୋଗରାଇ ବ୍ଲକରେ ସୃଷ୍ଟି ହୋଇଥିବା ଜଳବନ୍ଦୀ ସ୍ଥିତି, ବ୍ୟାପକ ଫସଲହାନି ଓ ଭିତ୍ତିଭୂମି କ୍ଷୟକ୍ଷତିକୁ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଗୁରୁବାର ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ଏସ୍‌ଆର୍‌ସି ରାଜେଶ ପ୍ରଭାକର ପାଟିଲଙ୍କ କାର୍ଯ୍ୟାଳୟକୁ ଯାଇ ଭୋଗରାଇର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇଥିବା ଜଣାପଡ଼ିଛି। ଏଥି ସହ ସମସ୍ୟା ର ସମାଧାନ ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରବଳ ବର୍ଷା ପ୍ରଭାବରେ ଭୋଗରାଇ ବ୍ଲକର ବିସ୍ତୀର୍ଣ୍ଣ ଅଞ୍ଚଳ ଦୀର୍ଘ ସମୟ ଧରି ଜଳମଗ୍ନ ରହିଛି। ହଜାର ହଜାର ଏକର ଧାନ ଚାଷ ପାଣିରେ ବୁଡ଼ି ରହିଥିବାରୁ ଚାଷୀମାନଙ୍କ ମଧ୍ୟରେ ଗଭୀର ନିରାଶା ଦେଖାଦେଇଛି। ଏହି ସହ ବହୁ ଗ୍ରାମର ରାସ୍ତାଘାଟ, ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥା ଓ ଅନ୍ୟାନ୍ୟ ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନଥିଲେ ମଧ୍ୟ, କେବଳ ବର୍ଷାଜଳ ଜମି ରହିବା ଯୋଗୁଁ ଭୋଗରାଇ ବ୍ଲକର ୩୫ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପ୍ରାୟ ୨୦୦ଟି ଗ୍ରାମରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଯୋଗୁଁ କୃଷି ଅର୍ଥନୀତି, ଗ୍ରାମୀଣ ଜୀବନଯାତ୍ରା ଏବଂ ସାଧାରଣ ଜନଜୀବନ ଗଭୀର ଭାବେ ପ୍ରଭାବିତ ହୋଇଛି। ବିଧାୟକ ଶ୍ରୀ ଦାସ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, କେତେକ ସ୍ଥାନରେ ପ୍ରାକୃତିକ ଜଳ ନିଷ୍କାସନ ପଥକୁ ବନ୍ଦ କରାଯିବା, ସରକାରୀ ଜମି ଉପରେ ବେଆଇନ ଜବରଦଖଲ ଓ ଜଳପଥରେ ଅବରୋଧ ସୃଷ୍ଟି ହେବା ଫଳରେ ବର୍ଷାଜଳର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହୋଇଛି। ଏହି ସବୁ କାରଣରୁ ବହୁ ଅଞ୍ଚଳରେ କୃତ୍ରିମ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇ ଚାଷଜମି, ବସତି ଅଞ୍ଚଳ ଓ ରାସ୍ତାଘାଟ ଦୀର୍ଘ ସମୟ ଧରି ପାଣି ଘେରରେ ରହିଛି। ଏହି ଗୁରୁତର ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଧାୟକ ଶ୍ରୀ ଦାସ ପ୍ରଭାବିତ ଅଞ୍ଚଳରେ ତୁରନ୍ତ କ୍ଷୟକ୍ଷତିର ସର୍ବେକ୍ଷଣ କରିବା, ଜଳ ନିଷ୍କାସନ ବ୍ୟବସ୍ଥାକୁ ସ୍ୱାଭାବିକ କରିବା, ବେଆଇନ ଜବରଦଖଲ ଉଚ୍ଛେଦ କରିବା ଏବଂ ପ୍ରଭାବିତ ଚାଷୀମାନଙ୍କୁ ଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି, ସ୍ଥାନୀୟ ପ୍ରଶାସନକୁ କ୍ଷୟକ୍ଷତିର ଆକଳନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ସହାୟତା ଓ କ୍ଷତିପୂରଣ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ରାଜସ୍ୱମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଭୋଗରାଇରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଜଳବନ୍ଦୀ ଓ ଫସଲହାନି ସମସ୍ୟାକୁ ନେଇ ବିଧାୟକଙ୍କ ଏହି ପଦକ୍ଷେପକୁ ପ୍ରଭାବିତ ଅଞ୍ଚଳର ଚାଷୀ ଓ ସାଧାରଣ ଲୋକ ସ୍ୱାଗତ କରିଥିବାବେଳେ, ରାଜ୍ୟ ସରକାର ଶୀଘ୍ର ପଦକ୍ଷେପ ଗ୍ରହଣ କରି ଲୋକଙ୍କୁ ଆଶ୍ୱସ୍ତ କରିବେ ବୋଲି ଆଶା ପ୍ରକାଶ ପାଇଛି।

MISSING PERSON



NAME: Karnam Lachumamma
AGE: 62 years
HEIGHT: 5.2 Inch
COLOUR: Fare
MISSING FROM: Puri, Odisha
LAST SEEN LOCATION: Near Jagannath Temple / Grand Road area, Puri.
PERMANENT ADDRESS: Kashinagar, Gajapati District, Odisha.
IF FOUND OR IF YOU HAVE ANY INFORMATION, PLEASE CONTACT
8144956420, 8658211106, 9078445508
OR REPORT NEAREST POLICE STATION.



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୮୦- ସୁପ୍ରସିଦ୍ଧ ହିନ୍ଦୀ ଔପନ୍ୟାସିକ ମୁନ୍‌ସି ପ୍ରେମଚାନ୍ଦଙ୍କ ଜନ୍ମ।
- ୧୯୩୩- ମହାତ୍ମା ଗାନ୍ଧୀ ସ୍ଥାୟୀ ଭାବେ ସାବରମତୀ ଆଶ୍ରମ ଛାଡ଼ିଲେ।
- ୧୯୫୬- ଭାରତ ଓ ନେପାଳ ମିତ୍ରତା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୮୨- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୯୩- ଭାରତର ପ୍ରଥମ ସାମୁଦ୍ରିକ ସଂଗ୍ରହାଳୟ କଲିକତାରେ ଉଦ୍‌ଘାଟନ ହେଲା।

## ଆସିବ 'ମମ୍'ର ସିକ୍ୱେଲ




ଶ୍ରୀଦେବୀଙ୍କ ଅଭିନୀତ ଚଳଚ୍ଚିତ୍ର 'ମମ୍' ୨୦୧୭ ମସିହାରେ ମୁକ୍ତିଲାଭ କରିଥିଲା। ଏହା ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ଏହାକୁ ନେଇ ଏକ ଖବର ଆସିଛି। ପାଖାପାଖି ୯ ବର୍ଷ ପରେ ଏହାର ସିକ୍ୱେଲ୍ ଆସିବାକୁ ଯାଉଛି। ଶ୍ରୀଦେବୀଙ୍କ ଝିଅ ଖୁସି କପୁର 'ମମ୍ ୨' ଚଳଚ୍ଚିତ୍ରରେ ଲିଡ୍ ରୋଲରେ ନଜର ଆସିବେ। ଏହା ଆସନ୍ତା ନଭେମ୍ବରରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଏହି ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱରେ ବୋନି କପୁର ଅଛନ୍ତି। ଏହାର ସୁଟିଂ ନୋଏଡା ଓ ଗ୍ରୀସ୍‌ରେ ହୋଇଛି। 'ମମ୍' ଶ୍ରୀଦେବୀଙ୍କର ଶେଷ ଚଳଚ୍ଚିତ୍ର ଥିଲା, ଏଭଳି ପରିସ୍ଥିତିରେ ଏହି ପ୍ରୋଜେକ୍ଟ ଖୁସିଙ୍କ ପାଇଁ ବହୁତ ସ୍ୱତନ୍ତ୍ର ହେବ ବୋଲି ଚର୍ଚ୍ଚା ହେଉଛି। ଏହି ଫିଲ୍ମ ମାଧ୍ୟମରେ ଖୁସି ତାଙ୍କ ମାଆଙ୍କ ସ୍ମୃତି ଓ ଅଭିନୟର ସାମ୍ରାଜ୍ୟକୁ ଆଗକୁ ବଢ଼ାଉଥିବାର ନଜର ଆସିବେ। ଏଥିରେ କରିଶ୍ମା ତନ୍ନା ଏବଂ ଯୀଶୁ ସେନଗୁପ୍ତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଗିରିଶ କୋହଲି ଏହାର ନିର୍ଦ୍ଦେଶନା ଦେଉଛନ୍ତି। 'ମମ୍ ୨' ପ୍ରଥମ ଚଳଚ୍ଚିତ୍ରର କାହାଣୀକୁ ଆଗକୁ ବଢ଼ାଇବ ନାହିଁ, ବରଂ ଏକ ନୂଆ କାହାଣୀ ସହିତ ଆସିବ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୁହାଯାଉଛି। ଚଳଚ୍ଚିତ୍ରରେ ସସ୍‌ପେନ୍ସ, ଡ୍ରାମା ଏବଂ ଶକ୍ତିଶାଳୀ ମହିଳା ଚରିତ୍ର ମାଧ୍ୟମରେ ନ୍ୟାୟର କାହାଣୀକୁ ଦେଖାଯିବ।

## ପ୍ୟାଣ୍ଟ ପିନ୍ଧା ଗଧ



ସାଧାରଣତଃ ଲୋକେ ନିଜ ରୁଚି ଅନୁସାରେ ସାର୍ଟ, ଟିସାର୍ଟ, ପ୍ୟାଣ୍ଟ, ପାଇଜାମା ଆଦି ପିନ୍ଧିଥାନ୍ତି। ହେଲେ ଗଧ ପ୍ୟାଣ୍ଟ ପିନ୍ଧିବା କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିପାରେ। ତେବେ ଫ୍ରାନ୍ସର ପଶ୍ଚିମ ଉପକୂଳ ସ୍ଥିତ 'ଇଲ ଦେ ରେ' ନାମକ ଦ୍ୱୀପରେ ଏଭଳି ଭିନ୍ନତା ଦେଖିବାକୁ ମିଳିଥାଏ। ଏଠାରେ ଗଧଗୁଡ଼ିକ ଭଳିକି ଭଳି ରଙ୍ଗିନ ଚେକ୍ ପ୍ୟାଣ୍ଟ ପିନ୍ଧି ରାସ୍ତା ଏବଂ ପାର୍କରେ ବୁଲୁଥିବାର ନଜର ଆସିଥାନ୍ତି। ତେବେ ଏଠାରେ ଗଧମାନଙ୍କୁ ଚେକ୍ ପ୍ୟାଣ୍ଟ କିମ୍ବା ପାଇଜାମା ପିନ୍ଧାଇବା ପଛରେ ଏକ ଐତିହାସିକ କାରଣ ରହିଛି। ଏହି ପରମ୍ପରା ଫ୍ୟାଶନ କିମ୍ବା ମନୋରଞ୍ଜନ ଉଦ୍ଦେଶ୍ୟରେ ନୁହେଁ, ବରଂ ପଶୁମାନଙ୍କ ସୁରକ୍ଷା ପାଇଁ ଆରମ୍ଭ ହୋଇଥିଲା। ଅତୀତରେ ଏହି ଦ୍ୱୀପରେ ଗଧମାନଙ୍କୁ ଲୁଣ ଚାଷ ଏବଂ କୃଷି କାର୍ଯ୍ୟରେ ବ୍ୟବହାର କରାଯାଉଥିଲା। ଲୁଣ କ୍ଷେତରେ ଥିବା ବିଷାକ୍ତ ମଶା ଏବଂ ପୋକ-ଜୋକଗୁଡ଼ିକ କାମୁଡ଼ିବା ଯୋଗୁଁ ଗଧମାନଙ୍କ ଗୋଡ଼ରେ ଗମ୍ଭୀର ସଂକ୍ରମଣ ହେଉଥିଲା। ଏହାର ସମାଧାନ ବାହାର କରି, ମାଲିକମାନେ ପୁରୁଣା ସ୍କ୍ରିନ୍ କିମ୍ବା ଗଦି କଭର କପଡ଼ାରୁ ଗଧଙ୍କ ପାଇଁ ପାଇଜାମା ତିଆରି କଲେ। କାମକୁ ଯିବା ପୂର୍ବରୁ ପ୍ରତିଦିନ ସକାଳେ ଗଧମାନଙ୍କୁ ଏହି ପ୍ୟାଣ୍ଟ ପିନ୍ଧାଇ ଦିଆଯାଉଥିଲା, ଯାହାଫଳରେ ପୋକଗୁଡ଼ିକ ସେମାନଙ୍କ ଗୋଡ଼ରେ ପହଞ୍ଚି ପାରିବେ ନାହିଁ। ଏହି ଗଧମାନେ 'ପୋଇତୁ' ପ୍ରଜାତିର। ଏମାନଙ୍କର ଆକାର ବହୁତ ବଡ଼ ହୋଇଥାଏ ଏବଂ ଶରୀରରେ ଲମ୍ବା ଲମ୍ବା ଜଟା ଭଳି କେଶ ଥାଏ। ଏହି ଲମ୍ବା କେଶ ଯୋଗୁଁ ଏମାନଙ୍କୁ ମଶା ଅଧିକ କାମୁଡ଼ନ୍ତି। ଆଜିକାଲି କୃଷି କାର୍ଯ୍ୟ ପାଇଁ ଆଧୁନିକ ମେସିନ୍ ବ୍ୟବହାର ହେଉଥିବାରୁ ଏଠାରେ ଆଉ ପୂର୍ବଭଳି ଗଧମାନଙ୍କୁ କ୍ଷେତରେ କାମ କରିବାକୁ ପଡୁନାହିଁ। ହେଲେ ନିଜର ପୁରୁଣା ସଂସ୍କୃତିକୁ ବଞ୍ଚାଇ ରଖିବା ଏବଂ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ଆଜି ବି ଏଠାରେ ଗଧମାନଙ୍କୁ ପ୍ୟାଣ୍ଟ ପିନ୍ଧାଯାଏ। ସ୍ଥାନୀୟ ସେଣ୍ଟ-ମାର୍ଟିନ-ଦେ-ରେ ସ୍ଥିତ ବାରବେଟ୍ ପାର୍କରେ ପର୍ଯ୍ୟଟକମାନେ ଏପ୍ରିଲରୁ ଅକ୍ଟୋବର ମାସ ମଧ୍ୟରେ ଏହି ପ୍ୟାଣ୍ଟ ପିନ୍ଧିଥିବା ଗଧମାନଙ୍କୁ ଦେଖିପାରିବେ, ସେମାନଙ୍କ ସହ ଫଟୋ ଉଠାଇ ପାରିବେ ଏବଂ ସେମାନଙ୍କ ପିଠିରେ ବସି ବୁଲିପାରିବେ।

## ଦାଢ଼ି ପାଇଁ ୧୦ ଲକ୍ଷ



ଆଜିକାଲି ଦାଢ଼ି ରଖିବା ଯୁବକଙ୍କ ପାଇଁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟରେ ପରିଣତ ହୋଇଛି। ସେହିପରି ଦାଢ଼ି ଥିବା ଯୁବକ ଅଧିକ ପରିପକ୍ୱ ଲାଗନ୍ତି। ଏହି କ୍ରମରେ ଜଣେ ବ୍ୟକ୍ତି ଦାଢ଼ି ପ୍ରତ୍ୟାରୋପଣ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଅବଶ୍ୟ ଏହା ପଛରେ କାରଣ ଥିବା କୁହାଯାଉଛି। ସମ୍ପୃକ୍ତ ଯୁବକ ଜଣକ ପ୍ରାଇଭେଟ୍ ଇକ୍ୱିଟି ଏବଂ ଭେଞ୍ଚର କ୍ୟାପିଟାଲ ସେକ୍ଟରରେ କାମ କରନ୍ତି। ଯୁବକ ଜଣକ ତାଙ୍କ ବୟସ ତୁଳନାରେ ବେଶ୍ କମ୍ ବୟସର ଦେଖାଯାଉଥିଲେ। ଏହା ଯୋଗୁଁ ଅନେକ ସମୟରେ ଅଫିସ୍ ମିଟିଂରେ ତାଙ୍କ ମତକୁ ଅଣଦେଖା କରାଯାଏ। ଲୋକେ ତାଙ୍କୁ ଫ୍ରେଶର ବୋଲି ଭାବନ୍ତି। ହେଲେ ଲଗାତାର ଏଭଳି ଟିପ୍ପଣୀ ମିଳିବାରୁ ସେ ଅସହଜ ଓ ଅସୁରକ୍ଷିତ ମନେ କଲେ। ବେଳେ ବେଳେ ଯେଉଁ ପଦବୀ ପାଇଁ ସେ ଯୋଗ୍ୟ ଥାନ୍ତି, ତାଙ୍କର ପିଲାଳିଆ ମୁହଁ ଯୋଗୁଁ ସେଥିରୁ ସେ ବଞ୍ଚିତ ହୋଇଥାନ୍ତି। ଅବଶ୍ୟ ଭଲ ଲୁକ୍ ପାଇବା ପାଇଁ ସେ ପ୍ରଥମେ ପ୍ରାକୃତିକ ଉପାୟକୁ ଆପଣାଇଲେ। ସେ ଦାଢ଼ି ପାଇଁ ପ୍ରଥମେ ତେଲ, ଭିଟାମିନ ଏବଂ କେଶ ଉଠିବା ଔଷଧ ବି ବ୍ୟବହାର କଲେ। ହେଲେ ଶତ ପ୍ରଚେଷ୍ଟା ସତ୍ତ୍ୱେ ବି ତାଙ୍କର ଦାଢ଼ି ଉଠିଲା ନାହିଁ। ଏହାପରେ ସେ ଦାଢ଼ି ପ୍ରତ୍ୟାରୋପଣ କରିବା ନିଷ୍ପତ୍ତି ନେଲେ। ଏହି ପ୍ରକ୍ରିୟାରେ ମୁଣ୍ଡ ପଛ ପାର୍ଶ୍ୱରୁ କେଶ ବାହାର କରାଯାଇ, ମୁହଁର ସେହି ସ୍ଥାନରେ ଲଗାଗଲା, ଯେଉଁଠି ଦାଢ଼ି କମ୍ ଥିଲା। ତାଙ୍କର ପୂରା ସର୍ଜରୀ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଚାଲିଲା। ଅପରେସନ୍ ୧୦ ଦିନ ପର୍ଯ୍ୟନ୍ତ ତାଙ୍କ ମୁହଁରେ ଛୋଟ ଛୋଟ କ୍ଷତ ଚିହ୍ନ ରହିଲା। ଧୀରେ ଧୀରେ ନୂଆ ଦାଢ଼ି ଉଠିବା ଆରମ୍ଭ ହେଲା ଏବଂ କିଛି ଦିନ ପରେ ତାଙ୍କ ଚେହେରା ସମ୍ପୂର୍ଣ୍ଣ ବଦଳିଗଲା। ସେ କହିଛନ୍ତି, ଦାଢ଼ି ଆସିବା ପରେ ତାଙ୍କୁ ଆଉ କମ୍ ବୟସ୍କ ନେଇ ପରିହାସ କଲେ ନାହିଁ। ସହକର୍ମୀମାନେ ତାଙ୍କ କଥାକୁ ପୂର୍ବ ତୁଳନାରେ ଗୁରୁତର ସହକାରେ ଶୁଣିବା ଆରମ୍ଭ କଲେ। ଏପରିକି ପୂର୍ବ ତୁଳନାରେ ସେ ଅଧିକ ପରିପକ୍ୱ ଏବଂ ଆତ୍ମବିଶ୍ୱାସୀ ଲାଗୁଥିବା ଅନେକ ତାଙ୍କୁ କହିଲେ। ଏହି ପରିବର୍ତ୍ତନ ତାଙ୍କର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ଉପରେ ପ୍ରଭାବ ପକାଇଥିବା ସେ କହିଛନ୍ତି। ଦାଢ଼ି ପ୍ରତ୍ୟାରୋପଣ ପାଇଁ ସେ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହା ସତ୍ତ୍ୱେ ବି ଏଭଳି ଏକ ନିଷ୍ପତ୍ତିକୁ ନେଇ ସେ ଅନୁଶୋଚନା କରୁ ନ ଥିବା କହିଛନ୍ତି। ଏହାଦ୍ୱାରା ତାଙ୍କ ଆତ୍ମବିଶ୍ୱାସ ଫେରିଛି ଏବଂ ନିଜକୁ ନେଇ ଥିବା ଅସୁରକ୍ଷିତ ମନୋଭାବନା ବି ଅନେକ ପରିମାଣରେ ହ୍ରାସ ପାଇଛି।

## ବର୍ଷାଦିନେ ବ୍ୟାଧିର ବିପଦ

### ସଚେତନତା ହିଁ ସର୍ବୋତ୍ତମ ସୁରକ୍ଷା କବଚ

**ବର୍ଷାଋତୁରେ ସାମାନ୍ୟ ଅସାବଧାନତା ଅନେକ ସଂକ୍ରାମକ ରୋଗକୁ ଆମନ୍ତ୍ରଣ କରିଥାଏ। ତେଣୁ ଏହିଦିନେ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ସଚେତନ ରହିବା ଏକାନ୍ତ ଆବଶ୍ୟକ।**

**ଡା. ରାଜାରାମ ଷଡ଼ଙ୍ଗୀ**



ବର୍ଷା ହେଲେ ଜମି ରହୁଥିବା ପାଣି ମଶାଙ୍କ ପାଇଁ ପ୍ରଜନନ କ୍ଷେତ୍ର ପାଲଟିଯାଏ। ଫଳରେ ଡେଙ୍ଗୁ, ମ୍ୟାଲେରିଆ ଓ ଚିକୁନଗୁନିଆ ଭଳି ରୋଗ ଦ୍ରୁତ ଗତିରେ ବ୍ୟାପିଥାଏ। ଅନ୍ୟପଟେ ଦୂଷିତ ପାନୀୟ ଜଳ ଓ ଅପରିଷ୍କାର ଖାଦ୍ୟ ଡାଇରିଆ, କଲେରା, ଟାଇଫଏଡ୍ ଓ ଜଣ୍ଡିସ ଭଳି ରୋଗର କାରଣ ସାଜିଥାଏ। ସର୍ଦ୍ଦି, କାଶ, ଭାଇରାଲ୍ ଜ୍ୱର, ଚର୍ମରୋଗ ଓ ଫଙ୍ଗାଲ୍ ସଂକ୍ରମଣ ମଧ୍ୟ ଏହି ଋତୁରେ ସାଧାରଣ ଘଟଣା।

ଆୟୁର୍ବେଦ କହେ, ବର୍ଷାଋତୁରେ 'ଅଗ୍ନି' ବା ପାଚନଶକ୍ତି ଦୁର୍ବଳ ହୋଇଯାଏ। ତେଣୁ ଏହି ସମୟରେ ଅଧିକ ତେଲ-ମସଲା, ବାସି ଓ ଅପରିଷ୍କାର ଖାଦ୍ୟ ପରିହାର କରିବା ଆବଶ୍ୟକ। ଉଷୁମ ପାଣି ପିଇବା, ହାଲୁକା ଓ ସହଜପାଚ୍ୟ ଖାଦ୍ୟ ସେବନ କରିବା ଏବଂ ଋତୁ ଅନୁକୂଳ ଜୀବନଶୈଳୀ ଅବଲମ୍ବନ କରିବା ଶରୀରର ପ୍ରତିରୋଧକ କ୍ଷମତାକୁ ସୁଦୃଢ଼ କରିଥାଏ।

ବ୍ୟକ୍ତିଗତ ସଚେତନତା ସହ ସାମାଜିକ ସଚେତନତା ମଧ୍ୟ ସମାନ ଭାବେ ଆବଶ୍ୟକ। ଘର ଓ ଆଖପାଖରେ ପାଣି ଜମିବାକୁ ନ ଦେବା, ନାଳ ନର୍ଦ୍ଦମାକୁ ପରିଷ୍କାର ରଖିବା, ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା, ଖାଇବା ପୂର୍ବରୁ ଓ ଶୌଚାଳୟ ବ୍ୟବହାର ପରେ ହାତ ଧୋଇବା ଏବଂ ମଶାରି ବ୍ୟବହାର କରିବା ଭଳି ଅଭ୍ୟାସ ଅନେକ ଗୁରୁତର ରୋଗକୁ ରୋକିପାରେ।

ଆଜିକାଲି ସାମାନ୍ୟ ଜ୍ୱର ହେଲେ ଅନେକେ ନିଜ ଇଚ୍ଛାରେ ଔଷଧ କିଣି ଖାଇ ଦେଉଛନ୍ତି। ଏହି ପ୍ରବୃତ୍ତି ବିପଜ୍ଜନକ। ବିଶେଷକରି ଡେଙ୍ଗୁ ଭଳି ରୋଗରେ ବିଳମ୍ବ କିମ୍ବା ଭୁଲ୍ ଚିକିତ୍ସା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ। ତେଣୁ ଦୁଇ ଦିନରୁ ଅଧିକ ଜ୍ୱର, ତୀବ୍ର ମୁଣ୍ଡବିନ୍ଧା, ବାରମ୍ବାର ବାନ୍ତି, ଅତ୍ୟଧିକ ଦୁର୍ବଳତା କିମ୍ବା ରକ୍ତସ୍ରାବର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ସ୍ୱଚ୍ଛତା, ସନ୍ତୁଳିତ ଖାଦ୍ୟ, ନିରାପଦ ପାନୀୟ ଜଳ, ନିୟମିତ ବ୍ୟାୟାମ ଓ ସମୟୋପଯୋଗୀ ଚିକିତ୍ସା ପରାମର୍ଶ ଉପରେ ବର୍ଷାଋତୁର ସୁସ୍ଥ ଜୀବନ ନିର୍ଭର କରେ। ଏଥିପାଇଁ ଆବଶ୍ୟକ କେବଳ ସଚେତନତା, ସ୍ୱଚ୍ଛତା ଓ ସମୟୋପଯୋଗୀ ସତର୍କତା।

- ପଡିଆବାହାଲ, ସମ୍ବଲପୁର

## ପ୍ଲେଟ୍‌ଲେଟ୍ ବୃଦ୍ଧି ପାଇଁ

**ବର୍ଷାଋତୁରେ ଡେଙ୍ଗୁ, ମ୍ୟାଲେରିଆ, ଟାଇଫଏଡ୍ ବହୁଳ ଭାବେ ବ୍ୟାପିଥାଏ। ଏହାଦ୍ୱାରା ବ୍ଲଡ୍ ପ୍ଲେଟ୍‌ଲେଟ୍ ହ୍ରାସ ପାଇଯାଏ। ତେଣୁ ପ୍ଲେଟ୍‌ଲେଟ୍ ସଂଖ୍ୟା ବୃଦ୍ଧି ପାଇଁ କିଛି ଉପାୟ ଆପଣାଇ ପାରିବେ।**



- ଖାଦ୍ୟରେ ଭିଟାମିନ୍ ସି, ବି ୧୨, ଲୌହସାରଯୁକ୍ତ ଖାଦ୍ୟ, ଡାଳିମ୍ବ, ଅଙ୍ଗୁର, କମଳା, ବ୍ରୋକୋଲି, କ୍ୱିୱି, କଦଳୀ, ପାଳଙ୍ଗ ଆଦି ସବୁଜ ପନିପରିବା ସାମିଲ କରିବା ଆବଶ୍ୟକ।
- ଚିକିତ୍ସକଙ୍କ ପରାମର୍ଶରେ କଞ୍ଚା ଅମୃତଭଣ୍ଡା ପତ୍ରର ରସ ବହୁତ ସହାୟକ ହୋଇଥାଏ। ଆଜିକାଲି ଅମୃତଭଣ୍ଡା ପତ୍ରରୁ ମଧ୍ୟ ଔଷଧ, ସିରପ, ବଟିକା, ପାଉଡର ଆଦି ଚିକିତ୍ସା କ୍ଷେତ୍ରରେ ବ୍ୟବହାର ହେଉଛି। ପ୍ଲେଟ୍‌ଲେଟ୍ ବୃଦ୍ଧି ପାଇଁ ପଇଡ଼ପାଣି ସାହାଯ୍ୟ କରେ।
- ନିୟମିତ ଖାଲି ପେଟରେ ୩ରୁ୪ଟି ଅଁଳା ସେବନ କରିପାରିବେ। ନିୟମିତ ବ୍ୟବଧାନରେ ଏକ ଗ୍ଲାସ ଡାଳିମ୍ବ ରସ ପିଇଲେ ପ୍ଲେଟ୍‌ଲେଟ୍ ସଂଖ୍ୟା ବଢ଼େ। ଏକ ଗ୍ଲାସ ଗାଜର ରସରେ ତିନି ଚାମଚ ବିଟ୍ ରସ ମିଶାଇ ସେବନ କରିପାରିବେ। ଶରୀରର ଜଳୀୟଅଂଶକୁ ବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକୀୟ ତରଳ ପଦାର୍ଥ ଗ୍ରହଣ କରିବା ଆବଶ୍ୟକ।

## ପେଟଫମ୍ପାର ଉପଚାର

- ଦୁଇ ଚାମଚ ଲେମ୍ବୁରସରେ ଦୁଇ ଅଣି ଓଜନ ପାନମହୁରୀ ବଟା ମିଶାଇ ୩/୪ ରତି ବିଟ ଲବଣ ଦେଇ ଖାଇଲେ ପେଟଫମ୍ପା ଆରୋଗ୍ୟ ହୁଏ।
- ଆମିଳିତ ଶାଗ ରସରେ ଯବକ୍ଷାର ଗୋଳି ପେଟ ଉପରେ ପ୍ରଲେପ ଦେଇ ଅଥବା ଏହି ରସ ସହିତ ଖସା ଅଭାବେ ସୋରିଷ ତେଲ ଫେଣାଇ ପେଟରେ ମାଲିସ୍ କଲେ ପେଟଫମ୍ପା ଭଲ ହୁଏ।
- ହିଙ୍ଗୁଳ ମଞ୍ଜି ପାଣିରେ ବାଟି ପେଟରେ ଲେପ ଦେଲେ ପେଟ ଫମ୍ପା ଓ ଶୂଳ ଭଲ ହୁଏ। ବକ୍ଷରେ ଲେପ ଦେଲେ ବକ୍ଷ ବେଦନା ଭଲ ହୁଏ।
- କଦମ୍ବପତ୍ର ରସ ଏକ ତୋଳା ଖାଇଲେ ପେଟଫମ୍ପା ଭଲ ହୋଇ ଝାଡ଼ା ସଫା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)



## ''ମା' କ୍ଷୀର ଶିଶୁ ପାଇଁ ସର୍ବୋତ୍କୃଷ୍ଟ''



**ମା' କ୍ଷୀର ଶିଶୁ ପାଇଁ ଅମୃତ ସମାନ। ଏହା ଶିଶୁ ଶରୀର ପାଇଁ ଏକ ସର୍ବୋତ୍କୃଷ୍ଟ ପୌଷ୍ଟିକ ଉପାଦାନ। ତେଣୁ ସ୍ତନ୍ୟପାନର ଉପାଦେୟତା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ପହିଲାରୁ ସାତ ତାରିଖ ପର୍ଯ୍ୟନ୍ତ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ' ପାଳନ କରାଯାଉଛି। ଏ ବର୍ଷର ବାର୍ତ୍ତା ରହିଛି " ଜୀବନର ଏକ ସ୍ଥାୟୀ ଆରମ୍ଭ ପାଇଁ ମାଆ କ୍ଷୀର: କାର୍ଯ୍ୟକାରୀ ହେଉଥିବା ବ୍ୟବସ୍ଥାକୁ ଦୃଢ଼ କରନ୍ତୁ "। ତେବେ ସ୍ତନ୍ୟପାନର ଉପକାରିତା ସମ୍ବନ୍ଧରେ ଜାଣିବା ପାଇଁ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ନୀଳମାଧବ ଜେନାଙ୍କ ସହ ସ୍ୱତନ୍ତ୍ର ଆଳାପ।**

**ମା'ର ପ୍ରଥମ କ୍ଷୀର ହଳଦିଆ ଏବଂ ବହଳିଆ, ଏହି କ୍ଷୀର ଶିଶୁକୁ ଦେବା ଉଚିତ କି?**

- ପ୍ରଥମ କ୍ଷୀରକୁ କଷ କ୍ଷୀର, କୋଲୋଷ୍ଟ୍ରମ୍ କୁହାଯାଏ। ଏହି କ୍ଷୀରର ପ୍ରତିଟି ବିନ୍ଦୁ ଶିଶୁ ପାଇଁ ମୂଲ୍ୟବାନ। ପ୍ରଥମ ତିନିଦିନ ଏହି କଷ କ୍ଷୀର ନିର୍ଗତ ହୋଇଥାଏ। ଏଥିରେ ସମସ୍ତ ପ୍ରକାରର ରୋଗ ପ୍ରତିରୋଧକ ଶକ୍ତି ଭରି ରହିଥାଏ। ଏହି କ୍ଷୀର ଶିଶୁକୁ ଝାଡ଼ା, ବାନ୍ତି, ନିମୋନିଆ, ଆଲର୍ଜି ପରି ଅନେକ ରୋଗରୁ ରକ୍ଷା କରିଥାଏ। ଏ କ୍ଷୀର ପ୍ରଥମ ପ୍ରତିଷେଧକ ଟିକା ବୋଲି କୁହାଯାଏ। ପରିମାଣରେ କମ୍ ହେଲେ ମଧ୍ୟ ଏହା ପୁଷ୍ଟିସାର ଏବଂ ଭିଟାମିନ୍‌ରେ ଭରପୂର।

**ଶିଶୁ ଜନ୍ମ ହେବାର କେତେ ସମୟ ପରେ ମା' କ୍ଷୀର ଦେବା ଦରକାର?**

- ଜନ୍ମପୂର୍ବରୁ ଶିଶୁ ମା'ଠାରୁ ସମସ୍ତ ଆହାର ନାଭି ବାଟେ ଗ୍ରହଣ କରିଥାଏ, ମାତ୍ର ଜନ୍ମ ପରେ ଶିଶୁ ମା'ଠାରୁ ସମ୍ପୂର୍ଣ୍ଣ ଭାବେ ଅଲଗା ହୋଇଯାଏ। ତେଣୁ ଜନ୍ମ ପରେ ଯେତେ ଶୀଘ୍ର ସମ୍ଭବ ମା' କ୍ଷୀର ଦେବା ଆବଶ୍ୟକ। ବିଶେଷକରି ଜନ୍ମର ଏକ ଘଣ୍ଟା ମଧ୍ୟରେ ମା' ଶିଶୁକୁ କୋଳରେ ସ୍ତନ୍ୟପାନ କରାଇବା ଉଚିତ।

**ମା' ଯଦି କୌଣସି ରୋଗରେ ଆକ୍ରାନ୍ତ ହୁଏ ତେବେ ସେ ସ୍ତନ୍ୟପାନ କରାଇ ପାରିବ କି?**


- ନିଶ୍ଚୟ। ମା' ରୋଗାକ୍ରାନ୍ତ ହେଉ ପଛେ ଶିଶୁକୁ କ୍ଷୀର ପିଆଇବା ଚାଲୁ ରଖିବା ଦରକାର। କାରଣ ମା' ଯେଉଁ ରୋଗରେ ଆକ୍ରାନ୍ତ ତା ଶରୀରରେ ସେହି ରୋଗ ବିରୁଦ୍ଧରେ ରୋଗ ପ୍ରତିରୋଧକ ଶକ୍ତି ଜାତ ହୋଇଥାଏ। ମା' କ୍ଷୀର ଜରିଆରେ ଏହି ଶକ୍ତି ଶିଶୁ ଶରୀରକୁ ଯାଇଥାଏ।

**ଶିଶୁକୁ କେତେଦିନ ପର୍ଯ୍ୟନ୍ତ ମା' କ୍ଷୀର ଖୁଆଇବା ଆବଶ୍ୟକ?**

- ଅତନ୍ତ ପକ୍ଷେ ଶିଶୁକୁ ପ୍ରଥମ ଛଅମାସ କେବଳ ମା' କ୍ଷୀର ଦେବା ଦରକାର। ତା'ପରେ ଶିଶୁକୁ ଅନ୍ୟ ବହଳିଆ ଖାଦ୍ୟ ଦିଆଯିବା ଉଚିତ। କିନ୍ତୁ ମା' କ୍ଷୀର ବନ୍ଦ ନ କରି ଦୁଇ ବର୍ଷ ପର୍ଯ୍ୟନ୍ତ ଦେବା ଆବଶ୍ୟକ।

## 'ସକାଳ'ର ସ୍ୱାସ୍ଥ୍ୟ

## ହାଇପରଟେନ୍‌ସିଭ୍ ରେଟିନୋପାଥି



ବିଶୃଙ୍ଖଳିତ ଜୀବନଶୈଳୀ, ଚାପ, ଓଜନ ବୃଦ୍ଧି, ବଂଶଗତ ରୋଗ ଆଦି କାରଣରୁ ଅଧିକାଂଶ ଉଚ୍ଚ ରକ୍ତଚାପରେ ପୀଡ଼ିତ। ଉଚ୍ଚରକ୍ତଚାପ ନିୟନ୍ତ୍ରଣରେ ନ ରହିଲେ ରକ୍ତନଳୀ ଏବଂ ହୃଦୟ ଉପରେ ଚାପ ପଡ଼ି ହୃଦ୍‌ଘାତ, ଷ୍ଟ୍ରୋକ୍, କ୍ରନିକ କିଡନୀ ରୋଗ ସୃଷ୍ଟି କରିପାରେ। ଅନିୟନ୍ତ୍ରିତ ଓ ଦୀର୍ଘ ଦିନ ଧରି ଥିବା ଉଚ୍ଚ ରକ୍ତଚାପ ଯୋଗୁଁ ଆଖିର ରେଟିନାରେ ଥିବା ରକ୍ତନଳୀ କ୍ଷତିଗ୍ରସ୍ତ ହୋଇ ଦୃଷ୍ଟିଶକ୍ତି କମିଯାଇପାରେ। ଏହି ସ୍ଥିତିକୁ ହାଇପରଟେନ୍‌ସିଭ ରେଟିନୋପାଥି କୁହାଯାଏ।


ଏହି ରୋଗରେ ଆଖିକୁ ଝାପ୍‌ସା ଦିଶିବା, ଦୃଷ୍ଟିଶକ୍ତି ହ୍ରାସ, ମୁଣ୍ଡବୁଲାଇବା ଓ ଯନ୍ତ୍ରଣା, ଆଖି ସାମ୍ନାରେ କଳା ଦାଗ ଦେଖାଯିବା, ରଙ୍ଗ ଚିହ୍ନିବାରେ ସମସ୍ୟା, କିଛି ମାମଲାରେ ଅନ୍ଧକାର ଦିଶିବା ପରି ଲକ୍ଷଣ ଦେଖାଯାଇଥାଏ। ଉପରୋକ୍ତ ଲକ୍ଷଣ ଅନୁଯାୟୀ ଡାକ୍ତରଙ୍କ ପରାମର୍ଶରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ସେବନ କରିବା ଆବଶ୍ୟକ।

**ପ୍ରତିକାର:** ଏହି ସମସ୍ୟା ଦୂର କରିବାର ଏକମାତ୍ର ଉପାୟ ହେଉଛି ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା। ଔଷଧ ସେବନ ସହିତ ନିୟମିତ ସନ୍ତୁଳିତ ଖାଦ୍ୟସେବନ, ବ୍ୟାୟାମ କରିବା ଆବଶ୍ୟକ। ମଧୁମେହପୀଡ଼ିତ ରକ୍ତଚାପ ଓ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ। ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଆଖିର ସ୍ଥିତି ଜାଣିବାକୁ ନିୟମିତ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।

## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଫାଇନାଲରେ ନୀରଜ

ଗ୍ଲାସ୍‌ଗୋ,୩୦।୭ (ଏଜେନ୍ସି)



ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ଭାରତର ତାରକା ଆଥ୍‌ଲେଟ ନୀରଜ ଚୋପ୍ରା ଏଠାରେ ଚାଲିଥିବା ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ଜାଭେଲିନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ କ୍ୱାଲିଫାଇଂ ଇଭେଣ୍ଟରେ ସେ ୭୯.୨୮ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି କ୍ୱାଲିଫାଇଙ୍ଗ ରାଉଣ୍ଡରେ ୫ମସ୍ଥାନରେ ରହିଥିଲେ। ତାଙ୍କ ସହ ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟ ଦୁଇ ଭାରତୀୟ ରୋହିତ ଯାଦବ ଓ ଯଶବୀର ସିଂହ ମଧ୍ୟ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇ ଫାଇନାଲରେ ପ୍ରବେଶ କରିଛନ୍ତି। ନୀରଜଙ୍କ ପରି ରୋହିତ ତାଙ୍କ ଦ୍ୱିତୀୟ ଆଟେମ୍ପଟରେ ୭୮.୩୭ ମିଟରକୁ ଏବଂ ଯଶବୀର ତାଙ୍କ ଶେଷ ଆଟେମ୍ପଟରେ ୭୮.୩୬ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଯଥାକ୍ରମେ ୭ମ ଓ ୧୦ମ ସ୍ଥାନ ଅଧିକାର କରି ଫାଇନାଲରେ ପ୍ରବେଶ କରିଛନ୍ତି। ୧୮ ଡିଗ୍ରୀ ତାପମାତ୍ରାରେ ଜଣେ ହେଲେ ଜାଭେଲିନ୍ ଫିଙ୍ଗାଳି ୮୪ ମିଟର ଦୂରତାର ସିଧାସଳଖ କ୍ୱାଲିଫାଇଙ୍ଗ ମାର୍କକୁ ଅତିକ୍ରମ କରିପାରି ନ ଥିଲେ। ଚଳିତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶ୍ରୀଲଙ୍କାର ରୁମେଶ ତରଙ୍ଗା ସର୍ବାଧିକ ୮୨.୮୪ ମିଟରକୁ ଫିଙ୍ଗି ପ୍ରଥମ ଓ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୧.୨୯ମି.) ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅଲିମ୍ପିକ୍ ତଥା ରାଜ୍ୟଗୋଷ୍ଠୀ ପଦକ ବିଜେତା ଅର୍ସାଦ ନଦୀମ (୭୮.୬୩ମି.) ୫ମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ରାତି ୧୨ଟା ୪୫ ମିନିଟରେ ଫାଇନାଲ ଲଢ଼େଇ ଅନୁଷ୍ଠିତ ହେବ।

### ନିରାଶ କଲେ ଅନିମେଶ

ପୁରୁଷ ୨୦୦ ମିଟର ରେସରେ ଭାରତର ଅନିମେଶ କୁଜୁର ନିରାଶ କରିଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ୨୦୦ ମିଟର ରେସର ଦ୍ୱିତୀୟ ସେମିଫାଇନାଲରେ ଅନିମେଶ ୬ଷ୍ଠ ସ୍ଥାନରେ ରହିଥିଲେ। କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ଅନିମେଶ ଏହି ଦୂରତାକୁ ୨୦.୬୫ ସେକେଣ୍ଡରେ ଫିନିଶ କରିଥିଲେ। ଫଳରେ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲେ। ଏଥିପୂର୍ବରୁ ଗତକାଲି କ୍ୱାଲିଫାଇଂ ପର୍ଯ୍ୟାୟର ଅନିମେଶ ୨୦.୪୬ ସେକେଣ୍ଡରେ ରେସ୍ ଫିନିଶ କରି ନିଜ ହିଟ୍‌ରେ ପ୍ରଥମ ସ୍ଥାନରେ ରହିଥିଲେ। ଅପରପକ୍ଷରେ ପୁରୁଷ ସଟ୍‌ପୁଟ୍‌ର ଫାଇନାଲ ରାଉଣ୍ଡ ଖେଳ ଜାରି ରହିଛି। ଏଥିରେ ପ୍ରଥମ ଦୁଇଟି ରାଉଣ୍ଡ ଶେଷ ସୁଦ୍ଧା ଭାରତର ତାଜିନ୍ଦର ପାଲ୍ ସିଂହ ତୁର (୨୦.୦୬ ମିଟର) ଓ ସମରଦୀପ୍ ସିଂହ ଗିଲ୍ (୧୯.୬୩ ମିଟର) ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି।

### ମୁରଲୀଙ୍କୁ କ୍ରମାଗତ ରୌପ୍ୟ

ପୁରୁଷ ଲଙ୍ଗ ଜମ୍ପରେ ୮.୦୯ ମିଟର ଦୂରତାକୁ ଲମ୍ଫ ପ୍ରଦାନ କରି ମୁରଲୀ ଶ୍ରୀଶଙ୍କର ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଜାମାଇକାର ତାଜୟ ଗେଲ ୮.୧୫ ମିଟର ଦୂରତାକୁ ଲମ୍ଫ ପ୍ରଦାନ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ଇଭେଣ୍ଟରେ ଭାଗନେଇଥିବା ଅନ୍ୟ ଭାରତୀୟ ଲୋକେଶ ସତ୍ୟନାଥନ ୭.୯୭ ମିଟରକୁ ଡେଇଁ ୫ମ ସ୍ଥାନରେ ରହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହା ମୁରଲୀଙ୍କର କ୍ରମାଗତ ଦ୍ୱିତୀୟ ରୌପ୍ୟ ପଦକ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦୌଡ଼କୁଦରେ ଭାରତର ମଧ୍ୟ ଏହା ଦ୍ୱିତୀୟ ତଥା ରୌପ୍ୟ ପଦକ।

### ଦିଲୀପ, ବାସିଲଙ୍କୁ ଐତିହାସିକ ପଦକ



ରାଜ୍ୟଗୋଷ୍ଠୀ ପାରା ଆଥଲେଟିକ୍ସର ଟି୪୭ ପୁରୁଷ ୧୦୦ ମିଟର ରେସ୍‌ରେ ଦିଲୀପ ଗାଭିଟ୍ ସ୍ୱର୍ଣ୍ଣ ଓ ମହମ୍ମଦ୍ ବାସିଲ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଦିଲୀପ ଏହି ଦୂରତାକୁ ୧୦.୭୧ ସେକେଣ୍ଡରେ ଅତିକ୍ରମ କରି ଏକ ଗେମସ ରେକର୍ଡ ପ୍ରତିଷ୍ଠା କରିବା ସହ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ବାସିଲ ୧୦.୮୩ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ହେବା ସହ ରୌପ୍ୟ ପଦକ ହାସଲ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଗୋଟିଏ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ଏମାନେ ପ୍ରଥମ ଭାରତୀୟ ଯୋଡି ହୋଇ ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ପୂର୍ବରୁ ପାରା ଆଥଲେଟ ଶର୍ମିଳା ଧନକଡ଼ ମହିଳା ସଟ୍‌ପୁଟରେ ଏବଂ ମହିଳା ଭାରୋତୋଳନରେ ମିରାବାଇ ଚାନୁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ।

### ଫାଇନାଲ୍‌ରେ ପ୍ରବୀଣ ଓ ପ୍ରଭୁ

ପୁରୁଷ ଟ୍ରିପଲ ଜମ୍ପରେ ଭାରତର ଦୁଇ ପ୍ରତିଯୋଗୀ ପ୍ରବୀଣ ଚିତ୍ରାଭେଲ ଓ ସେଲଭା ପ୍ରଭୁ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଏହି ଇଭେଂଟରେ ପ୍ରବୀଣ ୧୬.୪୧ ମିଟର ଓ ପ୍ରଭୁ ୧୬.୨୬ ମିଟର ଦୂରତାକୁ ଡେଇଁ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ସହ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

# ରାହାଣେଙ୍କ ଅବସର



**ମୁମ୍ବଇ,୩୦।୭ (ଏଜେନ୍ସି):** ଭେଟେରାନ ବ୍ୟାଟର ଆଜିଙ୍କ୍ୟ ରାହାଣେ ଗୁରୁବାର ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୩୮ ବର୍ଷୀୟ ରାହାଣେ ବିଦେଶ ମାଟିରେ ଜଣେ ଟାଣୁଆ ବ୍ୟାଟର ଭାବେ ପରିଚିତ ଓ ନେତୃତ୍ୱ ନେବାର ଅସାମାନ୍ୟ ଦକ୍ଷତା ରଖିଥିଲେ। ୧୫ ବର୍ଷର କ୍ୟାରିୟରରେ ଭାରତ ପକ୍ଷରୁ ସେ ୮୫ଟି ଟେଷ୍ଟ, ୯୦ଟି ଦିନିକିଆ ଓ ୨୦ଟି ଟି-୨୦ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ଟେଷ୍ଟରେ ସେ ୫,୦୭୭, ଦିନିକିଆରେ ୨,୯୬୨ ଓ ଟି-୨୦ରେ ୩୭୫ ରନ୍ ସଂଗ୍ରହ କରି ଜଣେ ଦମ୍‌ଦାର ବ୍ୟାଟର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଶେଷଥର ଲାଗି ୨୦୨୩ରେ ସେ ଭାରତ ପକ୍ଷରୁ ଏକ ଟେଷ୍ଟ ଖେଳିଥିଲେ। ସେହିଭଳି ଗତ ସଂସ୍କରଣରେ କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ ନେଇଥିବା ରାହାଣେ ଆଇପିଏଲ୍‌ରେ ମଧ୍ୟ ଆଉ ଖେଳିବେନି ବୋଲି ଜଣାପଡ଼ିଛି। ବିଦେଶ ମାଟିରେ ନିଜର ଦୃଢ଼ ଟେକ୍‌ନିକ ବ୍ୟାଟିଂ ଲାଗି ସମ୍ମାନ ସାଉଁଟିଥିବା ରାହାଣେ ୨୦୨୦-୨୧ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଇତିହାସ ସୃଷ୍ଟି କରିଥିଲେ। ପ୍ରଥମ ଟେଷ୍ଟରେ ଶୋଚନୀୟ ପରାଜୟ ପରେ ଅଧିନାୟକ ବିରାଟ କୋହଲି ସ୍ୱଦେଶ ଫେରିଆସିଥିଲେ। ସେହିଭଳି ପ୍ରମୁଖ ବ୍ୟାଟର ଆହତ ହେବା ସତ୍ତ୍ୱେ ମେଲବୋର୍ଣ୍ଣରେ ସେ ଦଳର ନେତୃତ୍ୱ ନେବା, ଶତକ ହାସଲ କରିବା ଓ ବିଜୟୀ କରାଇବାର ସ୍ମରଣୀୟ ମୁହୂର୍ତ୍ତକୁ କୌଣସି ଭାରତୀୟ ଭୁଲି ପାରିବେ ନାହିଁ। ଏହାପରେ ଗାବ୍‌ବାରେ ଖେଳାଯାଇଥିବା ତୃତୀୟ ଟେଷ୍ଟକୁ ଚମତ୍କାର ଶୈଳୀରେ ଜିତିବା ସହ ୨-୧ରେ ସିରିଜ୍ କବ୍‌ଜା କରି ଇତିହାସ ସୃଷ୍ଟି କରିଥିଲେ।

**ସଂକ୍ଷେପରେ କ୍ୟାରିୟର**

| ଫର୍ମାଟ | ମ୍ୟାଚ୍ | ରନ | ଆଭରେଜ | ୧୦୦/୫୦ |
|---|---|---|---|---|
| ଟେଷ୍ଟ | ୮୫ | ୫୦୭୭ | ୩୮.୪୬ | ୧୨/୨୬ |
| ଦିନିକିଆ | ୯୦ | ୨୯୬୨ | ୩୫.୨୬ | ୩/୨୪ |
| ଟି-୨୦ | ୨୦ | ୩୭୫ | ୨୦.୮୩ | ୦/୧ |
| ପ୍ରଥମଶ୍ରେଣୀ | ୨୦୫ | ୧୪୨୦୯ | ୪୪.୯୬ | ୪୨/୫୯ |
| ଲିଷ୍ଟ-ଏ | ୧୯୨ | ୬୮୫୩ | ୩୯.୮୪ | ୧୦/୪୯ |
| ଆଇପିଏଲ | ୨୧୨ | ୫୩୬୭ | ୩୦.୧୫ | ୨/୩୫ |

## ଫ୍ଲେମିଂ ଇଂଲଣ୍ଡର ନୂଆ କୋଚ୍, ରୁଟ୍‌ଙ୍କୁ ନେତୃତ୍ୱ



**ଲଣ୍ଡନ,୩୦।୭ (ଏଜେନ୍ସି):** ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟର୍ ଷ୍ଟିଫେନ ଫ୍ଲେମିଂଙ୍କୁ ଇଂଲଣ୍ଡ ଟେଷ୍ଟ କ୍ରିକେଟ ଦଳର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଛି। ଅନ୍ୟତମ ନ୍ୟୁଜିଲାଣ୍ଡ ଖେଳାଳି ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କ ସ୍ଥାନରେ ଫ୍ଲେମିଂ ଏହି ଦାୟିତ୍ୱ ଗ୍ରହଣ କରିବେ। ସେହିପରି ବେନ୍ ଷ୍ଟୋକ୍ସ ହଠାତ୍ ଅବସର ଗ୍ରହଣ କରିବା ପରେ ଦଳ ସର୍ବାଧିକ ଅଭିଜ୍ଞ ଖେଳାଳି ଜୋ ରୁଟ୍‌ଙ୍କୁ ପୁଣିଥରେ ଟେଷ୍ଟ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଫ୍ଲେମିଂ ଓ ରୁଟ୍‌ଙ୍କ ଯୋଡି ଲାଗି ଦକ୍ଷିଣ ଆଫ୍ରିକା ଗସ୍ତ ପ୍ରଥମ ଚ୍ୟାଲେଞ୍ଜ ହେବ। ତେବେ ପାକିସ୍ତାନ ବିପକ୍ଷ ଆଗାମୀ ସିରିଜ୍‌ରେ ମାର୍କସ ଟ୍ରେସ୍କୋଥିକ ଦଳର କାମଚଳା କୋଚ୍ ଦାୟିତ୍ୱରେ ରହିବେ। ଦୀର୍ଘ ୧୮ ବର୍ଷଧରି ଚେନ୍ନାଇ ସୁପର କିଙ୍ଗସର ମୁଖ୍ୟ କୋଚ୍ ରହିବା ପରେ ଇଂଲଣ୍ଡକୁ ଏକ ନୂଆ ଟେଷ୍ଟ ଟିମ୍ ଗଠନ କରିବାରେ ୫୩ ବର୍ଷୀୟ ଫ୍ଲେମିଂ ସହାୟତା କରିବେ। ମ୍ୟାକ୍‌କୁଲାମ ପୂର୍ବପରି ସୀମିତ ଓଭର ଟିମ (ଦିନିକିଆ ଓ ଟି-୨୦)ର ପ୍ରଶିକ୍ଷକ ଦାୟିତ୍ୱ ବହନ କରିବେ।

## ବ୍ରାଜିଲ ସହ ଫୁଟ୍‌ବଲ୍ ଖେଳିବ ଭାରତ

**କୋଲକାତା, ୩୦।୭ (ଏଜେନ୍ସି):** ପାଞ୍ଚଥର ବିଶ୍ୱକପ୍ ବିଜେତା ବ୍ରାଜିଲ ସହ ଭାରତ ଏକ ଫୁଟବଲ୍ ମ୍ୟାଚ୍ ଖେଳିବ। ଅକ୍ଟୋବର ୩ରେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ବ୍ରାଜିଲ ଫୁଟବଲ୍ ଫେଡେରେସନ (ସିବିଏଫ) ପକ୍ଷରୁ ଗୁରୁବାର ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି। ଫିଫା ମାନ୍ୟତାରେ ଭାରତ ବର୍ତ୍ତମାନ ୧୩୮ତମ ସ୍ଥାନରେ ରହିଛି। ସେହିଭଳି ବିଶ୍ୱ ଫୁଟବଲର ପାୱାର ହାଉସ୍ ବ୍ରାଜିଲ ୫ମ ମାନ୍ୟତା ଦଳ। ଫଳରେ ୧୯୯୨ରେ ଫିଫା ର୍‍ୟାଙ୍କିଂ ପ୍ରଚଳନ ହେବା ପରଠାରୁ ଭାରତ ପ୍ରଥମଥର ଲାଗି ଏକ ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ଦଳ ବିପକ୍ଷରେ ଖେଳିବାକୁ ଯାଉଛି। ତେବେ ଏହି ପ୍ରତୀକ୍ଷିତ ମ୍ୟାଚରେ ବ୍ରାଜିଲର ସର୍ବକାଳୀନ ଶ୍ରେଷ୍ଠ ତାରକା ନେମାରଙ୍କୁ ଦେଖିବାକୁ ମିଳିବ ନାହିଁ। ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପରେ ରାଉଣ୍ଡ-୩୨ରେ ହାରିବା ପରେ ନେମାର ଗତକାଲି ତାଙ୍କ ଅବସର ସ୍ପଷ୍ଟ କରିଥିଲେ। ଉଲ୍ଲେଖଯୋଗ୍ୟ, ବ୍ରାଜିଲ୍ ବାହାରେ ସର୍ବାଧିକ ବ୍ରାଜିଲୀୟ ପ୍ରଶଂସକ ଭାରତରେ ରହିଛନ୍ତି।

## ● ଦୁଲୀପ ଟ୍ରଫି କ୍ରିକେଟ

# ଚର୍ଚ୍ଚାରେ ଉପଅଧିନାୟକ ସୂର୍ଯ୍ୟବଂଶୀ

କୋଲକାତା,୩୦।୭ (ଏଜେନ୍ସି)

ଅଗଷ୍ଟ ୨୩ରୁ ଉତ୍ତରାଞ୍ଚଳ ସହ ଖେଳାଯିବାକୁ ଥିବା ଦୁଲୀପ୍ ଟ୍ରଫିର ଉଦ୍‌ଘାଟନୀ ମୁକାବିଲା ଲାଗି ଇଶାନ କିଶାନଙ୍କୁ ପୂର୍ବାଞ୍ଚଳର ଅଧିନାୟକ ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ସୂର୍ଯ୍ୟବଂଶୀଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଥିବାରୁ ଅନେକ ପୂରାତନ ଖେଳାଳି ପୂର୍ବାଞ୍ଚଳ ଚୟନ କମିଟିକୁ ସମାଲୋଚନା କରିଛନ୍ତି। ସେମାନଙ୍କ କହିବା କଥା ହେଲା ଉପଅଧିନାୟକ ପଦ ଦିଆଯିବା ଅର୍ଥ ଏତେ କମ୍ ବୟସରୁ ତାଙ୍କୁ ଚାପ ଦେବା। ଫଳରେ ସେ ତାଙ୍କ ସ୍ୱାଭାବିକ ଖେଳ ପ୍ରଦର୍ଶନ କରିପାରିବେ ନାହିଁ। ଏହାକୁ କିନ୍ତୁ ଖଣ୍ଡନ କରିଛି କମିଟି। କମିଟିର କହିବା କଥା ହେଲା, ସୂର୍ଯ୍ୟବଂଶୀ ବିହାର ଓ ୧୯ ବର୍ଷର କମ୍ ଦଳର ଉପଅଧିନାୟକ ଦାୟିତ୍ୱ ସମ୍ଭାଳିଛନ୍ତି। ଏଣୁ ସେ ଚାପରେ ପଡ଼ିବେ ନାହିଁ ବୋଲି କମିଟି ଯୁକ୍ତି ବାଢ଼ିଛି। ଘୋଷିତ ୧୫ ଜଣିଆ ଦଳରେ ଝାଡଖଣ୍ଡରୁ ୫, ବେଙ୍ଗଲରୁ ସର୍ବାଧିକ ୬, ଓଡ଼ିଶା, ଆସାମ, ବିହାର ଓ ତ୍ରିପୁରାରୁ ଜଣେ ଲେଖାଏଁ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶାରୁ ଏକା ଶୁଭ୍ରାଂଶୁ ସେନାପତିଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ସମ୍ବିତ ଏସ୍ ବରାଳ ଓ ସ୍ୱସ୍ତିକ ସାମଲଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି।

## ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

# କ୍ୱାର୍ଟରଫାଇନାଲରୁ ଓଡ଼ିଶାର ବିଦାୟ

ଭୁବନେଶ୍ୱର,୩୦।୭ (ସମିସ)



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ଓଡ଼ିଶାର ସମସ୍ତ ପ୍ରତିଯୋଗୀ ବିଦାୟ ନେଇଛନ୍ତି। ଫଳରେ ଏଠାରେ ପୋଡିୟମ୍ ଫିନସ କରିବାକୁ ଆଶାୟୀ ଥିବା ଓଡ଼ିଆଙ୍କ ଲାଗି ଏହା ଶକ୍ତ ଧକ୍କା ଦେଇଛି। ଓଡ଼ିଶାର ଶ୍ରେଷ୍ଠ ଆଶା ତଥା ୧୯ ବର୍ଷରୁ କମ୍ ଜାତୀୟ ଚାମ୍ପିଅନ ତନ୍ୱି ପତ୍ରି ମଧ୍ୟ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ୧୦ ନମ୍ବର ସିଡ୍ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କଠାରୁ ୧୫-୧୦, ୮-୧୫ ଓ ୧୬-୧୪ରେ ସଂଘର୍ଷ କରି ତନ୍ୱି ପରାଜିତ ହୋଇଥିଲେ। ତାଙ୍କ ବ୍ୟତୀତ ମିକ୍ସଡ ଓ ବାଳକ ଡବଲ୍ସ ଯୋଡିରେ ଖେଳୁଥିବା ଦିବ୍ୟମ କେଜରିୱାଲ ମଧ୍ୟ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଦିବ୍ୟମଙ୍କ ଡବଲ୍ସ ପାର୍ଟନର ଥିଲେ ଶୁଭ୍ରକେତନ ମଲ୍ଲିକ ଓ ମିକ୍ସଡ ଡବଲ୍ସରେ ପାର୍ଟନର ଥିଲେ ସ୍ୱିଟିପ୍ରିୟା ପ୍ରଧାନ। ଆଜି ମହିଳା ଏକକ ସେମିରେ ତାମିଲନାଡୁର ଦୀକ୍ଷାଙ୍କ ସହ ଆଦର୍ଶିନୀ ଶ୍ରୀ, ରାଜସ୍ଥାନର ପାରୁଲ ଚୌଧୁରୀ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେହିପରି ବାଳକ ଏକକରେ ଉତରାଖଣ୍ଡର ନିଶ୍ଚଳ ଚାନ୍ଦ, ତେଲଙ୍ଗାନାର ଶଶାଙ୍କ ଭାନମାଳା ଓ ଟି ଜ୍ଞାନଦତ, କର୍ଣ୍ଣାଟକର ହାର୍ଦ୍ଦିକ ଦିବ୍ୟନାସ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ ରଖିଛନ୍ତି। ଶୁକ୍ରବାର ସେମିଫାଇନାଲ ଓ ଅଗଷ୍ଟ ୧ରେ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପନ ହେବ ବୋଲି ଆୟୋଜକ ସଂଘର ସମ୍ପାଦକ ନୀଳିକ କୁମାର ଜଣାଇଛନ୍ତି।

FOR RENT

Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

**8249526803**

# ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚ୍‌ପିସିର ଦୁଇବର୍ଷ ପୂରଣ



**ଭୁବନେଶ୍ୱର, ୩୦।୭ (ସମିସ):** ପୁରୀସ୍ଥିତ ଓଡ଼ିଶା ଏଏମ୍/ଏନଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ନିଜର ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା କେନ୍ଦ୍ରର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଖୋ ଖୋ ଚୟନ ପରୀକ୍ଷଣ-୨୦୨୬ ମାଧ୍ୟମରେ ୧୯ଜଣ ନୂତନ ପ୍ରତିଭାଶାଳୀ ଆଥଲେଟମାନଙ୍କୁ କେନ୍ଦ୍ରରେ ସାମିଲ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଭାରତୀୟ ଖୋ ଖୋ ଦଳର ଅଧିନାୟକ ପ୍ରତୀକ ୱାଇକର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଭାରତୀୟ ଖୋ ଖୋ ମହାସଂଘର ଉପସଭାପତି ତଥା ରାଜ୍ୟ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଏଏମ/ଏନଏସ ଇଣ୍ଡିଆ ମାନବ ସମ୍ବଳ ବିଭାଗ ମୁଖ୍ୟ ଦେବବ୍ରତ ଦାଶ, ସିଏସଆର ବିଭାଗ ମୁଖ୍ୟ ବିକାଶ ଯାଦଭେନ୍ଦୁ ଓ ଓଡ଼ିଶା ଏଚପିସିର ପ୍ରକଳ୍ପ ମୁଖ୍ୟ ସାଗର ସାମଲ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏଏମ/ଏନଏସ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଆଶୁତୋଷ ତେଲାଙ୍ଗ କହିଛନ୍ତି ଯେ ଦୁଇ ବର୍ଷ ମଧ୍ୟରେ ଏହି ଏଚପିସି ଏକ ଅଗ୍ରଣୀ କେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଖୋ ଖୋ କ୍ରୀଡ଼ାରେ ଭାରତର ଗୌରବ ବଢ଼ାଇବାରେ ସକ୍ଷମ ଚାମ୍ପିଅନ ଆଥଲେଟ ସୃଷ୍ଟି କରିବା ଦିଗରେ ଆମର ପ୍ରୟାସ ଅବ୍ୟାହତ ରହିବ।

ସକାଳ
THE SAKALA
www.thesakala.in

The Sakala require the following post for Head Office urgently.

ADVERTISEMENT EXECUTIVE

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

## ୧୨ଟି ଭେନ୍ୟୁରେ ଖେଳାଯିବ ଦିନିକିଆ ବିଶ୍ୱକପ

**ଦୁବାଇ, ୩୦।୭ (ଏଜେନ୍ସି):** ଆସନ୍ତାବର୍ଷ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପକୁ ନେଇ ଆଇସିସି ଗୁରୁବାର ଏକ ବଡ଼ ଘୋଷଣା କରିଛି। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବ୍ୟାର ମୋଟ୍ ୧୨ଟି ଭେନ୍ୟୁରେ ବିଶ୍ୱକପ ମ୍ୟାଚଗୁଡ଼ିକ ଖେଳାଯିବ। ଏହି ଯେଉଁଥିରେ ଦକ୍ଷିଣ ଆଫ୍ରିକାର ୮ ଟି, ଜିମ୍ବାୱେର ୩ଟି ଓ ନାମିବ୍ୟାର ଗୋଟିଏ ଭେନ୍ୟୁକୁ ଆଇସିସି ମ୍ୟାଚ୍ ଆୟୋଜନ ଲାଗି ଅନୁମୋଦନ କରିଛି। ମୁଖ୍ୟ ଆୟୋଜକ ଦକ୍ଷିଣ ଆଫ୍ରିକାର ୱାଣ୍ଡରର୍ସ ଷ୍ଟାଡିୟମ (ଜୋହାନ୍ସବର୍ଗ), ସେଞ୍ଚୁରିଅନ୍ (ଟ୍ସୱାନ୍), ନ୍ୟୁଲାଣ୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡ (କେପ୍ ଟାଉନ୍), କିଙ୍ଗସମେଡ୍ କ୍ରିକେଟ୍ ଗ୍ରାଉଣ୍ଡ (ଡର୍ବାନ), ସେଣ୍ଟ ଜର୍ଜ୍ସ ପାର୍କ (ଗକେବେରା), ମାଙ୍ଗାଉଙ୍ଗ୍ ଓଭାଲ୍ (ବ୍ଲୋଏମ୍‌ଫୋଣ୍ଟେନ୍), ବୋଲାଣ୍ଡ ପାର୍କ (ପାର୍ଲ), ବଫାଲୋ ପାର୍କ (କୁଗୋମ୍ପୋ ସିଟି)ରେ ମ୍ୟାଚ୍ ଖେଳାଯିବ। ଉଲ୍ଲେଖଯୋଗ୍ୟ ଦୀର୍ଘ ୨୪ ବର୍ଷର ବ୍ୟବଧାନ ପରେ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାକୁ ପ୍ରତ୍ୟାବର୍ତ୍ତନ କରିଛି। ୨୦୨୭ ଅକ୍ଟୋବର ୪ରୁ ନଭେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ବିଶ୍ୱକପ୍ ଖେଳାଯିବ।

## ସନ୍ତରଣକାରୀ ଚିଦାନନ୍ଦଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୩୦।୭ (ସମିସ):** ଛତିଶଗଡ଼ରେ ଉଦ୍‌ଯାପିତ ହୋଇଥିବା ସିବିଏସଇ ଇଷ୍ଟଜୋନ ସୁଇମିଂ ଚାମ୍ପିଅନସିପ୍‌ରେ ଓଡ଼ିଶାର ଆରବ ଚିଦାନନ୍ଦ ସ୍ୱାଇଁ ୬ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଯେଉଁଥିରେ ୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଥିଲା। ଏହି ସଫଳତା ଲାଗି ଓଡ଼ିଶା ମଡର୍ଣ୍ଣ ପେଣ୍ଟାଥଲନ ସଂଘ ପକ୍ଷରୁ ଗୁରୁବାର ଚିଦାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣି, ସଂଘର ସାଧାରଣ ସମ୍ପାଦକ ଏମଡି ଆଜମ ପ୍ରମୁଖ ଉପସ୍ଥିତ ଥିଲେ।

ନନ୍ଦିଘୋଷ
NANDIGHOSHA TV
RECRUITMENT

Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.

POSITION OPEN

1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.

2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.

HOW TO APPLY
Interested candidates may send their updated resume to:
hr@nandighoshatv.com
by 31st July 2026
Note:
Only shortlisted candidates will be contacted for the selection process.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS